RNI No.ODIODI/2010/33031
୧୭ ବର୍ଷ | Volume-17
ISSUE -170 | ସଂଖ୍ୟା-୧୭୦
ଭୁବନେଶ୍ୱର, ଶନିବାର ୧୯ ସେପ୍ଟେମ୍ବର ୨୦୨୬
Bhubaneswar, Saturday 19 September, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ଆଣ୍ଡାମାନ ସାଗରକୁ ଗତି କଲା ଘୂର୍ଣ୍ଣିବଳୟ

ଭୁବନେଶ୍ୱର,୧୮।୯(ନି.ପ୍ର): ଉତ୍ତର ଥାଇଲ୍ୟାଣ୍ଡ ଉପରେ ବାୟୁମଣ୍ଡଳର ମଧ୍ୟଭାଗରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ସନ୍ଧ୍ୟା ସୁଦ୍ଧା ଉତ୍ତର ଆଣ୍ଡାମାନ ସାଗର ଅଞ୍ଚଳକୁ ଗତି କରିଛି। ଆସନ୍ତାକାଲି ସନ୍ଧ୍ୟା ସୁଦ୍ଧା ସେହି ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା କ୍ରମଶଃ ଘନୀଭୂତ ହୋଇ ପରବର୍ତ୍ତୀ ୩-୪ ଦିନ ମଧ୍ୟରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ଗତି କରିବାର ସମ୍ଭାବନା ରହିଛି ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଯାହା ଆକଳନ କରାଯାଉଛି, ଏହା ପ୍ରଭାବରେ ୨୨ ତାରିଖରୁ ରାଜ୍ୟର ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହୋଇପାରେ। ଅନ୍ୟପକ୍ଷରେ ଆସନ୍ତାକାଲି ସକାଳ ସାଢେ ୮ ପର୍ଯ୍ୟନ୍ତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା, ବିଜୁଳି ଘଡଘଡି ସହ ୪୦ ରୁ ୫୦ କି.ମି. ଝଟକା ପବନ ହେବାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି ।

ଏହା ସହ ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ ଜିଲ୍ଲାରେ ପ୍ରବଳ ବର୍ଷା ଓ ବିଜୁଳି ଘଡଘଡି ସହ ୩୦ ରୁ ୪୦ ଝଟକା ପବନ ବିହିବାର ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ମୌସୁମୀ ଋତୁରେ ବର୍ତ୍ତମାନ ପର୍ଯ୍ୟନ୍ତ ୧୧ଟି ଲଘୁଚାପ ସୃଷ୍ଟି ହୋଇଥିବା ବେଳେ ଗତ ୨୪ ଘଣ୍ଟାରେ ରାଜ୍ୟର ସବୁ ଜିଲ୍ଲାରେ ସ୍ୱାଭାବିକ ବର୍ଷା ସହ ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ରେକର୍ଡ କରାଯାଇଛି । ଏହା ସହ ଗୋଟିଏ ସ୍ଥାନରେ ଅତ୍ୟଧିକ ପ୍ରବଳ ବର୍ଷା ରେକର୍ଡ କରାଯାଇଥିବା ବେଳେ ୧୯ ଜିଲ୍ଲାରେ ଅତି ପ୍ରବଳ ଓ ୯ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା କେବଳ ଗଜପତି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି। ସେପଟେ ଜୁନ୍ ୧ ରୁ ଏଯାବତ ୧୨୭୬.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ସ୍ୱାଭାବିକ ବର୍ଷା ରହିଛି ୧୦୭୬.୬ ମିଲିମିଟର।



## ନରାଜରେ ହେବ ଓଡ଼ିଶା ସିଲିକନ୍ ଭାଲି

ନୂଆଦିଲ୍ଲୀ,୧୮।୯: 'ସେମିକନ୍ ଇଣ୍ଡିଆ ୨୦୨୬' ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରର ଭବିଷ୍ୟତ ଓ ନୂତନ ନିବେଶ ସମ୍ପର୍କରେ ଏକ ବଡ଼ ଘୋଷଣା କରିଛନ୍ତି। କଟକ'ର ନରାଜଠାରେ ୮୭୦ ଏକର ପରିମିତ ଜମିରେ 'ଓଡ଼ିଶା ସିଲିକନ୍ ଭାଲି' ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।ସୂଚନାଯୋଗ୍ୟଯେ, ରାଜ୍ୟରେ ସେମିକଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ପ୍ରକଳ୍ପଗୁଡ଼ିକୁ ଏକାଠି କରି ଏକ ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ହବ୍?'ରେ ପରିଣତ କରିବା ପାଇଁ ଏହି ପ୍ରକଳ୍ପ ହାତକୁ ନିଆଯାଇଛି। ନରାଜର ଭୌଗଳିକ ଅବସ୍ଥିତି ଶିଳ୍ପ ପାଇଁ ଅତ୍ୟନ୍ତ ଅନୁକୂଳ ଅଟେ। ଏଠାରୁ ଭୁବନେଶ୍ୱର-କଟକ ସହରାଞ୍ଚଳ କରିଡର ସହ ସୁଗମ ଯୋଗାଯୋଗ ସୁବିଧା ରହିବା ସହ ମହାନଦୀ ନିକଟବର୍ତ୍ତୀ ହୋଇଥିବାରୁ ଆବଶ୍ୟକ ଜଳ ଯୋଗାଣ ମଧ୍ୟ ସହଜ ହୋଇପାରିବ। ଏହାଛଡ଼ା, ପାରାଦୀପ ଏବଂ ଧାମରା ବନ୍ଦର ସହ ସଂଯୋଗ ରହୁଥିବାରୁ ଏହା ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳା ପାଇଁ ଏକ ମୁଖ୍ୟ କେନ୍ଦ୍ର ପାଲଟିବ।ଏହି ସମ୍ମିଳନୀ ଅବସରରେ ରାଜ୍ୟ ସରକାର ପ୍ରାୟ ୨୩,୬୦୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ପାଇଛନ୍ତି, ଯାହାଦ୍ୱାରା ପ୍ରାୟ ୬,୧୦୦ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା 'ସେମିକନ୍ ୨.୦' ଅଧୀନରେ ଓଡ଼ିଶାରେ ଏକ ସମ୍ପୂର୍ଣ୍ଣ ସେମିକଣ୍ଡକ୍ଟର ଭାଲ୍ୟୁ ଚେନ୍ ଗଠନ ଦିଗରେ ଏକ ବଡ଼ ପଦକ୍ଷେପ। ଏହା ସହିତ ସିଲିକନ୍ କାର୍ବାଇଡ୍ ସବଷ୍ଟ୍ରେଟ୍ ୱାଫର ପ୍ରସ୍ତୁତି ପାଇଁ 'କ୍ୱାଡ୍କ୍ୱାଣ୍ଟମ' ସଂସ୍ଥା ସହ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।ନୂଆଦିଲ୍ଲୀରେ ଚାଲିଥିବା ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଜାପାନ, ସ୍ୱିଡେନ୍ ଏବଂ ତାଇୱାନର ଆନ୍ତର୍ଜାତୀୟ ପ୍ରତିନିଧି ଦଳ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏହାବ୍ୟତୀତ ଲ୍ୟାମ୍ ରିସର୍ଚ୍ଚ, ଆପ୍ଲାଏଡ୍ ମେଟେରିଆଲ୍ସ, ସିକ ସେମ୍, ଥ୍ରୀ-ଡି ଗ୍ଲାସ୍ ସୋଲୁସନ ଏବଂ ସାଇଏଣ୍ଟ୍ ଭଳି ପ୍ରମୁଖ ବିଶ୍ୱସ୍ତରୀୟ କମ୍ପାନିଗୁଡ଼ିକର ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ସେମିକଣ୍ଡକ୍ଟର ଯାତ୍ରା ବର୍ତ୍ତମାନ କେବଳ ପରିକଳ୍ପନା ସ୍ତରରୁ ଆଗକୁ ଯାଇ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଦିଗରେ ଦ୍ରୁତ ଗତିରେ ଆଗେଇ ଚାଲିଛି। ଆମେ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳାର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ପୁଞ୍ଜିନିବେଶ ଆକର୍ଷିତ କରିବାରେ ଏବଂ ସବୁଠାରୁ ବଡ଼ କଥା ହେଲା ପ୍ରମୁଖ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ଦିଗରେ ସଫଳ ହୋଇଛୁ। 'ସେମିକନ୍ ଇଣ୍ଡିଆ ୨୦୨୬'ରେ ଶିଳ୍ପ ଜଗତର ଅଗ୍ରଣୀ ବ୍ୟକ୍ତିବିଶେଷଙ୍କ ସହ ଆମର ଆଲୋଚନା ଏହି ଗତିକୁ ଆହୁରି ଆଗକୁ ବଢ଼ାଇବା ଏବଂ ଓଡ଼ିଶାକୁ ପରବର୍ତ୍ତୀ ପର୍ଯ୍ୟାୟର ସେମିକଣ୍ଡକ୍ଟର ନିବେଶ ଆଣିବା ଉପରେ କେନ୍ଦ୍ରୀଭୂତ ରହିଛି।ଏକ ଅଗ୍ରଣୀ ସେମିକଣ୍ଡକ୍ଟର ହବ୍ ଭାବେ ଉଭା ହେବା ପାଇଁ ଆବଶ୍ୟକ ହେଉଥିବା ବ୍ୟାପକ ଇକୋସିଷ୍ଟମ୍ ଗଠନ ନିମନ୍ତେ ଓଡ଼ିଶା କ୍ରମାଗତ ଭାବେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି। ରାଜ୍ୟ ସରକାର ସେମିକଣ୍ଡକ୍ଟର ନୀତିକୁ ବିକଶିତ ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ୨.୦ ସହିତ ସମନ୍ୱୟ ରକ୍ଷା କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ଏହାର ସେମିକଣ୍ଡକ୍ଟର ନୀତିର ସଦ୍ୟତମ ତୃତୀୟ ସଂଶୋଧନ ମାଧ୍ୟମରେ ସେମିକଣ୍ଡକ୍ଟର ଶିଳ୍ପ ପ୍ରତିଷ୍ଠା ପାଇଁ ସହାୟତାକୁ ଆହୁରି ବ୍ୟାପକ କରାଯାଇଛି। ଏହି ସଂଶୋଧନ ଜରିଆରେ, ଓଡ଼ିଶା ପକ୍ଷରୁ ସେମିକଣ୍ଡକ୍ଟର ଉପକରଣ ତିଆରି, ସେମିକଣ୍ଡକ୍ଟର-ଗ୍ରେଡ୍ ଗ୍ୟାସ୍, କଞ୍ଚାମାଲ ଏବଂ ଯୋଗାଣ ଶୃଙ୍ଖଳା ବିଭାଗରେ ଆଇଏସଏମ-ଅନୁମୋଦିତ ପ୍ରକଳ୍ପଗୁଡ଼ିକୁ ୨୫% ଅତିରିକ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ବର୍ତ୍ତମାନର ନୀତିଗତ ବ୍ୟବସ୍ଥା ଅଧୀନରେ ୱାର୍କଫୋର୍ସର ଦକ୍ଷତା ବୃଦ୍ଧି, ଇଣ୍ଟର୍ନସିପ୍, ଆନ୍ତର୍ଜାତୀୟ ପେଟେଣ୍ଟ୍ ଏବଂ ଗବେଷଣା ତଥା ବିକାଶ ପାଇଁ ମଧ୍ୟ ସହାୟତା ଯୋଗାଇ ଦିଆଯାଉଛି।



## ଆଜି କଟକ ଓ ଭୁବନେଶ୍ୱରଠାରେ ରୋଜଗାର ମେଳା

ଭୁବନେଶ୍ୱର,୧୮।୯(ନି.ପ୍ର): ସେପ୍ଟେମ୍ବର ୧୯ରେ ଆୟୋଜିତ ହେବାକୁ ଥିବା ୨୦ତମ ରୋଜଗାର ମେଳା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସିଂ ଜରିଆରେ ବିଭିନ୍ନ ସରକାରୀ ବିଭାଗ ଓ ସଂସ୍ଥାରେ ନୂତନ ଭାବେ ନିଯୁକ୍ତି ପାଇଥିବା ଯୁବକଯୁବତୀମାନଙ୍କୁ ୫୧,୦୦୦ରୁ ଅଧିକ ନିଯୁକ୍ତି ପତ୍ର ବଣ୍ଟନ କରିବେ। ଏହି ଅବସରରେ ସେ ନବନିଯୁକ୍ତ ପ୍ରାର୍ଥୀମାନଙ୍କୁ ସମ୍ବୋଧିତ କରିବେ।

ଦେଶବ୍ୟାପୀ ଏହି ରୋଜଗାର ମେଳା ୪୫ଟି ସ୍ଥାନରେ ଅନୁଷ୍ଠିତ ହେବ। ନୂତନ ଭାବେ ନିଯୁକ୍ତ ପ୍ରାର୍ଥୀମାନେ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗରେ ଯୋଗଦେବେ, ଯେଉଁଥିରେ ଅନ୍ତର୍ଭୁକ୍ତ ରହିଛି ରାଜସ୍ୱ ବିଭାଗ, ରେଳ ମନ୍ତ୍ରଣାଳୟ, ଗୃହ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଆର୍ଥିକ ସେବା ବିଭାଗ, ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ।

ଦେଶବ୍ୟାପୀ ଆୟୋଜିତ ଏହି କାର୍ଯ୍ୟକ୍ରମର ଏକ ଅଂଶବିଶେଷ ଭାବରେ ଓଡ଼ିଶାରେ ଦୁଇଟି ରୋଜଗାର ମେଳା କଟକ ଏବଂ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଉଭୟ ସ୍ଥାନରେ ନବନିଯୁକ୍ତ ପ୍ରାର୍ଥୀମାନଙ୍କୁ ଆନୁଷ୍ଠାନିକ ଭାବରେ ନିଯୁକ୍ତି ପତ୍ର ପ୍ରଦାନ କରାଯିବ ଏବଂ କିଛି ନୂତନ ନିଯୁକ୍ତିପ୍ରାପ୍ତ ପ୍ରାର୍ଥୀ ସରକାରୀ ଚାକିରିରେ ଯୋଗଦେବାର ନିଜର ଅଭିଜ୍ଞତା ସମ୍ପର୍କରେ କହିବେ।

କଟକରେ, ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ଥିବା ରେଭେନ୍ସା କନଭେନ୍ସନ୍ ସେଣ୍ଟରରେ ଏହି ରୋଜଗାର ମେଳା ଅନୁଷ୍ଠିତ ହେବ। କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଭୁବନେଶ୍ୱରରେ ଏହି କାର୍ଯ୍ୟକ୍ରମ ଚନ୍ଦ୍ରଶେଖରପୁର ସ୍ଥିତ ରେଳ କୁଟୀର, ଜି-୧୮/୪, ରେଳ ଅଡିଟୋରିୟମଠାରେ ଅନୁଷ୍ଠିତ ହେବ। ଏଥିରେ ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ କମଲେଶ ପାଶୱାନ ମୁଖ୍ୟ ଅତିଥି ଭାବେ ଯୋଗଦେବେ।ଭୁବନେଶ୍ୱର କାର୍ଯ୍ୟକ୍ରମରେ ବିଭିନ୍ନ କେନ୍ଦ୍ରୀୟ ସରକାରୀ ବିଭାଗରୁ ପ୍ରାୟ ୧୬୧ ଜଣ ନବନିଯୁକ୍ତ ପ୍ରାର୍ଥୀ ଅଂଶଗ୍ରହଣ କରିବେ। ଅଂଶଗ୍ରହଣ କରୁଥିବା ବିଭାଗଗୁଡ଼ିକ ମଧ୍ୟରେ ରେଳବାଇ (୩୭), ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ/ଏମ୍ସ (୪୧), ଡାକ ବିଭାଗ (୩୦), ଭୁବନେଶ୍ୱର ସିଜିଏସ୍ଟି (୨୨), ଆୟକର/ସିବିଡିଟି (୧୦), ଇଏସ୍ଆଇସି ଓଡ଼ିଶା (୮), ଜଳ ଶକ୍ତି ମନ୍ତ୍ରଣାଳୟ/କେନ୍ଦ୍ରୀୟ ଭୂଜଳ ବୋର୍ଡ (୪), ଆର୍ଥିକ ସେବା ବିଭାଗ/ଏସ୍ଏଲ୍ବିସି (୩), ସିଆଇଏସ୍ଏଫ୍ (୨), ଶିକ୍ଷା ମନ୍ତ୍ରଣାଳୟ (୨), ପ୍ରତିରକ୍ଷା ଲେଖା ବିଭାଗ/ସିଜିଡିଏ (୧), ଏବଂ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ (୧) ଅନ୍ତର୍ଭୁକ୍ତ। ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ଭୁବନେଶ୍ୱର କାର୍ଯ୍ୟକ୍ରମରେ ରୋଜଗାର ମେଳାର ଉଦ୍ଦେଶ୍ୟ ଏବଂ ମୁଖ୍ୟ ଦିଗଗୁଡ଼ିକ ଉପରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହେବ, ଯାହାପରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ରହିବ। ଏହାପରେ ମୁଖ୍ୟ ଅତିଥି ନୂତନ ନିଯୁକ୍ତ କର୍ମଚାରୀମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବେ ଏବଂ ଶେଷରେ କିଛି ନୂତନ ନିଯୁକ୍ତିପ୍ରାପ୍ତ ବ୍ୟକ୍ତି ସେମାନଙ୍କର ନୂତନ ଦାୟିତ୍ୱ ସମ୍ପର୍କରେ ନିଜର ଅଭିଜ୍ଞତା ଓ ଚିନ୍ତାଧାରା ବାଣ୍ଟିବେ।

## ୮ ଲକ୍ଷ ଲାଞ୍ଚ ନେଇ ଧରା ପଡିଲେ ଜିଏସଟି ଅଧିକାରୀ

ନୂଆଦିଲ୍ଲୀ,୧୮।୯: ଧରାପଡିଛନ୍ତି ଜଣେ ଲାଞ୍ଚୁଆ ଜିଏସଟି ଅଧିକାରୀ। ମାମଲା ରଫାଦଫା କରିବାକୁ ଜଣେ କେନ୍ଦ୍ରୀୟ ଜିଏସଟି ସୁପରିନଟେଣ୍ଡେଣ୍ଟ ୮ ଲକ୍ଷ ଟଙ୍କା ଲାଞ୍ଚ ନେଉଥିଲେ। କିନ୍ତୁ ବେଙ୍ଗାଲୁରୁ ସିଟି ଲୋକାୟୁକ୍ତ ନଗଦ ୮ ଲକ୍ଷ ଟଙ୍କା ସହ ଲାଞ୍ଚୁଆ ଅଧିକାରୀଙ୍କୁ ରଙ୍ଗେ ହାତ ଧରିଛି। କ୍ୟାମେରାରେ ମଧ୍ୟ ତାଙ୍କ ଲାଞ୍ଚ କାରବାରର ରେକର୍ଡ କଏଦ ହୋଇଯାଇଛି। ଅଭିଯୁକ୍ତ ଜଣଙ୍କ ହେଲେ ମୋହିତ ପ୍ରତାପ ସିଂହ। ସେ ଦକ୍ଷିଣ କମିଶନରେଟର ଦକ୍ଷିଣ ଡିଭିଜନ ୪ର କେନ୍ଦ୍ରୀୟ ଜିଏସ୍ଟି ସୁପରିନଟେଣ୍ଡେଣ୍ଟ ଭାବେ କାର୍ଯ୍ୟ କରନ୍ତି। କିନ୍ତୁ ସେ ଏହି ପଦର ଦୁରୋପଯୋଗ କରିଥିଲେ।ଜଣେ ବ୍ୟବସାୟୀଙ୍କ ନାଁରେ ମୋଟା ଅଙ୍କର କେନ୍ଦ୍ରୀୟ ଜିଏସଟି ବାବଦ ଫିଁ' ଫାଙ୍କିବା ଅଭିଯୋଗ ଦାଖଲ ହୋଇଥିବା ଅଧିକାରୀ ଜଣଙ୍କ ତାଙ୍କୁ କହିଥିଲେ। ଏଥିସହ ମାମଲା ବନ୍ଦ କରିବାକୁ ଟଙ୍କା ମାଗିଥିଲେ।

## ନିଠାରୀ ହତ୍ୟାକାଣ୍ଡ : ଦୋଷମୁକ୍ତ ସୁରେନ୍ଦ୍ର କୋଲିଙ୍କ ମୃତଦେହ ଉଦ୍ଧାର

ନୂଆଦିଲ୍ଲୀ,୧୮।୯ : ଝୁଲନ୍ତା ଅବସ୍ଥା ମିଳିଛି ଏକଦା ନିଠାରୀର ରାକ୍ଷାସ ଭାବେ ପରିଚୟ ହାସଲ କରିଥିବା ସୁରିନ୍ଦର କୋଲିଙ୍କ ମୃତଦେହ। ନୋଏଡାର ନିଠାରୀ ଠାରେ ଛୋଟ ଛୋଟ ପିଲାଙ୍କୁ ହତ୍ୟା କରିବା ଘଟଣାରେ ଗତବର୍ଷ ସୁପ୍ରିମକୋର୍ଟ ସୁରେନ୍ଦ୍ରଙ୍କୁ ଦୋଷମୁକ୍ତ କରିଥିଲେ। ହେଲେ ଏବେ ହରିଦ୍ୱାର ସ୍ଥିତ ଗୋଟିଏ ଚା' ଷ୍ଟଲ ଭିତରୁ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ସେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଗତବର୍ଷ ସୁପ୍ରିମକୋର୍ଟରୁ ଦୋଷମୁକ୍ତ ହେବା ପରେ କୋଲି ସିଧା ହରିଦ୍ୱାର ଚାଲି ଯାଇଥିଲେ। ସେଠାରେ ଭଡାରେ ଗୋଟିଏ ଚା' ଷ୍ଟଲ ନେଇ ସେ ବେପାର ଆରମ୍ଭ କରିଥିଲେ। ହେଲେ ଆଜି ଚା' ଷ୍ଟଲ ଭିତରୁ ସେ ଗୋଟିଏ ଶୈଡି ଦ୍ୱାରା ଆତ୍ମହତ୍ୟା କରିଛନ୍ତି। ପୁଲିସ୍ ମୃତଦେହକୁ ଜବତ କରି ଉତ୍ତର ପ୍ରଦେଶର ଅଲମୋରାରେ ରହୁଥିବା ପରିବାର ଲୋକଙ୍କୁ ଖବର ଦେଇଛି। ସେହିପରି ଘଟଣାର ତଦନ୍ତ ଆରମ୍ଭ କରିଛି। ଆଜି ସକାଳେ ସପତ ଋଷି ପୁଲିସ୍ ?ଆଉଟପୋଷ୍ଟ ଏ ସମ୍ପର୍କରେ ପ୍ରଥମେ ଖବର ପାଇଥିଲା। ସପତ ସରଭର ରୋଡରେ ସ୍ଥିତ ଲାଲମାତା ମନ୍ଦିରର ବିପରୀତ ଦିଗରେ ଥିବା ଗୋଟିଏ ଚା' ଷ୍ଟଲ ଭିତରେ ଜଣେ ବ୍ୟକ୍ତି ଝୁଲି ପଡିଥିବା ଖବର ପାଇ ପୁଲିସ୍ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚିଥିଲା।

## ସୁନ୍ଦରଗଡ଼ରେ ସ୍କ୍ରବ୍ ଟାଇଫସ୍ ଚିନ୍ତା: ୮୭୧ ପଜିଟିଭ୍

ସୁନ୍ଦରଗଡ଼୧୮।୯(ନି.ପ୍ର.): :ବର୍ଷାଋତୁରେ ସୁନ୍ଦରଗଡ଼ରେ ଚିନ୍ତା ବଢ଼ାଇଛି ସ୍କ୍ରବ୍ ଟାଇଫସ୍। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଜଣେ ପରେ ଜଣେ ପଜିଟିଭ୍ ଚିହ୍ନଟ ହେଉଛନ୍ତି।

ଏବେ ସୁଦ୍ଧା ୮୭୧ ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଥିବା ସୂଚନା ମିଳିଛି। ତେବେ ଆଶ୍ୱସ୍ତିର କଥା, ଏହି ରୋଗରେ ଜିଲ୍ଲାରେ କାହାରି ମୃତ୍ୟୁ ହୋଇନଥିବା କହିଛି ସ୍ୱାସ୍ଥ୍ୟ ବିଭାଗ। ପରିସ୍ଥିତି ଉପରେ ନଜର ରଖିବା ସହ ଲୋକଙ୍କୁ ସଚେତନ କରାଯାଉଥିବା କହିଛନ୍ତି ସିଡିଏମ୍ଓ। ସ୍କ୍ରବ୍ ଟାଇଫସ୍ ଏକ ସଂକ୍ରମଣଜନିତ ରୋଗ। ଏହାର ଲକ୍ଷଣ ଦେଖାଦେଲେ ଅବହେଳା ନକରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।ଏଏପଟେ ଜିଲ୍ଲାରେ ସ୍କ୍ରବ୍ ଟାଇଫସ୍ ସ୍ଥିତି ଉପରେ ସ୍ୱାସ୍ଥ୍ୟ ବିଭାଗ ନଜର ରଖିଥିବା ବେଳେ ଲୋକଙ୍କୁ ସଚେତନ ଓ ସତର୍କ ରହିବାକୁ ପରାମର୍ଶ ଦିଆଯାଉଛି। ଏତେ ସଂଖ୍ୟକ ପଜିଟିଭ ଚିହ୍ନଟ ପରେ ରୋଗ ନିୟନ୍ତ୍ରଣ ସହ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା ସ୍ୱାସ୍ଥ୍ୟ ବିଭାଗ ପାଇଁ ବଡ଼ ଆହ୍ୱାନ ହୋଇଛି।

## ପୌର ନିର୍ବାଚନ ପାଇଁ ତତ୍ପରତା

ଭୁବନେଶ୍ୱର,୧୮।୯(ନି.ପ୍ର.): ରାଜ୍ୟରେ ଆଗାମୀ ପୌର ନିର୍ବାଚନ ପାଇଁ ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଛି। ରାଜ୍ୟର ପୌରପରିଷଦ, ବିଜ୍ଞାପିତ ଅଂଚଳ ପରିଷଦ(ଏନଏସି) ଓ ମହାନଗର ନିଗମଗୁଡିକରେ ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ସହ ଆସନ ସଂରକ୍ଷଣ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବା ପାଇଁ ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ସଂଶୋଧିତ କାର୍ଯ୍ୟସୂଚୀ ଜାରି କରାଯାଇଛି। ପୂର୍ବରୁ ସେପ୍ଟେମ୍ବର ୧୦ ତାରିଖରେ ଜାରି କରାଯାଇଥିବା ନିର୍ଦ୍ଦେଶନାମାରେ ଆଂଶିକ ପରିବର୍ତ୍ତନ କରାଯାଇ ବୌଦ୍ଧ ଜିଲ୍ଲାକୁ ବାଦ୍ ଦେଇ ଅନ୍ୟ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ମହାନଗର ନିଗମ କମିଶନରମାନଙ୍କୁ ଏହି ନୂଆ ସମୟସୀମା କଡାକଡି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

**ୱାର୍ଡ ପୁନର୍ଗଠନ ଓ ସଂରକ୍ଷଣ ତାରିଖ ବଦଳାଇଲେ ସରକାର, ଅକ୍ଟୋବର ୩୧ରେ ଚୂଡାନ୍ତ ତାଲିକା**

ସୂଚନା ଅନୁସାରେ, ଓଡିଶା ମ୍ୟୁନିସିପାଲ ଆଇନ-୧୯୫୦ର ଧାରା ୧୧ ଓ ୧୨ର ଏବଂ ରୁଲସ୍ ଅନୁସାରେ ଜିଲ୍ଲାପାଳମାନେ ଆସନ୍ତା ସେପ୍ଟେମ୍ବର ୨୪ତାରିଖରେ ପୌର ପରିଷଦ ଓ ଏନଏସି ପାଇଁ ୱାର୍ଡ ସୀମା ପୁନର୍ଗଠନ ଓ ସଂରକ୍ଷଣ ସମ୍ପର୍କିତ ଚିଠା ବିଜ୍ଞପ୍ତି ପ୍ରକାଶ କରି ଜନସାଧାରଣଙ୍କଠୁ ଆପତ୍ତି ଓ ପରାମର୍ଶ ଆହ୍ୱାନ କରିବେ। ଏହାଉପରେ ଦାବି କିମ୍ବା ଆପତ୍ତି ଦାଖଲ କରିବାର ଶେଷ ତାରିଖ ଅକ୍ଟୋବର ୩ତାରିଖ ରଖାଯାଇଛି। ଏହି ପ୍ରାଥମିକ ବିଜ୍ଞପ୍ତି ବିରୋଧରେ ଯଦି କାହାର ଆପତ୍ତି ଥାଏ, ତେବେ ସେମାନେ ଅକ୍ଟୋବର ୭ରୁ ୨୧ତାରିଖ ମଧ୍ୟରେ ନଗର ଉନ୍ନୟନ ବିଭାଗ ନିକଟରେ ଅପିଲ୍ କରିପାରିବେ।

ଦାଖଲ ହୋଇଥିବା ସମସ୍ତ ଅପିଲ୍ ଓ ତାହା ଉପରେ ଜିଲ୍ଲାପାଳଙ୍କ ମନ୍ତବ୍ୟକୁ ସ୍ୱତନ୍ତ୍ର ଦୂତ ଜରିଆରେ ଅକ୍ଟୋବର ୨୨ତାରିଖ ସୁଦ୍ଧା ଭୁବନେଶ୍ୱରସ୍ଥିତ ପୌର ପ୍ରଶାସନ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ। ଏହାପରେ ରାଜ୍ୟ ସରକାର ଅପିଲେଟ୍ କର୍ତ୍ତୃପକ୍ଷ ଭାବେ ପୌର ପ୍ରଶାସନ ନିର୍ଦ୍ଦେଶକ ଅକ୍ଟୋବର ୨୬ରୁ ୨୮ ମଧ୍ୟରେ ଏହି ଅପିଲଗୁଡିକର ଶୁଣାଣି କରି ଚୂଡାନ୍ତ ନିଷ୍ପତ୍ତି ଜଣାଇବେ। ସରକାରୀ ନିଷ୍ପତ୍ତି ଆଧାରରେ ଆବଶ୍ୟକ ସଂଶୋଧନ କରି ଜିଲ୍ଲାପାଳମାନେ ଅକ୍ଟୋବର ୩୧ ତାରିଖରେ ଚୂଡାନ୍ତ ବିଜ୍ଞପ୍ତି ପ୍ରକାଶ କରିବେ ଓ ତୁରନ୍ତ ଏହାର ନକଲ ରାଜ୍ୟ ନିର୍ବାଚନ କମିଶନ, ସରକାର ତଥା ସମ୍ପୃକ୍ତ ପୌରପାଳିକା କିମ୍ବା ଏନଏସିକୁ ପଠାଇବେ ବୋଲି ଜଣାପଡିଛି। ସେହିପରି ରାଜ୍ୟର ୪ ପ୍ରମୁଖ ମହାନଗର ନିଗମ ଯଥା ଭୁବନେଶ୍ୱର, କଟକ, ବ୍ରହ୍ମପୁର ଓ ରାଉରକେଲା ପାଇଁ ମଧ୍ୟ ସ୍ୱତନ୍ତ୍ର ସମୟସୀମା ନିର୍ଦ୍ଧାରଣ କରାଯାଇଛି। ଆସନ୍ତା ସେପ୍ଟେମ୍ବର ୨୪ ତାରିଖ ସୁଦ୍ଧା ସମ୍ପୃକ୍ତ ମହାନଗର ନିଗମଗୁଡିକ ପକ୍ଷରୁ ନିର୍ଦ୍ଧାରିତ ଫର୍ମ-୧ ଓ ଫର୍ମ-୨ରେ ୱାର୍ଡ ବିଭାଜନ, ଆସନ ସଂରକ୍ଷଣ ସୂଚନା, ସ୍କ ?ଚ୍ ମ୍ୟାପ୍ ଓ ନିଗମର ସଂକଳ୍ପ ସହିତ ନଗର ଉନ୍ନୟନ ବିଭାଗ ନିକଟରେ ଦାଖଲ କରାଯିବ।

ଏହାପରେ ଅକ୍ଟୋବର ୫ ତାରିଖରେ ସରକାରଙ୍କ ପକ୍ଷରୁ ମହାନଗର ନିଗମଗୁଡିକର ପ୍ରସ୍ତାବିତ ୱାର୍ଡ ପୁନର୍ଗଠନ ଓ ସଂରକ୍ଷଣର ଚିଠା ବିଜ୍ଞପ୍ତି ପ୍ରକାଶ ପାଇବ। ଅକ୍ଟୋବର ୧୪ ତାରିଖ ପର୍ଯ୍ୟନ୍ତ ଏହା ଉପରେ ସାଧାରଣ ଲୋକେ ନିଜର ଆପତ୍ତି ଓ ପ୍ରସ୍ତାବ ଦାଖଲ କରିପାରିବେ। ନିର୍ଦ୍ଧାରିତ ସମୟ ମଧ୍ୟରେ ସମଗ୍ର ପ୍ରକ୍ରିୟାକୁ ତ୍ରୁଟିଶୂନ୍ୟ ଭାବେ ଶେଷ କରିବାକୁ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳ ଓ ମହାନଗର ନିଗମ କମିଶନରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ରାଜ୍ୟରେ ପୌର ନିର୍ବାଚନ ଆସନ୍ତାବର୍ଷ ଏପ୍ରିଲ-ମଇ ସୁଦ୍ଧା କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି।

## ମୟୂରଭଞ୍ଜରେ କଙ୍ଗାରୁ କୋର୍ଟ

ବାରିପଦା: ମୟୂରଭଞ୍ଜଜିଲ୍ଲା ସାରସକଣା ବ୍ଲକ ଯୋକା ପଞ୍ଚାୟତରେ କଙ୍ଗାରୁ କୋର୍ଟର ଭିଡିଓ ସାମାଜିକ ଗଣମାଧ୍ୟମରେ ବେସ୍? ଆଲୋଡନ ସୃଷ୍ଟି କରିଛି। ଏକ ବିବାହିତା ମହିଳା ଓ ଯୁବକଙ୍କୁ ଗାଁ ପଞ୍ଚାୟତରେ ବିଚାର କରାଯାଇ ଦଣ୍ଡିତ କରାଯାଉଥିବା ଭିଡିଓକୁ ନେଇ ପୁଲିସ ତନାଘନା ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁସାରେ, ରତିଲା ଗ୍ରାମର ଜଣେ ଯୁବକଙ୍କ ସହ ଯୋକା ଗ୍ରାମର ଜଣେ ଦୁଇ ସନ୍ତାନର ବିବାହିତା ମହିଳାଙ୍କ ମଧ୍ୟରେ ଇନଷ୍ଟାଗ୍ରାମ ଜରିଆରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ତେବେ ଉଭୟ କୌଣସି ଏକାନ୍ତ ସ୍ଥାନରେ ପରସ୍ପରକୁ ସାକ୍ଷାତ କରିଥିଲେ। ଏହା ଗାଁର କେତେକ ଯୁବକ ଦେଖି ସେମାନଙ୍କୁ କାବୁ କରି ଗଛରେ ବାନ୍ଧିଥିଲେ। ଗାଁରେ ପଞ୍ଚାୟତ ବସାଇ ଜେରା କରିବା ସହ ନିର୍ଯାତନା ଦେଇଥିଲେ। ଦୀର୍ଘ ଦୁଇ ଦିନ ଧରି ସେମାନଙ୍କୁ ଏଭଳି ଅଟକ ରଖାଯାଇଥିବା କୁହାଯାଉଛି। ଘଟଣାସ୍ଥଳରେ ଉପସ୍ଥିତ କିଛି ଲୋକ ଏହାର ଭିଡିଓ ରେକର୍ଡ କରି ଭାଇରାଲ କରି ଦେଇଥିଲେ। ଏସପି ବରୁଣ ଗୁଣ୍ଟ ପାଲିଙ୍କ ନିର୍ଦ୍ଦେଶ ମତେ ଝାରପୋଖରିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଛି। ଏନେଇ ଏକ ମାମଲା ରୁଜୁ କରି ପଞ୍ଚାୟତ ବସାଇଥିବା ବ୍ୟକ୍ତିଙ୍କ ବିରୋଧରେ ତଦନ୍ତ ଆରମ୍ଭ କରିଛି।

## ପ୍ରଶ୍ନପତ୍ର ଲିକ୍ ବିବାଦରେ ଉତ୍କଳ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର,୧୮।୯(): ପ୍ରଶ୍ନପତ୍ର ଲିକ୍ ବିବାଦରେ ଛନ୍ଦି ହୋଇପଡିଛି ରାଜ୍ୟର ପ୍ରତିଷ୍ଠିତ ଉଚ୍ଚଶିକ୍ଷାନୁଷ୍ଠାନ ଉତ୍କଳ ବିଶ୍ୱବିଦ୍ୟାଳୟ। ପରୀକ୍ଷା ଆରମ୍ଭ ହେବା ପୂର୍ବରୁ ହ୍ୱାଟସଆପରେ ପ୍ରଶ୍ନପତ୍ର ଘୁରିବୁଲିବା ଘଟଣା ତୀବ୍ର ଆଲୋଡନ ସୃଷ୍ଟି କରିଛି। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଜର ଦୋଷ ଏଡାଇ ନପାରି ଶେଷରେ ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା କଥାକୁ ସ୍ୱୀକାର କରିଛନ୍ତି । ଆଉ ଶହୀଦନଗର ଥାନାରେ ଏନେଇ ବିଧିବଦ୍ଧ ଏତଲା ମଧ୍ୟ ଦେଇଛନ୍ତି।

ସୂଚନା ଅନୁସାରେ, ଯୁକ୍ତ ତିନି ଶ୍ରେଣୀର ଦ୍ୱିତୀୟ ସେମିଷ୍ଟାର ପରୀକ୍ଷାର ପ୍ରଶ୍ନପତ୍ର ହ୍ୱାଟସଆପରେ ଭାଇରାଲ ହୋଇଛି। ସେପ୍ଟେମ୍ବର ୧୨ତାରିଖରୁ ଆରମ୍ଭ ହୋଇଥିବା ଏହି ଦ୍ୱିତୀୟ ସେମିଷ୍ଟାର ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହେବାପରେ ପୁଣିଥରେ ପରୀକ୍ଷା ହେବାର ଆଶଙ୍କା ଦେଖାଦେଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ପ୍ରାୟ ୩୦୦ କଲେଜର ହଜାର ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିବାବେଳେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ କିଭଳି ହେଲା ତାହା ଏବେ ସବୁଠୁ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡକ୍ଟର ହୃଷିକେଶ ନାୟକ କହିଛନ୍ତି ଯେ, ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ଘଟଣା ସତ୍ୟ ଓ ଏହା କେଉଁ ସୂତ୍ରରୁ ବାହାରିଲା ତା'ର ପୁଙ୍ଖାନୁପୁଙ୍ଖ ଯାଂଚ ଆରମ୍ଭ ହୋଇଛି।

କୁଳପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରାଯିବା ସହିତ ଘଟଣାର ଅପରାଧିକ ଦିଗ ଉନ୍ମୋଚନ ପାଇଁ ଶହୀଦନଗର ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଛି। ସୋସିଆଲ ମିଡିଆରେ ପ୍ରଶ୍ନପତ୍ର ଭାଇରାଲ ହୋଇଥିବାରୁ ଆବଶ୍ୟକ ପଡିଲେ ସାଇବର ଥାନାର ମଧ୍ୟ ଦ୍ୱାରସ୍ଥ ହେବୁ ବୋଲି ଶ୍ରୀ ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ନିୟମ ଅନୁସାରେ ବିଶ୍ୱବିଦ୍ୟାଳୟ ପରିସରରୁ କଡା ସୁରକ୍ଷା ମଧ୍ୟରେ ସିଲ୍ ହୋଇ ପ୍ରଶ୍ନପତ୍ର ବିଭିନ୍ନ କଲେଜକୁ ପଠାଯାଇଥାଏ ଓ ପରୀକ୍ଷାର ଠିକ୍ ଅଧଘଣ୍ଟା ପୂର୍ବରୁ ସେଣ୍ଟର ସୁପରିଟେଣ୍ଡେଣ୍ଟଙ୍କ ଉପସ୍ଥିତିରେ ତାହା ଖୋଲାଯିବାର ବ୍ୟବସ୍ଥା ରହିଛି। ତେବେ ଏହି ସୁରକ୍ଷିତ ବ୍ୟବସ୍ଥାରେ କେଉଁଠି ତ୍ରୁଟି ରହିଲା ଓ କେଉଁ ଶିକ୍ଷକ ବା କର୍ମଚାରୀଙ୍କ ଅବହେଳା ଯୋଗୁଁ ଏପରି ଘଟିଲା, ତାହାର ପର୍ଦ୍ଦାଫାଶ ପାଇଁ ପ୍ରୟାସ ଚାଲିଛି।

ଶ୍ରୀ ନାୟକ ଆହୁରି ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ତଦନ୍ତ ପରେ ଯଦି ପ୍ରଶ୍ନପତ୍ର ବ୍ୟାପକ ଭାବେ ଲିକ୍ ହୋଇଥିବା ପ୍ରମାଣିତ ହୁଏ, ତେବେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ବିଷୟଗୁଡିକର ପରୀକ୍ଷା ବାତିଲ କରି ପୁନର୍ବାର ପରୀକ୍ଷା କରାଯିବ। ଏହି ଘଟଣାରେ ଯେଉଁମାନେ ବି ସମ୍ପୃକ୍ତ ଥିବେ, ସେମାନଙ୍କ ବିରୋଧରେ ଦୃଢ଼ ଦଣ୍ଡବିଧାନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ଏୟାର ଇଣ୍ଡିଆ ଏକ୍ସପ୍ରେସର ୮ ଜଣ କ୍ରିୟୁ ସଦସ୍ୟ ନିଲମ୍ବିତ

**ନୂଆଦିଲ୍ଲୀ,୧୮।୯**(ନି.ପ୍ର.):ବିମାନ ଅବତରଣ ପରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବାଧ୍ୟତାମୂଳକ ମଦ୍ୟପାନ ନିରୂପଣ ପରୀକ୍ଷା ବିଳମ୍ବ କରିବା ଅଭିଯୋଗରେ ଏୟାର ଇଣ୍ଡିଆ ଏକ୍ସପ୍ରେସର ୮ ଜଣ କ୍ରିୟୁ ସଦସ୍ୟଙ୍କୁ ୩ ମାସ ପାଇଁ ନିଲମ୍ବିତ କରାଯାଇଛି । ଗତ ଅଗଷ୍ଟ ୨ ତାରିଖରେ ଦୁବାଇରୁ ଅମୃତସର ଆସିଥିବା ଏହି ବିମାନର କ୍ରିୟୁ ସଦସ୍ୟମାନେ ନିୟମାନୁସାରେ ୨ ଘଣ୍ଟା ମଧ୍ୟରେ ଏହି ପରୀକ୍ଷା କରାଇବା ବାଧ୍ୟତାମୂଳକ ଥିଲା । ମାତ୍ର ସେମାନେ ୨ ଘଣ୍ଟା ୩୫ ମିନିଟ୍ ପରେ ନିଜର ସ୍ୱୀକୃତିପତ୍ର ଦାଖଲ କରିଥିଲେ।

ଏୟାରଲାଇନ୍ସ ପ୍ରଶାସନ ପକ୍ଷରୁ ଏହି ନିୟମ ଉଲ୍ଲଂଘନ ସମ୍ପର୍କରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)କୁ ବିଧିବଦ୍ଧ ଭାବେ ଅବଗତ କରାଯିବା ସହ ଉକ୍ତ ସଦସ୍ୟମାନଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ତେବେ ପରୀକ୍ଷା ରିପୋର୍ଟରେ ସମସ୍ତ କ୍ରିୟୁ ସଦସ୍ୟ ନେଗେଟିଭ୍ ଥିବା ସ୍ପଷ୍ଟ ହୋଇଛି।ନିକଟରେ ଏୟାର ଇଣ୍ଡିଆର ଫୁକେଟ୍-ଦିଲ୍ଲୀ ବିମାନ ଉଡ଼ାଣ ସମୟରେ ହଠାତ୍ ୩୦୦ ଫୁଟ୍ ତଳକୁ ଖସିପଡ଼ିବା ଭଳି ଏକ ସଂବେଦନଶୀଳ ଘଟଣା ଘଟିଥିଲା, ଯେଉଁଥିରେ ପାଇଲଟଙ୍କର ମାରିଜୁଆନା (ଗଞ୍ଜେଇ) ପରୀକ୍ଷା ପୋଜିଟିଭ୍ ଆସିବା ପରେ ଆକାଶମାର୍ଗ ଦୁର୍ଘଟଣା ତଦନ୍ତ ବ୍ୟୁରୋ (ଏଏଆଇବି) ତଦନ୍ତ ଚଳାଇଛି। ଏହି ଘଟଣା ପରଠାରୁ ବିମାନ କ୍ରିୟୁ ଓ ପାଇଲଟ୍ମାନଙ୍କର ନିଶାଦ୍ରବ୍ୟ ପରୀକ୍ଷା ପ୍ରକ୍ରିୟାକୁ ଅଧିକ କଡ଼ାକଡ଼ି କରାଯାଇଛି । ଏୟାର ଇଣ୍ଡିଆ ଗ୍ରୁପ୍ ପକ୍ଷରୁ ସମସ୍ତ ପାଇଲଟଙ୍କ ପାଇଁ ନିଶାଦ୍ରବ୍ୟ ପରୀକ୍ଷା ବାଧ୍ୟତାମୂଳକ କରାଯାଇଥିବା ବେଳେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ବାର୍ଷିକ ସମସ୍ତ ପାଇଲଟଙ୍କର 'ଡୋପ୍ ଟେଷ୍ଟ' ବାଧ୍ୟତାମୂଳକ କରିବା ପାଇଁ ନୂତନ ନୀତି ଆଣିବାକୁ ବିଚାର କରୁଛନ୍ତି।



# ନୂଆଁଖାଇ ଉପଲକ୍ଷେ ମାଁ ମାହେଶ୍ୱରୀ ସେନା ପକ୍ଷରୁ ଖାଦ୍ୟ ବଣ୍ଟନ

ବଲାଙ୍ଗିର,୧୮।୯ :(ମନ୍ଥନ)ପଶ୍ଚିମ ଓଡିଶାର ଶିଘା ତିହାରି ନୂଆଁଖାଇ ଉପଲକ୍ଷେ ବିଗତ ବର୍ଷମାନଙ୍କ ପରି ଏ ବର୍ଷ ମଧ ଓଡିଶାର ଅଗ୍ରଣୀ ସମାଜସେବୀ ସଂଗଠନ ମାଁ ମାହେଶ୍ୱରୀ ସେନା ପକ୍ଷରୁ ବଲାଙ୍ଗିର ଜିଲ୍ଲା ଭୀମ ଭୋଇ ମେଡିକାଲ ହସ୍ପିଟାଲ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ମାଗଣା ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ରେ ସାରା ପଶ୍ଚିମ ଓଡିଶାର ସମସ୍ତ ହୋଟେଲ, ଦୋକାନ ବଜାର, ବସ ସେବା ବନ୍ଦ ରହୁଥିବାରୁ ହସ୍ପିଟାଲ ରେ ଥିବା ରୋଗି ଏବଂ ତାଙ୍କର ପରିବାର ପରିଜନ ବିଭିନ୍ନ ପ୍ରକାରର ଅସୁବିଧାର ସମ୍ମୁଖିନ ହୋଇଥାନ୍ତି । ବଲାଙ୍ଗିର ଭୀମଭୋଇ ମେଡିକାଲ



କଲେଜ ଓ ହସ୍ପିଟାଲ ଉପରେ ବର୍ତ୍ତମାନ ପଶ୍ଚିମ ଓଡିଶାର ନୂଆପଡା, ସୋନପୁର, କଳାହାଣ୍ଡି, ବୌଦ୍ଧ, କନ୍ଧମାଳର କିଛି ଅଂଚଳ ନିର୍ଭରଶୀଳ ଏଣୁ ଏହାକୁ ଦୃଷ୍ଟିରେ ରଖି ମାଁ ମାହେଶ୍ୱରୀ ସେନା ପକ୍ଷରୁ ବଲାଙ୍ଗିର ଜିଲ୍ଲାର ଦୁଇ ମୁଖ୍ୟ ହସ୍ପିଟାଲ ଭୀମ ଭୋଇ ମେଡିକାଲ କଲେଜରେ ଓ ହସ୍ପିଟାଲ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ମାଗଣା ଖାଦ୍ୟ ବଣ୍ଟନ ର ବ୍ୟବସ୍ଥା କରାଯାଇଥିଲା । ଏହି ଖାଦ୍ୟ ବଣ୍ଟନରେ ଥିବା ତଥା ଆଖପାଖ ରେ ଥିବା ଅସହାୟ ତିନି ହଜାର ରୁ ଅଧିକ ଲୋକଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିବା । ସେବା ସହଯୋଗ ସମର୍ପଣ ମନୋଭାବକୁ ନେଇ ଆୟୋଜଜିତ ହୋଇଥିବା ଏହି ଅଭିନବ ପ୍ରୟାସ ଅଂଚଳବାସୀ ଏବଂ ବୁଦ୍ଧିଜିବୀ ମହଲରେ ପ୍ରଶଂସିତ ହୋଇଅଛି । ଆଗାମୀ ବର୍ଷ ଗୁଡିକରେ ବି ସେବା ଅବ୍ୟାହତ ରହିଥିବ ବଳି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି ।

# ମାଁ ପାଟଣେଶ୍ୱରୀ ମନ୍ଦିର ରେ ଲାଗିଲା ନବାନ୍ନ

ବଲାଙ୍ଗିର,୧୮।୯ :(ମନ୍ଥନ)ବଲାଙ୍ଗିର ପାଟଣାର ଅଧିଷ୍ଠାତ୍ରୀ ଦେବୀ ମାଁ ପାଟଣେଶ୍ୱରୀଙ୍କ ପୀଠରେ ବିଶୁଦ୍ଧ ଲଗ୍ନ ଅନୁସାରେ ନବାନ୍ନ ଲାଗି ହୋଇଥିଲା । ପାର୍ଶ୍ୱ ଦେବାଦେବୀ ପୂଜା ସହ ମାଁ ଙ୍କ ଗୁପ୍ତନୀତି ରେ ନବାନ୍ନ ଲାଗି ପୂର୍ବକ ମହା ଆଳତି ହୋଇଥିଲା । ମାଁ ଙ୍କ ପାଖରେ ସ୍ୱତନ୍ତ୍ର ଭୋଗ ସହ ନୂଆଁ ଅନ୍ନ ଲାଗି ହୋଇଥିଲା । ମନ୍ଦିର ତରଫରୁ ଭକ୍ତମାନଙ୍କ ପାଇଁ ନବାନ୍ନ ପ୍ରସାଦ ନେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା । ଇଷ୍ଟଦେବୀ ଙ୍କ ଲାଗି ପ୍ରସାଦ ନେଇ ଜନତା ନିଜ ଘରେ ପରିବାର ସହ ନବାନ୍ନ ଭକ୍ଷଣ କରିଥିଲେ । ନବାନ୍ନ ନେବା ପାଇଁ ଓ ଦର୍ଶକ ପାଇଁ ମନ୍ଦିରରେ ଅନେକ ଭିଡ ଲାଗିଥିଲା । ଓଡିଶାର



ଉପମୁଖ୍ୟମନ୍ତ୍ରୀ ତଥା ପାଟଣା ମହାରାଜ କନକ ବର୍ଦ୍ଧନ ସିଂଦେଓ, ମାଁ ଙ୍କ ଦର୍ଶନ କରି ନବାନ୍ନ ଗ୍ରହଣ କରିଥିଲେ ପୂଜକ ଅଭିନାଶ ଦିଶ୍ରୀ ସହଯୋଗ କରିଥିଲେ । ମନ୍ଦିର ରେ ଭକ୍ତମାନଙ୍କ ପାଇଁ ୨ହଜାର ରୁ ଉର୍ଦ୍ଧ୍ୱ ନବାନ୍ନ ଭୋଗ ପାଇଥିଲେ ଏବଂ ଭିଡ ଲାଗି ରହିଛି । ବିଭିନ୍ନ କମିଟି ସହ ଦେବାଳୟ ସୁରକ୍ଷା କମିଟିର ସଂପାଦକ ପ୍ରଶାନ୍ତ ମହାକୁର ଓ ରିଞ୍ଜୁ ସାହୁ, ଅଙ୍କିତା ଦିଶ୍ରୀ ସହଯୋଗ କରିଥିଲେ ।

# ପୋଖରୀ ପାଣିରେ ପଡି ବୃଦ୍ଧଙ୍କ ମୃତ୍ୟୁ

ଡେଲାଙ୍ଗ,୧୮।୯ :(ମନ୍ଥନ)ଡେଲାଙ୍ଗ ଥାନା ଅନ୍ତର୍ଗତ ଅରିଶଳ ପଡା କୁଅଁରସାହିରେ ଏକ ଅଭାବନୀୟ ଘଟଣା ଘଟିଛି । ଜଣେ ବୃଦ୍ଧ ଶୌଚ ହେବାକୁ ବୁଧବାର ସନ୍ଧ୍ୟାରେ ପୋଖରୀ କୁ ଯାଇ ଆଉ ଘରକୁ ଫେରି ନଥିଲେ । ବିଳମ୍ବ ହେବାରୁ ପାଣିରେ ପଡି ଯାଇଥିବା ସନ୍ଦେହ କରି ପରିବାର ଲୋକ ପୋଖରୀ ରେ ବହୁତ ସମୟ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର କୌଣସି ସନ୍ଧାନ ପାଇ ନଥିଲେ । ସକାଳୁ ପୋଖରୀ ପାଣିରେ ଭାସୁଥିବା ଦେଖି ସ୍ଥାନୀୟ ଲୋକ ପରିବାର ଲୋକଙ୍କୁ ଖବର ଦେଇଥିଲେ ।ପରିବାର ଲୋକ ସେଠାରୁ ଉଦ୍ଧାର କରି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ଡାକ୍ତର ସେଠାରେ ମୃତ୍ୟୁ ହୋଇଥିବା ଘୋଷଣା କରିଥିଲେ । ମୃତକ ହେଲେ ଐଦ୍ରେ ପରିଡା (୭୦) ଅରିସଲ ପଡାକୁଅଁର ସାହି ର ଅଟନ୍ତି । ଖବର ପାଇ ଡେଲାଙ୍ଗ ପୋଲିସ ମେଡିକାଲ ରେ ପହଂଚି ମୃତ୍ୟୁ ଶରୀରକୁ ଜବତ କରି ତଦନ୍ତ ଚଳାଇଛି ।ଏନେଇ ମୃତକ ଙ୍କ ପୁଅ ବଟକୃଷ୍ଣ ପରିଡା ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ଡେଲାଙ୍ଗ ପୋଲିସ ଏକ ଅପମୃତ୍ୟୁ ମାମଲା ୧୬/୨୬ରେ କେଶ ରୁଜୁ କରି ମୃତୁ ଶରୀରକୁ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇ ପୋଲିସ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

# କବିସୂର୍ଯ୍ୟନଗରର ମର୍ଦ୍ଧରାଜ ହାଇସ୍କୁଲ ପରିସରରେ ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

କବିସୂର୍ଯ୍ୟନଗର,୧୮।୯ :(ମନ୍ଥନ) ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ, ଶାରୀରିକ ଓ ମାନସିକ ଦକ୍ଷତା ବୃଦ୍ଧି ସହ କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି କରିବା ଲକ୍ଷ୍ୟରେ କବିସୂର୍ଯ୍ୟନଗର ସହରସ୍ଥିତ ପିଏମ୍ ଶ୍ରୀ ମର୍ଦ୍ଧରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ଏହି କ୍ରୀଡ଼ା ମହୋତ୍ସବରେ କବିସୂର୍ଯ୍ୟନଗର ବ୍ଲକ ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଉତ୍ସାହର ସହିତ ଯୋଗଦେଇ ବିଭିନ୍ନ କ୍ରୀଡ଼ାରେ ନିଜର ପ୍ରତିଭା ପ୍ରଦର୍ଶନ କରୁଛନ୍ତି ।ଏହି କ୍ରୀଡା ମହୋତ୍ସବ ଅବସରରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ କବିସୂର୍ଯ୍ୟନଗର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିମନ୍ୟୁ ସାହୁ ସଭାପତିତ୍ୱ କରିଥିଲେ । ଆସ୍କା ବିଧାୟକ ଶ୍ରୀ ସରୋଜ କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାର ଔପଚାରିକ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ କବିସୂର୍ଯ୍ୟନଗର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ନାୟକ, ବରିଷ୍ଠ ଶିକ୍ଷକ ଦିବାକର ଶତପଥୀ ଏବଂ ପିଏମ୍ ଶ୍ରୀ ମର୍ଦ୍ଧରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ



ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ ।ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଆସ୍କା ବିଧାୟକ ଶ୍ରୀ ସରୋଜ କୁମାର ପାଢ଼ୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରି କହିଥିଲେ ଯେ, କ୍ରୀଡ଼ା କେବଳ ଖେଳକୁଦରେ ସୀମିତ ନୁହେଁ । ଏହା ଛାତ୍ରଛାତ୍ରୀଙ୍କ ଜୀବନରେ ଶୃଙ୍ଖଳା, ଏକାଗ୍ରତା, ଧୈର୍ଯ୍ୟ, ନେତୃତ୍ୱ ଓ ଦୃଢ଼ ମନୋବଳ ବିକାଶ କରିବାର ଏକ ପ୍ରମୁଖ ମାଧ୍ୟମ ।କ୍ରୀଡ଼ା ମାଧ୍ୟମରେ ଆଜି ଅନେକ ପ୍ରତିଭାବାନ ବ୍ୟକ୍ତି ନିଜର ପରିଚୟ ସୃଷ୍ଟି କରିବା ସହ ଦେଶ ଓ ରାଜ୍ୟର ଗୌରବ ବୃଦ୍ଧି କରିଛନ୍ତି । ତେଣୁ ଏହି ପ୍ରତିଯୋଗିତାରେ ଭାଗ ନେଉଥିବା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ମଧ୍ୟ ଭବିଷ୍ୟତରେ କେହି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ଗଢ଼ିପାରିବେ । ଏଥିପାଇଁ ଛାତ୍ରଛାତ୍ରୀମାନେ ନିଷ୍ଠା, ଏକାଗ୍ରତା ଓ ଦୃଢ଼ ମନୋବଳ ସହିତ କ୍ରୀଡ଼ାରେ ଅଂଶଗ୍ରହଣ କରିବା ଆବଶ୍ୟକ । ନିୟମିତ ଅଭ୍ୟାସ ଓ କଠିନ ପରିଶ୍ରମ ହିଁ ସଫଳତାର ମୁଖ୍ୟ ଚାବିକାଠି ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ ।ସୂଚନା ଅନୁଯାୟୀ, କବିସୂର୍ଯ୍ୟନଗର ବ୍ଲକ ଅଧୀନରେ ଥିବା ପାଞ୍ଚଟି ଜୋନ୍ ?ର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏହି ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଛନ୍ତି । ତିନିଦିନ ଧରି ଏହି ପ୍ରତିଯୋଗିତା ଚାଲିବାକୁ ଥିବା ବେଳେ ବିଭିନ୍ନ କ୍ରୀଡ଼ା ବିଭାଗରେ ଛାତ୍ରଛାତ୍ରୀମାନେ ନିଜର ଦକ୍ଷତା ପ୍ରଦର୍ଶନ କରିବେ ।ଏହି ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରି କୃତିତ୍ୱ ହାସଲ କରୁଥିବା ଛାତ୍ରଛାତ୍ରୀମାନେ ଆଗାମୀ ଦିନରେ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ପାଇପାରିବେ ବୋଲି କବିସୂର୍ଯ୍ୟନଗର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିମନ୍ୟୁ ସାହୁ ସୂଚନା ଦେଇଥିଲେ ।କ୍ରୀଡ଼ାବିତ୍‌ଙ୍କ ଉତ୍ସାହ ବଢ଼ାଇଲେ ପ୍ରଶିକ୍ଷକ ଓ ଶିକ୍ଷକ,ଶିକ୍ଷୟିତ୍ରୀଏହି କ୍ରୀଡ଼ା ପ୍ରତିଯୋଗିତାରେ ପାଞ୍ଚଟି ଜୋନ୍ ?ର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ କ୍ରୀଡ଼ା ପ୍ରଶିକ୍ଷକ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହିଥିଲେ । ପ୍ରତିଯୋଗିତାକୁ ସୁଚାରୁରୂପେ ପରିଚାଳନା କରିବା ସହ ଛାତ୍ରଛାତ୍ରୀଙ୍କୁ ଆବଶ୍ୟକୀୟ ମାର୍ଗଦର୍ଶନ ଦେବାରେ ଶିକ୍ଷକ ଓ କ୍ରୀଡ଼ା ପ୍ରଶିକ୍ଷକମାନେ ସହଯୋଗ କରିଥିଲେ ।ଏହି ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ ସହ ଭବିଷ୍ୟତରେ ଉଚ୍ଚସ୍ତରୀୟ କ୍ରୀଡ଼ା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ଗଢ଼ିବାରେ ସହାୟକ ହେବ ବୋଲି ଆଶା ପ୍ରକାଶ ପାଇଛି ।

# ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ରେ ଆଶ୍ରିବାଦ ଦୀପ ପ୍ରଦାନ

ପିପିଲି,୧୮।୯ :(ମନ୍ଥନ) ସେପ୍ଟେମ୍ବର ୧୭ ତାରିଖ ଭାରତ ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୬ତମ ଜନ୍ମଦିନ । ଏହି ଶୁଭ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୀର୍ଘାୟୁ ଏବଂ ସୁସ୍ଥ ଜୀବନ କାମନା କରି ସାରା ଦେଶରେ ବିଭିନ୍ନ ପ୍ରକାରର ଶୁଭେଚ୍ଛା ଓ ସେବା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।ତାଙ୍କ ଜନ୍ମଦିନରେ ସମ୍ମାନ ଓ ଶ୍ରଦ୍ଧା ଜଣାଇବା ପାଇଁ ଅନେକ ଶ୍ରଦ୍ଧାଳୁ ଏବଂ ସମର୍ଥମାନେ ବିଭିନ୍ନ ସ୍ଥାନରେ 'ଆଶୀର୍ବାଦ ଦୀପ' ପ୍ରଜ୍ୱଳନ କରି ତାଙ୍କର ସଫଳତା କାମନା କରିଛନ୍ତି । ଏହି ଅବସରରେ ପିପିଲି ବ୍ଲକ ତେଇଶିପୁର ପଂଚାୟତ ଅନ୍ତର୍ଗତ ବାଲିଗ୍ରାମସ୍ଥିତ ଭକ୍ତ ଦାସିଆ ପୀଠରେ ଥିବା ଜଗନ୍ନାଥଙ୍କ ମନ୍ଦିରରେ ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ପୁରୀ ଲୋକସଭା ସାସଂଦ ଡା ସମ୍ବିତ ପାତ୍ରଙ୍କ ସମେତ ସରପଞ୍ଚ, ସମିତିସଭ୍ୟ ଓ ମହିଳାମାନେ ଯୋଗଦେଇ ମୋଦିଙ୍କ ଜନ୍ମଦିନ ଅବସରରେ ୨ଶହ ରୁ ଅଧିକ ଦୀପ ଜାଳି ମୋଦୀ ଙ୍କ ଦୀର୍ଘାୟୁ କାମନା କରିଥିଲେ ।

# ଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ମାଲକାନଗିରି,୧୮।୯ :(ମନ୍ଥନ)ମାଲକାନଗିରି ଜିଲ୍ଲା ଜେଲରେ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁକୁ ନେଇ ତୀବ୍ର ଉତ୍ତ ?ଜନା ପ୍ରକାଶ ପାଇଛି । କଏଦୀଙ୍କ ମୃତ୍ୟୁ ପରେ ଘଟଣାରେ ଅବହେଳା ଅଭିଯୋଗ ଆଣି ପରିବାର ଲୋକ ଓ ସ୍ଥାନୀୟ ଲୋକେ ଜେଲ୍ ମୁଖ୍ୟ ଫାଟକ ସମ୍ମୁଖରେ ମୃତଦେହ ରଖି ପ୍ରତିବାଦ କରିଥିଲେ । ଘଟଣାକୁ ନେଇ କିଛି ସମୟ ପାଇଁ ଜେଲ୍ ପରିସର ଓ ଆଖପାଖ ଅଞ୍ଚଳରେ ଚାପା ଉତ୍ତ ?ଜନା ସୃଷ୍ଟି ହୋଇଥିଲା ।ସୂଚନା ଅନୁଯାୟୀ, ଜିଲ୍ଲା ଜେଲରେ ବିଚାରାଧୀନ କଏଦୀ ଥିବା ବ୍ୟକ୍ତିଜଣକ ଅସୁସ୍ଥ ହୋଇପଡ଼ିଥିଲେ । ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ମୃତ୍ୟୁକୁ ନେଇ ପରିବାର ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି ।ପରିବାର ଲୋକଙ୍କ ଅଭିଯୋଗ ହେଉଛି, ଜେଲ୍ କର୍ତ୍ତୃପକ୍ଷ କିମ୍ବା ସମ୍ପୃକ୍ତ ବ୍ୟବସ୍ଥାର ଅବହେଳା ଯୋଗୁଁ କଏଦୀଙ୍କ ମୃତ୍ୟୁ ଘଟିଥାଇପାରେ । ତେଣୁ ଘଟଣାର ପ୍ରକୃତ କାରଣ ସାମ୍ନାକୁ ଆଣିବା ସହ ଦୋଷୀଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ପରିବାର ଲୋକେ ।ପରିବାର ଓ ପ୍ରତିବାଦକାରୀଙ୍କ ପକ୍ଷରୁ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଦାବି କରାଯାଇଥିଲା । ଜୁଡିସିଆଲ ମାଜିଷ୍ଟ୍ରେଟ କିମ୍ବା ଜଜ୍ ?ଙ୍କ ଦ୍ୱାରା ଘଟଣାର ତଦନ୍ତ କରାଯିବା, ମୃତଦେହର ବ୍ୟବଚ୍ଛେଦ ପ୍ରକ୍ରିୟାର ସମ୍ପୂର୍ଣ୍ଣ ଭିଡିଓଗ୍ରାଫି କରାଯିବା ଏବଂ ଜେଲ୍ ଭିତରର ସମସ୍ତ ସିସିଟିଭି ଫୁଟେଜ୍ ସଂଗ୍ରହ କରି ଯାଞ୍ଚ କରାଯିବାକୁ ଦାବି ହୋଇଥିଲା ।ଖବର ପାଇ ଘଟଣାସ୍ଥଳରେ ପୋଲିସ ଅଧିକାରୀମାନେ ପହଞ୍ଚିଥିଲେ । ପ୍ରତିବାଦକାରୀ ଓ ପରିବାର ଲୋକଙ୍କ ସହ ଆଲୋଚନା କରି ସମଗ୍ର ଘଟଣାର ନିୟମାନୁସାରେ ତଦନ୍ତ କରାଯିବ ଏବଂ ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପୋଲିସ ପକ୍ଷରୁ ଆଶ୍ୱାସନ ଦିଆଯାଇଥିଲା ।ପୋଲିସର ବୁଝାସୁଝା ପରେ ପରିସ୍ଥିତି ଧୀରେଧୀରେ ଶାନ୍ତ ହୋଇଥିଲା । ତେବେ ବିଚାରାଧୀନ କଏଦୀଙ୍କ ମୃତ୍ୟୁର ପ୍ରକୃତ କାରଣ କଣ, ଏଥିରେ କାହାର ଅବହେଳା ରହିଛି କି ନାହିଁ ତାହା ତଦନ୍ତ ପରେ ହିଁ ସ୍ପଷ୍ଟ ହେବ ।

# ଉପଖଣ୍ଡ କ୍ରୀଡ଼ା ସଂସଦ ଗଠନ ନେଇ ବୈଠକ

ଅନୁଗୋଳ,୧୮।୯ :(ମନ୍ଥନ) ଅନୁଗୋଳ ସର୍କିଟ ହାଉସ ଠାରେ ଆଜି ପୂର୍ବାହ୍ନରେ ଉପଖଣ୍ଡ କ୍ରୀଡ଼ା ସଂସଦ ଗଠନ ନେଇ ଏକ ବୈଠକ ଆୟୋଜିତ ହୋଇଥିଲା । ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକ ରେ କ୍ରୀଡା ସଂସଦ ର ବହୁ ପୁରାତନ ସଦସ୍ୟ ଯୋଗ ଦେଇଥିଲେ । ବିଭିନ୍ନ କାରଣରୁ ଅନୁଗୋଳ ଉପଖଣ୍ଡ କ୍ରୀଡ଼ା ସଂସଦ ଅଚଳ ଅବସ୍ଥା ରେ ଥିବାରୁ କ୍ରୀଡା ର ଉନ୍ନତି ନେଇ କୌଣସି ପଦକ୍ଷେପ ନିଆଯାଇ ପାରୁ ନାହିଁ ।



ତେବେ ଏହାକୁ ପୁଣି ଗଠନ କରି ଚାଲୁ କରିବା ପାଇଁକ୍ରୀଡା ପ୍ରେମୀ ଏବଂ ପୁରୁଖା ଖେଳାଳୀ ମାନେ ବିଧାୟକ ଙ୍କଉଦ୍ଦେଶ୍ୟରେ ଏକ ସ୍ମାରକ ଦେଇଥିଲେ । ବିଧାୟକ ସମସ୍ତ ସଦସ୍ୟଙ୍କ ବକ୍ତବ୍ୟ ଧୈର୍ଯ୍ୟ ର ଶୁଣିବା ପରେ ଉପଖଣ୍ଡ କ୍ରୀଡ଼ାସଂସଦ ଗଠନ ନେଇ ସେ ଜିଲ୍ଲାପାଳ ଙ୍କ ସହ ଆଲୋଚନା କରିବେ ଏବଂ ଏହାକୁ ମନୋନୟନ ପଦ୍ଧତି ରେ କରାଯିବାକୁ ପରାମର୍ଶ ଦେଇଥିଲେ । ସେହିଭଳି ପୁରୁଣାକ୍ରୀଡା ସଂସଦ କୋଠାକୁ ଭାଙ୍ଗି ଏକ ଭବ୍ୟ ମିଟିଂ ହଲ ଥାଇ ନୂତନ କୋଠା ନିର୍ମାଣ ଉପରେ ଗୁରୁତ୍ୱ ଦେଇଥିଲେ ।ବୈଠକରେ ପୂର୍ବତନ ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ନୀଳମଣି ରାଉତ ଙ୍କ ସମେତ ବରିଷ୍ଠ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ଆଇନଜୀବୀ ପ୍ରଦୀପ କୁମାର ଦେବତା, ରୁଚିର କୁମାର ଦାସ, ପ୍ରଭାତ କୁମାର ଦାସ, ଜୟ ପଟ୍ଟନାୟକ, ଶକ୍ତି ପ୍ରସାଦ ପଟ୍ଟନାୟକ , ପ୍ରଭାତ କୁମାର ସିହ୍ନା, ପୂର୍ଣ୍ଣଚନ୍ଦ୍ର ରାଉତ,ବି ବି ରାଉତ୍, ଯୁଧିଷ୍ଠିର ସେଠ ପ୍ରମୁଖଉପସ୍ଥିତ ଥିଲେ ।

# ସେବା ସଙ୍କଳ୍ପ ଅଭିଯାନ- ୨୦୨୬: ମାନ୍ୟବର ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ,ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀଙ୍କ ପ୍ରସ୍ତୁତି ବୈଠକ

ଅନୁଗୋଳ,୧୮।୯ :(ମନ୍ଥନ)ଦେଶ ସାରା ସେବା, ସୁଶାସନ ଏବଂ ଜନକଲ୍ୟାଣକୁ ବ୍ୟାପକକରିବା ଲକ୍ଷ୍ୟରେ ସେପ୍ଟେମ୍ବର ୧୭ ତାରିଖରୁ ଅକ୍ଟୋବର ୧୭ ତାରିଖ ପର୍ଯ୍ୟନ୍ତ ମାସ ବ୍ୟାପୀ ସେବାସଙ୍କଳ୍ପ ଅଭିଯାନ ଆରମ୍ଭ ହେବାକୁ ଯାଉଛି । ଏହି ଉପଲକ୍ଷେ ଆଜି ଅପରାହ୍ନରେ ସ୍ଥାନୀୟ ସର୍କିଟହାଉସ୍ ସମ୍ମିଳନୀ କକ୍ଷ ଠାରେ ମାନ୍ୟବର ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ଅଭିଯାନରେ ରାଜ୍ୟର ପ୍ରତ୍ୟେକ ନାଗରିକଙ୍କୁ ସାମିଲ କରିବା ପାଇଁ ବିଭିନ୍ନ ବିଭାଗ ତରଫରୁମାସ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ମିଶନ ଶକ୍ତି, ବିଦ୍ୟାଳୟ ଓ



ଗଣଶିକ୍ଷାବିଭାଗ, ସଂସ୍କୃତି ବିଭାଗ, ମହିଳା ଓ ଶିଶୁ ବିକାଶ,ସୂଚନା ଓ ଲୋକ ସମ୍ପର୍କ, ପଞ୍ଚାୟତି ରାଜ, ଗ୍ରାମ୍ୟଉନ୍ନୟନ, ଏମ୍.ଏସ୍.ଏମ୍. ଇ ଆଦି ବିଭାଗ ଦ୍ୱାରା ଆଶୀର୍ବାଦ ଦୀପ, ପଦଯାତ୍ରା, ମାନବ ଶୃଙ୍ଖଳ,ପରିବର୍ତ୍ତନର କାହାଣୀ, ସେବା ଜ୍ୟୋତି ଯାତ୍ରା, ପଥ ପ୍ରାନ୍ତ ନାଟକ, ସେବା ସେତୁ ଅଭିଯାନ ଭଳିକାର୍ଯ୍ୟକ୍ରମର ଆୟୋଜନ କରାଯିବ । ସେହିପରି ବୃକ୍ଷ ରୋପଣ, ରକ୍ତଦାନ ଶିବିର କରାଯାଇଜନସଚେତନତା ସୃଷ୍ଟି କରାଯିବାର ଲକ୍ଷ୍ୟ ରଖାଯାଇଛି । ଏହି ବୈଠକରେ ବିଭାଗୀୟଅଧିକାରୀମାନଙ୍କ ମଧ୍ୟରେ ସହଯୋଗ ସମନ୍ୱୟ ସହ ବିଭିନ୍ନ କାର୍ଯ୍ୟକ୍ରମର ଡକ୍ୟୁମେଣ୍ଟେସନ୍ କରିତାହାର ବ୍ୟାପକ ପ୍ରଚାର ପ୍ରସାର କରିବାକୁ ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ୍ ଅଖତର ନିର୍ଦ୍ଦେଶଦେଇଛନ୍ତି । ସେବା ପର୍ବ ଦ୍ୱାରା ଅନ୍ତୋଦୟ ନାଗରିକ ଯେପରି ଉପକୃତ ହୋଇପାରିବେସେଥ ?ପାଇଁ କାର୍ଯ୍ୟ କରିବାକୁ ମାନ୍ୟବର ମନ୍ତ୍ରୀ ଉପଦେଶ ଦେଇଥିଲେ । ଏହି ବୈଠକରେ ଅତିରିକ୍ତଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଦେବଦତ୍ତ ମହନ୍ତ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ମାୟାଧର ବେହେରାଙ୍କସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ମା' ରାମଚଣ୍ଡୀ ଶକ୍ତିପୀଠରେ ପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ

ଗଞ୍ଜାମ,୧୮।୯ :(ମନ୍ଥନ)ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ମାଁ ରାମଚଣ୍ଡୀ ପୀଠରେ ପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ ଓ ମାଁ ଙ୍କ ଷୋଡଶଦିନାତ୍ମକ ପୂଜା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ସର୍ବପ୍ରଥମେ କମିଟିର ଦୁଇଜଣ ସଦସ୍ୟ ସ୍ୱର୍ଗୀୟ ରାଜେଶ ନାୟକ ଓ ଶ୍ରୀମାନ ନାୟକଙ୍କ ଅକାଳ ବିୟୋଗ ହୋଇଥିବାରୁ ସେମାନଙ୍କ ଅମର ଆତ୍ମାର ସଦ୍ଗତି ନିମନ୍ତେ ନିରବ ପାର୍ଥନା କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲାଫ ବିଗତ କିଛି ବର୍ଷ ହେଲା ଗଞ୍ଜାମ ବ୍ଲକ ଅନ୍ତର୍ଗତ ନିଳାଦ୍ରୀପୁର ଗ୍ରାମରେ ଅବସ୍ଥିତ ଜିଲ୍ଲାର ଅନ୍ୟତମ ଅଧିଷ୍ଠାତ୍ରୀ ଦେବୀ ମା'ରାମଚଣ୍ଡୀ ଶକ୍ତିପୀଠରେ ସ୍ୱତନ୍ତ୍ର ଭାବେ ପୂଜା କମିଟୀର ସହଯୋଗରେ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ରାମଚଣ୍ଡୀ ଶକ୍ତିପୀଠର ଟ୍ରଷ୍ଟ, ପୂଜା କମିଟି ପୁନଃ-ଗଠନ ତଥା ନୂତନ ବ୍ୟକ୍ତି ବିଶେଷ୍ୟଙ୍କୁ କମିଟୀରେ



ସାମିଲ କରାଯାଇଛି । ସର୍ବପ୍ରଥମେ ମା' ରାମଚଣ୍ଡୀ ପୀଠର ସଂଯୋଜକ କମଳ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ କରପଡା ପଞ୍ଚାୟତର ସରପଞ୍ଚ ଅଜୟ କୁମାର ନାୟକଙ୍କ ସଭାପତିତ୍ୱ କରିଥିଲେ ଅପୁଣିଥରେ ଛତ୍ରପୁର ମା' ରାମାୟଣାମାଙ୍କ ଯାତ୍ରା କମିଟୀର ସଭାପତି ସି.ଏଚ. ଦୟାନନ୍ଦ ରେଡ୍ଡୀଙ୍କୁ ମା' ରାମଚଣ୍ଡୀ ପୂଜା କମିଟିର ସଭାପତି ଭାବେ ଏବଂ ଛତ୍ରପୁର ଅଞ୍ଚଳର ଯୁବ ସମାଜସେବୀ ବିମଳ ପଣ୍ଡାଙ୍କୁ ସମ୍ପାଦକ ଓ ଆଲ୍ୟାବାଦ ଗ୍ରାମର ଶଙ୍କର ନାୟକ ସହ ସମ୍ପାଦକ ଭାବେ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଉପ-ସଭାପତି ଭାବେ ଦିବାକର ନାୟକ(କରପଡା), ଆଦିତ୍ୟ ପଟ୍ଟନାୟକ (ବ୍ରହ୍ମପୁର),ମନୋଜ ମିଶ୍ର (ଛତ୍ରପୁର) ଓ ଦଣ୍ଡପାଣି ମହାରଣା (ଆଲ୍ୟାବାଦ) ଚାରିଜଣ ଉପ ସଭାପତି ଓ କୋଷାଧକ୍ଷ ଭାବେ ରାଜୁ ବେହେରାଙ୍କୁ ଚୟନ କରାଯାଇଛି । ସେହିପରି ଉପଦେଷ୍ଟା ମଣ୍ଡଳୀରେ ବ୍ରହ୍ମପୁର ସାଂସଦ ପ୍ରତିନିଧି ଦିପ୍ତୀସ ପଟ୍ଟନାୟକ, ମହାରାଜ କୃଷ୍ଣ ଚନ୍ଦ୍ର ନାୟକ (ପୁରୀ), ସମରେନ୍ଦ୍ର ସେନାପତି, ସାମ୍ବାଦିକ କ୍ଷୀରୋଦ ଚନ୍ଦ୍ର ସାହୁ, ରାଜେନ୍ଦ୍ର ପୋଲାଇ, ତୁଷାରକାନ୍ତ ପାଣ୍ଡୀ (ବାଦଲ), ଭାସ୍କର ନାୟକ,ପିତାମ୍ବର ଚର୍ଡ୍ଡୀ, ଲିଙ୍ଗରାଜ ନାୟକ,କୁଞ୍ଜବିହାରୀ ନାୟକ, ବଂଶୀଧର ନାୟକ, ତ୍ରିନାଥ ନାୟକ, ନାରାୟଣ ଚର୍ଡ୍ଡୀ, ଶଙ୍କର ଚର୍ଡ୍ଡୀ, ନିରଞ୍ଜନ ମୁଦୁଲି, ରାମେଶ୍ୱର ନାୟକ, ରାଜନ ବେହେରା, ରାଜେନ୍ଦ୍ର ପଣ୍ଡା ମନୋନୀତ କରାଯାଇଛି କ୍ଷବରିଷ୍ଠ ପରାମର୍ଶଦାତା ଭାବେ ପଣ୍ଡିତ ଜଗନ୍ନାଥ ପଣ୍ଡା, ସ୍ଥପତି ପଣ୍ଡିତ ବିଜୟ କୁମାର ତ୍ରିପାଠୀ, ସାମ୍ବାଦିକ ରବୀନ୍ଦ୍ର କୁମାର ପଣ୍ଡା, ସାମ୍ବାଦିକ ଦୁର୍ଗାମାଧବ ପାଣିଗ୍ରାହୀ, କେ.ସାଇ କ୍ରିଷ୍ଣା, ତ୍ରିପତି ବାଲାଜୀ ମିଶ୍ର, ଆଇନଜିବୀ ବି. ଶ୍ରୀନିବାସ ରାଓ, ସାମ୍ବାଦିକ ସନ୍ତୋଷ କୁମାର ମିଶ୍ର, ସାମ୍ବାଦିକ କେ.ସତ୍ୟନାରାୟଣ ରେଡ୍ଡୀ, ରାଜେଶ କୁମାର ମିଶ୍ର (ଭାରପ୍ରାପ୍ତ ବରିଷ୍ଠ ସରକାରୀ ଓକିଲ), ଦୀପକ କୁମାର ଦାଶ (ଜ୍ୟୋତିଷ ଶାସ୍ତ୍ରଜ୍ଞ), ସୁଧୀର ମହାରଣା,ଜୀବନ ମହାରଣାଙ୍କୁ କମିଟୀର ସୁପରିଚାଳନା ପାଇଁ ନିୟୋଜିତ ତଥା ମନୋନୀତ କରାଯାଇଛି । ପର୍ବକୁ ଆଖି ଆଗରେ ରଖି ଆସନ୍ତା ସପ୍ତାହରେ ଏକ ବିଶାଳ ସଫେଇ ଅଭିଯାନ ମନ୍ଦିର ପରିସରରେ କରାଯିବ ବୋଲି ପରାମର୍ଶଦାତା ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି । ଆଜିର ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟି ଲକ୍ଷ୍ମୀନୃସିଂହ ପଣ୍ଡା, ଭୁବନେଶ୍ୱର ସେବାପ୍ରତିନିଧି ସ୍ୱେଚ୍ଛାସେବୀ ସଂଗଠନ ର ମୁଖ୍ୟ ଶ୍ରୀ ନୀଳମଣି ମିଶ୍ର, କମିଟି ସହ ସଂଯୋଜକ ତୁଷାର ଶତପଥୀ, ପ୍ରମୁଖ ଉପସ୍ଥିତ ଥିଲେ ।

# ମାଲକାନଗିରିରେ ୫୫ ଫ୍ଲାପ୍ ସେଲ୍‌ଡ୍ କଇଁଛ ଜବତ: ୪ ବନ୍ୟଜନ୍ତୁ ଚାଲାଣକାରୀ ଗିରଫ

ମାଲକାନଗିରି,୧୮।୯ :(ମନ୍ଥନ) ବନ୍ୟଜନ୍ତୁ ଚାଲାଣକାରୀଙ୍କ ବିରୋଧରେ ମାଲକାନଗିରି ବନଖଣ୍ଡର ବଡ଼ଧରଣର କାର୍ଯ୍ୟାନୁଷ୍ଠାନ । ମୋଟୁ ପୁଲିସ ଓ ମୋଟୁ ବନାଞ୍ଚଳ ବିଭାଗର ମିଳିତ ଚଢ଼ାଉରେ ୫୫ଟି ଜୀବନ୍ତ ଫ୍ଲାପସେଲ୍‌ଡ୍ କଇଁଛ ଜବତ ହୋଇଥିବା ବେଳେ ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି ।ସୂଚନା ଅନୁଯାୟୀ, ବେଆଇନ ଭାବେ ବନ୍ୟଜନ୍ତୁ ଚାଲାଣ ହେଉଥିବା ନେଇ ବିଶ୍ୱସନୀୟ ସୂଚନା ପାଇବା ପରେ ୧୬ ସେପ୍ଟେମ୍ବର ୨୦୨୬ରେ ମୋଟୁ ଅଞ୍ଚଳର ଏମ୍ ?ପିଭି-୫୩ ଗାଁ ନିକଟ କେନାଲ ରୋଡ୍ ?ରେ ମୋଟୁ ପୁଲିସ ଓ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା ।ଏହି ସମୟରେ ଦୁଇଟି ମୋଟରସାଇକେଲକୁ ଅଟକାଇ ଯାଞ୍ଚ କରାଯିବାରୁ ସେଥିରୁ ୫୫ଟି ଜୀବନ୍ତ କଇଁଛ ମିଳିଥିଲା । ଚାଲାଣରେ ବ୍ୟବହୃତ ଦୁଇଟି ମୋଟରସାଇକେଲ ମଧ୍ୟ ଜବତ କରାଯାଇଛି । ଜବତ ଗାଡ଼ି ଦୁଇଟିର ନମ୍ବର ଓଡ଼-୩୦-୩୭୧୬ ଓ ଓଡ଼-୩୦-୪୮୩୭ ବୋଲି ଜଣାପଡ଼ିଛି ।ଏହି ଘଟଣାରେ ୪ ଜଣ ଅଭିଯୁକ୍ତଙ୍କୁ ପୁଲିସ ଓ ବନ ବିଭାଗ ଗିରଫ କରିଛି । ବନ୍ୟଜନ୍ତୁ ସଂରକ୍ଷଣ ଆଇନ, ୧୯୭୨ ଅନୁଯାୟୀ ମୋଟୁ ରେଞ୍ଜରେ ଫରେଷ୍ଟ କେସ୍ ? ନମ୍ବର ଓଡ଼-୨୦/୨୦୨୬-୨୭ ରୁଜୁ ହୋଇଛି । ଉଦ୍ଧାର ହୋଇଥିବା କଇଁଛଗୁଡ଼ିକୁ ବର୍ତ୍ତମାନ ବନ ବିଭାଗ ପକ୍ଷରୁ ଆବଶ୍ୟକ ଯତ୍ନ ଓ ଚିକିତ୍ସା ଯୋଗାଇ ଦିଆଯାଉଛି । ଘଟଣାର ଅଧିକ ତଦନ୍ତ ଜାରି ରହିଛି ।





# ଗୋଷ୍ଠୀ ଶିକ୍ଷା ଅଧିକାରୀଂକ ରାଉତାଳ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ

ଅନୁଗୋଳ,୧୮।୯ :(ମନ୍ଥନ)ବଅଁରପାଳ ବ୍ଲକ ସ୍ଥିତ ରାଉତାଳ ପ୍ରାଥମିକ ବିଦ୍ୟାଳୟକୁ ବଅଁରପାଳ ବ୍ଲକ ଶିକ୍ଷା ଅଧିକାରୀ ମାନସ ରଂଜନ ପୃଷ୍ଟି ପରିଦର୍ଶନ କରି ବିଦ୍ୟାଳୟର ଭଲମନ୍ଦ କଥା ପଚାରି ବୁଝିଛନ୍ତି । ପବିତ୍ର ଗଣେଷ ପୂଜା ଅବସରରେ ଶିକ୍ଷା ଅଧିକାରୀ ପ୍ରାଥମିକ ବିଦ୍ୟାଳୟରେ ପହଂଚି ପୂଜାରେ ସାମିଲ ହୋଇ ଯଜ୍ଞ କର୍ତ୍ତା ଭାବେ ଆସନ ଗ୍ରହଣ କରିଥିଲେ । ପରବର୍ତ୍ତୀ ସମୟରେ ଗ୍ରାମ ସଭାପତି, ସ୍କୁଲ ପରିଚାଳନା କମିଟି ସଭାପତି ଏବଂ ଗ୍ରାମର ଅନ୍ୟ ମୁଖ୍ୟ ବ୍ୟକ୍ତିଙ୍କ ସହ ବିଦ୍ୟାଳୟର ବିକାଶ ଓ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ସମସ୍ୟା ଗୁଡିକର ସମାଧାନ ପାଇଁ ଗ୍ରାମବାସୀଂକ ସହଯୋଗରେ କାର୍ଯ୍ୟ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ । ପୂଜାର ପ୍ରତିଟି ପ୍ରକ୍ରିୟାରେ ଶିକ୍ଷା ଅଧିକାରୀଂକ ସାମିଲ ହେବା ପ୍ରସଂଗକୁ ଗ୍ରାମବାସୀ ମାନେ ପ୍ରଶଂସା କରିବା ସହିତ ସାଧୁବାଦ ଜଣାଇଥିଲେ ।



# ଗଣେଶପୂଜା ଭସାଣି ହେଲା କାଳ, ଚାରି ଯୁବକ ଙ୍କ ନଦୀରେ ବୁଡି ମୃତ୍ୟୁ

ଜଗତସିଂହପୁର,୧୮।୯ :(ମନ୍ଥନ)ଏରସମା ବ୍ଲକ ଓରନାଳ ଗ୍ରାମ ରେ ଏକ ଅଭାବନୀୟ ଘଟଣା ଘଟିଛି ଗଣେଶ ପୂଜା ଭସାଣି ବେଳେ ପାଣିରେ ବୁଡ଼ି ଏରସମା ବ୍ଲକ ଓରନାଳ ଗାଁର ୪ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ମନୋଜିତ ସ୍ୱାଇଁ, ସ୍ୱପ୍ନଜିତ ବାରିକ, ଜଗନ୍ନାଥ ପଲେଇ ଓ ରଶ୍ମିରଂଜନ ନାୟକ। ସମସ୍ତଙ୍କ ବୟସ ପ୍ରାୟ ୨୦ରୁ ୨୫ ବର୍ଷ ମଧ୍ୟରେ ବୋଲି ଜଣାପଡ଼ିଛି।ଗଣେଶ ମୂର୍ତ୍ତି ଭସାଣି ପାଇଁ ଯୁବକମାନେ ପାଣି ଭିତରକୁ ଯାଇଥିବାବେଳେ ହଠାତ୍ ଏହି ଅଘଟଣ ଘଟିଥିଲା। ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ଖୋଜାଖୋଜି ଆରମ୍ଭ କରିଥିଲେ। ପ୍ରାୟ ୨ ଘଣ୍ଟାର ଖୋଜାଖୋଜି ପରେ ଜଣେ ଯୁବକଙ୍କୁ ଉଦ୍ଧାର କରାଯାଇଥିଲା। ପରେ ଅନ୍ୟମାନଙ୍କୁ ମଧ୍ୟ ଉଦ୍ଧାର କରାଯାଇଥିଲେ ହେଁ ସମସ୍ତ ୪ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।ଘଟଣାସ୍ଥଳରେ ଦୀର୍ଘ ସମୟ ଧରି ସ୍ଥାନୀୟ ଲୋକଙ୍କ ପକ୍ଷରୁ ଖୋଜାଖୋଜି ଚାଲିଥିବାବେଳେ ପରେ ଅଗ୍ନିଶମ ବିଭାଗର ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲା। ତେବେ ଅଗ୍ନିଶମ ବିଭାଗ କାର୍ଯ୍ୟରେ ବିଳମ୍ବ ହୋଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।ଏହି ଦୁଃଖଦ ଘଟଣାକୁ ନେଇ ଓରନାଳ ଗାଁ ସମେତ ପୁରା ଜଗତସିଂହପୁର ଜିଲ୍ଲା ସ୍ତବ୍ଧ ହୋଇ ଯାଇଛି ।

# ପିପିଲି ବିଶ୍ୱକର୍ମା ମହୋତ୍ସବ ଉଦଘାଟିତ

ପିପିଲି,୧୮।୯ :(ମନ୍ଥନ)ସିଦ୍ଧେଶ୍ୱର ଦେବ ରାଜମିସ୍ତ୍ରୀ ସଙ୍ଘ ପକ୍ଷରୁ ଦୁଇ ଦିନିଆ ପିପିଲି ବିଶ୍ୱକର୍ମା ମହୋତ୍ସବ ସ୍ଥାନୀୟ ଜୟପୁର ଛକ ଠାରେ ଗୁରୁବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି। ସଂଘର ସଭାପତି ମହେନ୍ଦ୍ର ମାଝୀଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥିଭାବେ ସମାଜସେବୀ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବେ ସମାଜସେବୀ ଗୁଣନିଧି ପ୍ରଧାନ, ସମ୍ମାନିତ ଅତିଥିଭାବେ ସଙ୍ଗିତ ଗୁରୁ ସଚ୍ଚିକାନ୍ତ ନାୟକ, ଶଶାଙ୍କ ଶେଖର ମହାନ୍ତି, ପ୍ରଦୀପ କୁମାର ସାହୁ ପ୍ରମୁଖ ସାମିଲ ହୋଇ ରାଜମିସ୍ତ୍ରୀ ମାନଙ୍କ ସମାଜ ପ୍ରତି ଥିବା ଅବଦାନ ଉପରେ ଆଲୋକପାତ କରିଥିଲେ । ଏହି




ଅବସରରେ ଅଞ୍ଚଳ ର ବିଭିନ୍ନ ବର୍ଗ ର ପ୍ରତିଭା, ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି ମଞ୍ଚ ପରିଚାଳନା କରିଥିଲେ। ସଙ୍ଗୀତ ଗୁରୁ ସଚିକାନ୍ତ ନାୟକ, ସମ୍ପଦ ମହାପାତ୍ର ଏବଂ ସାଥି ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।ଏହି ସମସ୍ତ କାର୍ଯ୍ୟକ୍ରମ କୁ କୋଷାଧକ୍ଷ ପର୍ଶୁରାମ ସେଠି ଙ୍କ ସମେତ ସମସ୍ତ ରାଜମିସ୍ତ୍ରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନୁଷ୍ଠାନ ସମ୍ପାଦକ ବିନୋଦ ବେହେରା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମ ଦିବସରେ ବୁଗୁଡା ବନ ବିଭାଗ ପକ୍ଷରୁ ୭୬ଟି ବୃକ୍ଷ ରୋପଣ

ବୁଗୁଡ଼ା,୧୮।୯ :(ମନ୍ଥନ) ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମ ଦିବସ ଅବସରରେ ବୁଗୁଡା ବନାଞ୍ଚଳ ଅନ୍ତର୍ଗତ ଶୁଳିଆପଲ୍ଲୀ ଜଙ୍ଗଲ ଅଞ୍ଚଳରେ ୪୦ଟି ପ୍ରଜାତିର ୭୬ଟି ବୃକ୍ଷ ରୋପଣ କରାଯାଇଥିବା ଜଣାଯାଇଛି । ଏହି କାର୍ଯ୍ୟକ୍ରମରେ ଶୁଳିଆପଲ୍ଲୀ, ଡେଙ୍ଗାବାଡି, କିରିଆମ୍ବା ଓ ନୂଆଁପଲ୍ଲୀ ଆଦି ଚାରୋଟି ଗ୍ରାମର ବନ ସୁରକ୍ଷା ସମିତିର ସଦସ୍ୟଗଣଙ୍କ ସମେତ ଦ୍ୱିଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ। ବୁଗୁଡା




ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସିଏଫ୍ ପ୍ରଶାନ୍ତ କୁମାର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ତାକରଡା ପଞ୍ଚାୟତ ସରପଞ୍ଚ ଦିଲ୍ଲୀପ ପ୍ରଧାନ ଯୋଗ ଦେଇ ଜନ୍ମ ଦିବସରେ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ ସହ ବୃକ୍ଷ ରୋପଣ କରିବା ଦିଗରେ ଉପସ୍ଥିତ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବନପାଳ ସୁଧିର କୁମାର ପଟ୍ଟନାୟକ, ଅର୍ଜୁନ ଜାନି, ସୁକାନ୍ତ କୁମାର ପଟ୍ଟନାୟକ, ଅରବିନ୍ଦ ନାୟକ ଓ ଅଭିରାମ ଖିଲ ପରିଚାଳନା କରିଥିବା ବେଳେ ବନ ବିଭାଗୀୟ ସମସ୍ତ କର୍ମଚାରୀ ଏଥିରେ ସକ୍ରିୟ ସହଯୋଗ କରିଥିଲେ।

# ଦେବଶିଳ୍ପୀ ବିଶ୍ୱକର୍ମା ଙ୍କ ପୂଜା ବିଭିନ୍ନ ମଣ୍ଡପ ରେ ମହାଡମ୍ବର ରେ ପାଳିତ

କାକଟପୁର,୧୮।୯ :(ମନ୍ଥନ)ଦେବଶିଳ୍ପୀ ପ୍ରଭୁ ଶ୍ରୀ ବିଶ୍ୱକର୍ମା ଙ୍କ ପୂଜା କାକଟପୁର ତଥା ଏହାର ଆଖ ପାଖ ଅଞ୍ଚଳ ର ବିଭିନ୍ନ ଗ୍ୟାରେଜ, ଶିଳ୍ପ ଶିକ୍ଷାକେନ୍ଦ୍ର, ବିଦ୍ୟୁତ ଡିଭିଜନ କେନ୍ଦ୍ର, ଓଲଡିଂ କେନ୍ଦ୍ର,କାର ଡ୍ରାଇଭର ଓ ଟ୍ରକ ମାଲିକ ସଙ୍ଘ ଙ୍କ ଅନୁଷ୍ଠାନ ରେ ମହାଡମ୍ବର ରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ଙ୍କ ଆବାହନ କରିବାକୁ ବିଶ୍ୱକର୍ମା ଙ୍କ ଭବ୍ୟ ମୂର୍ତ୍ତି ସ୍ଥାପନ ପୂର୍ବକ ପୂଜା ମଣ୍ଡପ କୁ ଖୁବ ସୁନ୍ଦର ଭାବେ ସଜେଇ ହୋଇଥିବା ଦେଖିବାକୁ ମିଳିଥିଲା ।ବିଦ୍ୟୁତ ଡିଭିଜନ କାକଟପୁର ର ମଣ୍ଡପ କୁ ବିଭିନ୍ନ ଆଲୋକମାଳା ରେ ସଜେଇବା ସହିତ ବଡ଼ ତ୍ୱରଣ ର ସାଜସଜ୍ଜା ଲୋକମାନଙ୍କ ଦ୍ୱାରା ବେଶ ଆଦୃତ ହୋଇଥିଲା ।ଏହିଦିନ କାରିଗର ଓ ଚାଳକ ମାନେ ନିଜ ନିଜର ଗାଡି, ଯନ୍ତ୍ରପାତି ଓ ଲୁହା ସାମଗ୍ରୀ କୁ ସଫା ସୁତୁରା କରି ଭଗବାନ ବିଶ୍ୱକର୍ମା ଙ୍କ ନିକଟରେ ସମର୍ପଣ କରି ପୂଜା କରିଥିବା ଦେଖିବାକୁ ମିଳିଥିଲା ।

# ଆଇନ ସାଚେତନତା କାର୍ଯ୍ୟକ୍ରମ

ଜଗତସିଂହପୁର,୧୮।୯ :(ମନ୍ଥନ)ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲ୍ଲା ଓ ଗୈରା ଜଜ୍ ତଥା ପ୍ରାଧିକରଣ ଅଧକ୍ଷ ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାପାଳଙ୍କ ସଭାବନା ସଭାଗୃହରେ ଜାତୀୟ ଆଇନ ସେବା ପ୍ରାଧିକରଣର ଏସିଡ୍ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଆଇନଗତ ସେବା ଯୋଜନା ୨୦୧୬, ପୋକୋସୋ ଅଧିନିୟମ, ପୀଡିତା କ୍ଷତିପୂରଣ ଯୋଜନା ୨୦୧୭ ଓ ୨୦୧୮ ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଜଜ୍ ଶ୍ରୀ ବିଭୁ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଇନ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା, ମୁନସିଫ ସଂକେତ ସାମଲ, ପୁଲିସ ଅଧିକାରୀ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ପାରା ଲିଗାଲ ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା ଅତିଥି ପରିଚୟ ପ୍ରଦାନ କରାଇଥିଲେ । ଅତିରିକ୍ତ ଜିଲ୍ଲା ଜଜ୍ ଶ୍ରୀ ପଣ୍ଡା ପୋକୋସୋ ଅଧିନିୟମ ବିଷୟରେ ଆଲୋକପାତ କରାଇବା ସହ ଏସିଡ ଆକ୍ରମଣର ଶିକାର ହେଉଥିବା ପୀଡିତା ମାନଙ୍କୁ କିପରି ଆଇନ ସେବା ଯୋଗେଇ ଦିଆଯାଇପାରିବ ଏହି ବିଷୟରେ ବିସ୍ତୃତ ଭାବରେ ବୁଝାଇଥିଲେ ।

# ନୟାଗଡ଼ରେ ବିଜେପିର ବିଶାଳ ମିଶ୍ରଣ ପର୍ବ

ନୟାଗଡ଼, ୧୮।୯ :(ମନ୍ଥନ) ନୟାଗଡ଼ ପୁରୁଣା ରାଜବାଟୀସ୍ଥିତ ବିଜେପି କାର୍ଯ୍ୟାଳୟଠାରେ ଏକ ବିଶାଳ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାରର ଲୋକାଭିମୁଖୀ ଶାସନ ଓ ବିକାଶମୁଖୀ ନୀତି ପ୍ରତି ଆକୃଷ୍ଟ ହୋଇ ବିରୁଡ଼ା ଗ୍ରାମ ପଞ୍ଚାୟତର ବର୍ତ୍ତମାନର ସରପଞ୍ଚ ବିଷ୍ଣୁପ୍ରିୟା ସ୍ୱାଇଁ, ସମିତି ସଭ୍ୟା ଶୁଭଲକ୍ଷ୍ମୀ ସାହୁ, ନାଏବ ସରପଞ୍ଚ ସସ୍ମିତା ବିଶ୍ୱାଳଙ୍କ ସମେତ ୧୩ ଜଣ ୱାର୍ଡ ମେମ୍ବର ଏବଂ ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ବିଜୁ ଜନତା ଦଳ ପରିତ୍ୟାଗ କରି ବିଜେପିରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି। ନୟାଗଡ଼ରେ ଋପ୍ରତ୍ୟୁଷା ରାଜେଶ୍ୱରୀ ସିଂ (ରାଣୀ ମା')ଙ୍କ ଭୟମୁକ୍ତ, ଭ୍ରଷ୍ଟାଚାରମୁକ୍ତ ଓ ବିକାଶମୁଖୀ ନୟାଗଡ଼ ଗଠନର ସଂକଳ୍ପ ଏବଂ ଦୃଢ଼ ନେତୃତ୍ୱ ପ୍ରତି ଆସ୍ଥା ପ୍ରକାଶ କରି ନାଟୁଗାଁ ଗ୍ରାମ ପଞ୍ଚାୟତର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଓ କାର୍ଯ୍ୟକର୍ତ୍ତା ମଧ୍ୟ ବିଜୁ ଜନତା ଦଳ ପରିତ୍ୟାଗ କରି ବିଜେପିରେ ଯୋଗଦାନ କରିଛନ୍ତି।ବିରୁଡ଼ା ଗ୍ରାମ ପଞ୍ଚାୟତର ସଭାପତି ଅନନ୍ତ ଚରଣ ଲେଙ୍କା, ପୂର୍ବତନ ସରପଞ୍ଚ ତଥା ପଞ୍ଚାୟତ ପ୍ରମୁଖ ଗୌରାଙ୍ଗ ଦାସ, ଯୁବ ସଂଗଠକ ମିତ୍ରବନ୍ଧୁ ପଲେଇ, ରଂଜନ ଲେଙ୍କା ଏବଂ ସର୍ବୋପରି ନୟାଗଡ଼ ପଞ୍ଚାୟତ ସମିତି ଅଧକ୍ଷ




କିଶୋର ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏହି ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା।ଏହି ଅବସରରେ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ (ରାଣୀ ମା'), ଇଟାମାଟି ମଣ୍ଡଳ ସଭାପତି ବିଷ୍ଣୁପ୍ରସାଦ ସାହୁଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି, ମଣ୍ଡଳ ପ୍ରତିନିଧି, ମଣ୍ଡଳ ପ୍ରଭାରୀ ଓ ସହ-ପ୍ରଭାରୀଙ୍କ ଉପସ୍ଥିତିରେ ନୂତନ କାର୍ଯ୍ୟକର୍ତ୍ତାମାନେ ବିଜେପିର ଦଳୀୟ ଉତ୍ତରୀୟ ପରିଧାନ କରି ଦଳରେ ବିଧିବଦ୍ଧ ଭାବେ ସାମିଲ ହୋଇଥିଲେ।ଉକ୍ତ ମିଶ୍ରଣ ପର୍ବକୁ ନୟାଗଡ଼ ନଗର ମଣ୍ଡଳ ପ୍ରଭାରୀ ତଥା ପୂର୍ବତନ ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ଶ୍ରୀ ନସିର ଅହମଦ (ନସ) ଏବଂ ନୟାଗଡ଼ ନଗର ମଣ୍ଡଳ ପ୍ରତିନିଧି ଶ୍ରୀ ରଂଜନ ରଶ୍ମି ଜେନା ପରିଚାଳନା କରିଥିଲେ।ଏହି ବିଶାଳ ମିଶ୍ରଣ ପର୍ବ ନୟାଗଡ଼ରେ ବିଜେପି ପ୍ରତି ଜନସାଧାରଣଙ୍କ ବଢୁଥିବା ଆସ୍ଥା ଓ ସାଂଗଠନିକ ସମ୍ପ୍ରସାରଣର ଏକ ଉଲ୍ଲେଖନୀୟ ଘଟଣା ବୋଲି ବିଜେପି ନେତୃବୃନ୍ଦ ପ୍ରକାଶ କରିଛନ୍ତି।

# ବିଶ୍ୱକର୍ମାଙ୍କ ପୂଜା ପାଳିତ

ଖଣ୍ଡପଡା, ୧୮।୯ :(ମନ୍ଥନ) ପବିତ୍ର ଭାଦ୍ରବ ସଙ୍କ୍ରାନ୍ତି ଅବସରରେ ଖଣ୍ଡପଡା ବ୍ଲକର ବିଭିନ୍ନସ୍ଥାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ବ୍ଲକ ଅଧୀନବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାଅନୁଷ୍ଠିତ ହୋଇଥିବା ସୂଚନା ମିଳିଛି। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ସଂସ୍ଥା, ସହରାଞ୍ଚଳସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗ, କ୍ଷୁଦ୍ର ଜଳ ଜଳସେଚନ ବିଭାଗ, ପୂର୍ତ୍ତ ବିଭାଗ, ଖଣ୍ଡପଡା ବେସରକାରୀଶିଳ୍ପ ତାଲିମ କେନ୍ଦ୍ର ପ୍ରମୁଖ ସହିତ ବଜାରରେ ଥିବା ମୋଟର ଗ୍ୟାରେଜ, ଟାଟା ପାୱାର ଆଦିସଂସ୍ଥାରେ ସୃଷ୍ଟିର ଶ୍ରେଷ୍ଠ ଶିଳ୍ପୀଙ୍କ ପୂଜା ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକଅଧୀନ ଖଳିସାହି ବଜାରରେ ଥିବା ଡ୍ରାଇଭର ୟୁନିୟନ ସଂଘ ଏବଂ କନ୍ଧମିରିଗ ଗ୍ରାମବାସୀଙ୍କଦ୍ୱାରା ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଚଳିତବର୍ଷବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ତଥା ଦୋକାନରେ ଲୋକଙ୍କ ଗହଣରେ ପୂଜା ଅନୁଷ୍ଠିତ ହୋଇଥିବାବେଳେ ଏଥିପାଇଁ ଉତ୍ସାହ ଦେଖିବାକୁ ମିଳିଥିଲା।

# ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନରେ ଦୀପ ପ୍ରଜ୍ୱଳନ ସମୂହର ଭବ୍ୟ ଆୟୋଜନ

ଅନୁଗୋଳ,୧୮।୯ :(ମନ୍ଥନ)ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ତଥା ଜନନେତା ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଶୁଭ ଜନ୍ମଦିନ ଅବସରରେ ଦୀପ ପ୍ରଜ୍ୱଳନ ସମୂହ ପକ୍ଷରୁ ଏକ ଭବ୍ୟ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ଏହି ଅବସରରେ ମାନ୍ୟବର ବିଧାୟକ ଅନୁଗୋଳ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ପ୍ରଧାନ, ଶୁଭେଚ୍ଛୁ, ସାମାଜିକ କର୍ମୀ ଓ ବହୁ ସଂଖ୍ୟକ ଜନସାଧାରଣ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ, ସୁସ୍ଥ ଜୀବନ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।କାର୍ଯ୍ୟକ୍ରମରେ ଦୀପ ପ୍ରଜ୍ୱଳନ ମାଧ୍ୟମରେ ଦେଶର ଏକତା, ଅଖଣ୍ଡତା, ଶାନ୍ତି ଓ ସମୃଦ୍ଧିର ବାର୍ତ୍ତା ପ୍ରଦାନ କରେ ବୋଲି ଶ୍ରୀଯୁକ୍ତ



ପ୍ରଧାନ ପରିପ୍ରକାଶ କରିଥିଲେ। ଉପସ୍ଥିତ ସମସ୍ତେ ଦେଶର ବିକାଶ, ଜନକଲ୍ୟାଣ ଓ ରାଷ୍ଟ୍ର ନିର୍ମାଣରେ ସକାରାତ୍ମକ ଭୂମିକା ଗ୍ରହଣ ପାଇଁ ସଂକଳ୍ପବଦ୍ଧ ହେବା ନିମନ୍ତେ ଆହ୍ୱାନ ଦେଇଥିଲେ।ଶ୍ରୀଯୁକ୍ତ ପ୍ରଧାନ,ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ କେବଳ ଏକ ଉତ୍ସବ ନୁହେଁ, ବରଂ ଦେଶସେବା, ସମାଜସେବା ଓ ଜନକଲ୍ୟାଣ ପ୍ରତି ନିଜର ଦାୟିତ୍ୱବୋଧକୁ ସୁଦୃଢ଼ କରିବାର ଏକ ପ୍ରେରଣାଦାୟକ ଅବସର ବୋଲି ନିଜର ବ୍ୟକ୍ତବ୍ୟ ରଖିଥିଲେ । ଦେଶର ଉନ୍ନତି ଓ ସାଧାରଣ ଲୋକଙ୍କ କଲ୍ୟାଣ ପାଇଁ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଶ୍ରୀଯୁକ୍ତ ପ୍ରଧାନ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରତିମା ମିଶ୍ର, ବିଜେପି ନେତା ଦିଲ୍ଲୀପ ପ୍ରଧାନ, ଦୀଲ୍ଲେଶ୍ୱର ପ୍ରଧାନ, ଅନୁଗୋଳ ପୌରପାଳିକାର ସମସ୍ତ କାଉନସିଲର, ବରିଷ୍ଠ ଆଇନଜୀବୀ ଶ୍ରୀମତି ମମତା ପଟ୍ଟନାୟକ, ଜିଲ୍ଲା ଯୁବମୋର୍ଚ୍ଚାବିଜେପି ସଭାପତି ସିଦ୍ଧାର୍ଥ ରାଉତରାୟ, ଅନୁଗୋଳ ନଗର ମଣ୍ଡଳ ସଭାପତି ଓ ଯୁବ ନେତା ଅନିନ୍ଦିତ ପ୍ରଧାନଙ୍କ ସମେତ ବହୁ ମହିଳା, ପୁରୁଷ ଓ ଯୁବ କର୍ମୀ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୯ ତମ ଜନ୍ମ ମହାମହୋତ୍ସବ ପାଳିତ

ଅନୁଗୋଳ,୧୮।୯ :(ମନ୍ଥନ)ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୁଳଚନ୍ଦ୍ରଙ୍କର ଶୁଭ ୧୩୯ ତମ ଜନ୍ମ ମହାମହୋତ୍ସବ ଅନୁଗୋଳ ସତସଙ୍ଗ ବିହାର ପରିସରରେ ମହାସମାରୋହ ସହକାରେ ଅନୁଷ୍ଠିତ ହୋଇଯାଇଛି। ଋତ୍ୱିକ ମାଧବ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଜନ୍ମ ମହୋତ୍ସବରେ ଭୁବେନେଶ୍ୱର ସତସଙ୍ଗ କେନ୍ଦ୍ରର ଋତ୍ୱିକ କୈଳାସ ଚନ୍ଦ୍ର ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଭଲ ମଣିଷ ହେବାକୁ ହେଲେ ଜୀବନରେ ଇଷ୍ଟ ଆଦର୍ଶକୁ ଗ୍ରହଣ କରି ତାଙ୍କ ନିର୍ଦ୍ଦେ ?ଶିତ ପଥରେ ଚାଲିବା ଦରକାର ବୋଲି



ଉପସ୍ଥିତ ସତସଙ୍ଗି ଗୁରୁଭ୍ରାତା, ଗୁରୁମା ମାନଙ୍କୁ ଉପଦେଶ ଦେଇଥିଲେ। ଶ୍ରୀ ବେହେରା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଆଦର୍ଶ ଓ ଜୀବନୀ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସକାଳରେ ବେଦ ମାଙ୍ଗଳିକ ଓ ନହବତ, ଉଷା କୀର୍ତନ, ସମବେତ ପ୍ରାତଃ ବିନତୀ, ଭକ୍ତି ସଂଗୀତାଞ୍ଜଳି, ମାତୃ ସମ୍ମିଳନୀ, ସତସଙ୍ଗ ସଦାଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସନ୍ଧ୍ୟା ବିନତୀ ଓ ନାମ ସଂକୀର୍ତନ ଆୟୋଜନ ହୋଇଥିଲା। ଋତ୍ୱିକ ନିମାଇଁ ଚରଣ ବେହେରା,ଋତ୍ୱିକ ତାରାକାନ୍ତ ବେହେରା, ଋତ୍ୱିକ ଅଶୋକ କୁମାର ଗଡ଼ନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସମଗ୍ର ଜିଲ୍ଲାରୁ ଏକ ହଜାରରୁ ଊର୍ଦ୍ଧ୍ୱ ସତସଙ୍ଗୀ ଗୁରୁମା, ଗୁରୁଭ୍ରାତା ଯୋଗଦେଇଥିଲେ। ଶେଷରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

# ରୁଙ୍ଗଟା ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକର୍ମର ଶୁଭାରମ୍ଭ

କୋଇଡା, ୧୮।୯ :(ମନ୍ଥନ) କୋଇଡା ଖଣି ଅଂଚଳ ଅନ୍ତର୍ଗତ ଓରାଘାଟ ଲୌହ ଖଣି ମେସର୍ସ ରୁଙ୍ଗଟା ସନ୍ସ ପ୍ରାଇଭେଟେ ଲିମିଟେଡ୍ ତରଫରୁ ଏବଂ ଆଇ. ବି. ଏମ (ଭାରତ ସରକାର ) ଙ୍କ ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟକ୍ରମ ଆଜି ତା ୧୭. ୦୯. ୨୦୨୬ ରିଖ ଠାରୁ ଆରମ୍ଭ ହୋଇଯାଇଛି ଏହା ଆସନ୍ତା ମାସ ୧୭. ୧୦. ୨୬ ରିଖ ପ୍ରଯ୍ୟନ୍ତ ଏକ ମାସ ଧରି ଚାଲିବ ଖଣି ପରିଚାଳକ ଶ୍ରୀଯୁକ୍ତ ସୁଭାଷ ଚନ୍ଦ୍ର ପ୍ରଧାନ ଙ୍କ ପ୍ରତେକ୍ଷ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରଥମେ ସମସ୍ତ କର୍ମଚାରୀ ମାନଙ୍କୁ ଖଣି ପରିଚାଳକ ଶପଥ ପାଠ କରିବା ସହିତ ସ୍ୱଚ୍ଛତା ହିଁ ସେବା ସମ୍ବନ୍ଧରେ ସମସ୍ତଙ୍କୁ ସଚେତନ କରାଇଥିଲେ । ନୈନ୍ଦିନ ଜୀବନରେ ନିଜ ଘରଠାରୁ ଆରମ୍ଭ କରି ନିଜ ପରିବେଶକୁ କିପରି ସ୍ୱଚ୍ଛ ରଖିପାରିବା ସେଥିପାଇଁ ସଚେତନ କରିଥିଲେ । ଏହି ପରିପେକ୍ଷୀରେ ନିକଟସ୍ଥ ବିଦ୍ୟାଳୟ ମାନଙ୍କରେ ସ୍ୱଚ୍ଛତା ସମ୍ବନ୍ଧିତ ପ୍ରବନ୍ଧ, ଚିତ୍ରାଙ୍କନ ।debate ପ୍ରତିଯୋଗିତା କରାଯାଇ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ସହିତ ସେମାନଙ୍କୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି. ଖଣି ମଧ୍ୟରେ ବ୍ୟାପକ ବୃକ୍ଷ ରୋପଣ କରାଯିବା ସହିତ, ଖଣି ପରିସର, କାର୍ଯ୍ୟାଳୟ, କଲୋନୀ, ରାସ୍ତାଘାଟ, ଦୋକାନ ସହିତ ପଥଯାତ୍ରା/ମାରାଥନ ମାଧ୍ୟମରେ ସ୍ୱଚ୍ଛତା ସମ୍ବନ୍ଧରେ ଲୋକମାନଙ୍କୁ ସଚେତନ କରାଯିବାର କାର୍ଯ୍ୟକ୍ରମ ରହିଛି. ଏହି କାର୍ଯ୍ୟକ୍ରମରେ ଓରାଘାଟ ଖଣି ତରଫରୁ ଶ୍ରୀଯୁକ୍ତ ପ୍ରକାଶ କୁମାର, ରଞ୍ଜନ କୁମାର




ବଜାର ଓ ଗ୍ରାମ ଗୁଡିକରେ ସଫେଇ କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ. ଏହାସହିତ ସଫେଇ କର୍ମଚାରୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କୁ ସ୍ୱଚ୍ଛତା କିଟ ବଣ୍ଟନ କରାଯିବ,ତତସହିତ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କାର୍ଯ୍ୟକ୍ରମ କରାଯିବ. ଏହା ପାଣି, ଡ. ଅଞ୍ଜନ କୁମାର ଲେଙ୍କା, ଆର. ଏସ. ମହାନ୍ତ, ବିଦ୍ୟାଧର ସାହୁ, ସତ୍ୟଜିତ ମହାପାତ୍ର, ବିଶ୍ୱରଂଜନ ବେହେରା, ବନମାଳୀ ମହାନ୍ତ, ଡ଼ି. ଏସ. ଦିନକର, ରାମେଶ୍ୱର ପାଇକରାୟ,ବିଶ୍ୱଜିତ ଚକ୍ରବର୍ତ୍ତୀ ଓ ସୁରକ୍ଷା କର୍ମଚାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ବ୍ଲକ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ

ବୁଗୁଡା,୧୮।୯ :(ମନ୍ଥନ)ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯାଳୟ ପକ୍ଷରୁ ପିପୁଲ୍ଲି ହାଇସ୍କୁଲ ମିନି ଷ୍ଟାଡିୟମରେ ବ୍ଲକ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏବିଇଓ କୃଷ୍ଣଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ କ୍ରୀଡା ପତାକା ଉତ୍ତୋଳନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ପିପୁଲ୍ଲି ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଙ୍କର ଦାସ, ବ୍ଲକ ବିଧାୟକ ପ୍ରତିନିଧି ହରିକୃଷ୍ଣ ସାହୁ, ବିଜେପି ନଗର ସଭାପତି କେଦାର ମହାରଣା ପ୍ରମୁଖ ଯୋଗ ଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ସମୂହ କ୍ରୀଡା ପ୍ରତିଯୋଗିତାରେ ବୁଗୁଡା, ବାଲିପଦର, ବି.କରଡ଼ାବାଡ଼ି, ସଙ୍କୁରୁ ଆଦି ଚାରୋଟି ଜୋନ ଅନ୍ତର୍ଗତ ୩୪ଟି ବିଦ୍ୟାଳୟରୁ ଚୟନ ହୋଇଥିବା କନିଷ୍ଠ ବର୍ଗର ୧୩୦ ଜଣ ଓ ବରିଷ୍ଠ ବର୍ଗର ୨୦୩ ଜଣ ହିସାବରେ ମୋଟ ୩୩୩ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗୀଙ୍କ ସାମୂହିକ ଶପଥ ପାଠ ପରେ ସେମାନଙ୍କ ମଧ୍ୟରେ ଦୌଡ, ଲଙ୍ଗଜମ୍ପ, ହାଇଜମ୍ପ, ସଟପୁଟ୍ ଥ୍ରୋ, ଡିସକସ୍ ଥ୍ରୋ, ଜଭଲିନ୍ ଥ୍ରୋ, କବାଡି, ଖୋ-ଖୋ, ଫୁଟବଲ ଆଦି ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ପ୍ରତିଯୋଗିତା ସବୁକୁ ବୁଗୁଡା ବ୍ଲକ ସ୍କୁଲ ସ୍ ?ର୍ଟସ ଏସୋସିଏସନ ସେକ୍ରେଟାରୀ ବିଶ୍ୱେଶ୍ୱର ଗିରିଙ୍କ ସମେତ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର, କ୍ରୀଡା ଶିକ୍ଷକ ସତ୍ୟଶ୍ରୀ କୁମାର ଜେନା, ଭଞ୍ଜ କିଶୋର ଗୌଡ଼ , ବିଭୁ ପ୍ରସାଦ ନନ୍ଦ, ଅମୀୟ ରଞ୍ଜନ ଭୂୟାଁ, ସିଦ୍ଧାନ୍ତ ରାଉତ, ଲକ୍ଷ୍ମଣ ବେହେରା, ପ୍ରଣବ ମହାନ୍ତ, ଆକାଶ ପ୍ରଧାନ, ଅଲେଖ ସେଠୀ ଓ କ୍ରୀଡା ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ ପ୍ରମୁଖ କ୍ରୀଡା ସମୂହକୁ ପରିଚାଳନା ସହିତ କୃତି ପ୍ରତିଯୋଗୀଙ୍କୁ ଚୟନ କରିଥିଲା ବେଳେ ସିଆରସିସି ସୁନିତା ଶର୍ମିଷ୍ଠା ଜେନା, ସୁନିତା ପାଣିଗ୍ରାହୀ,ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ମହାରଣା, ଶିକ୍ଷକ ନିରଞ୍ଜନ ପ୍ରଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଏବିଇଓ ରବିନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତହସିଲଦାର ତାପସ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ଏନ୍‌ଏସି ସିଆରସିସି କିରଣ ବାଳା ତ୍ରିପାଠୀ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।



# ବୁଗୁଡ଼ାରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ

ବୁଗୁଡା,୧୮।୯ :(ମନ୍ଥନ)ବୁଗୁଡ଼ା ଅଞ୍ଚଳର ବିଭିନ୍ନକାର୍ଯାଳୟ ଏବଂ ପ୍ରତିଷ୍ଠାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କପୂଜା ରୀତିନୀତି ପ୍ରକାରେ ଅନୁଷ୍ଠିତ ହୋଇଯାଇଛି ।ସ୍ଥାନୀୟ ବାଘୁଆ ଜଳସେଚନ ଉପ-ବିଭାଜନ କାର୍ଯାଳୟରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ମହାସମାରୋହରେଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ମନୋଜ କୁମାରଦାଶ ପୁରୋହିତ ଭାବେ ଯୋଗ ଦେଇ ଯଥା ରୀତିନୀତିପ୍ରକାରେ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ ଏବଂ କର୍ତ୍ତାଭାବେ ପ୍ରାକ୍ତନ କନିଷ୍ଠ ଯନ୍ତ୍ରୀ ପୂର୍ଣଚନ୍ଦ୍ର ପୁରୋହିତ ଦାୟିତ୍ୱ ନିର୍ବାହ କରିଥିଲା ବେଳେ ବାଘୁଆ ଜଳଭଣ୍ଡାରରେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିଶ୍ୱ ଜୀବନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ମଧ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ସେହିପରି ନିକଟସ୍ଥ ଷୋଳମଇଲିଠାରେ ବିଦ୍ୟୁତ୍ ବିଭାଗ ପକ୍ଷରୁ କନିଷ୍ଠ ଯନ୍ତ୍ରୀ ସଂଗ୍ରାମ କେଶରୀ ସ୍ୱାଇଁଙ୍କ



ତତ୍ତ୍ୱାବଧାନରେ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ଅନ୍ୟପକ୍ଷରେ ସ୍ଥାନୀୟ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ସ୍ୱକାର୍ଯାଳୟ ପରିସରରେ ଭଗବାନ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଥିବା ବେଳେ ଘୁମୁସର ତାଲୁକା ବିଶ୍ୱକର୍ମା ସମାଜ ପକ୍ଷରୁ ବାଲିପଦର ଗ୍ରାମସ୍ଥ ବିଶ୍ୱକର୍ମା ଭବନ ପରିସରରେ ଠାକୁର ବିଶ୍ୱକର୍ମାଙ୍କ ପୂଜା ଉତ୍ସବ ପାଳିତ ହୋଇଯାଇଛି । ଏଥି ସହ ଆଦିପୁର ଗ୍ରାମସ୍ଥ ବିଶ୍ୱକର୍ମା ମହାରଣା ସମାଜ, ସ୍ଥାନୀୟ ପ୍ଲମ୍ବର ୱାର୍କମେନ୍ସ ଆସୋସିଏସନ, ତାରିଣୀ ମୋଟର୍ସ, ହରିଆନା ଷ୍ଟିଲ୍ ୱାର୍କ୍ସ , ଭାରତ ରେଫ୍ରିଜେସନ୍ ଏଣ୍ଡ ଇଲେକ୍ଟ୍ରିକାଲ୍ ୱାର୍କ୍ସଆଦି ପ୍ରତିଷ୍ଠାନ ସମେତ ବିଭିନ୍ନ ଯାନବାହାନ ଗ୍ୟାରେଜ ଏବଂ କଳକାରଖାନା ଗୁଡିକରେ ମଧ ବିଶ୍ୱକର୍ମାଙ୍କ ପୂଜା ବିଧିବିଧାନ ପୂର୍ବକ ଅନୁଷ୍ଠିତ ହୋଇଯାଇଛି ।

ଶନିବାର ୧୯ ସେପ୍ଟେମ୍ବର, ୨୦୨୬, ଭୁବନେଶ୍ୱର
Saturday September 19 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଯୁବଶକ୍ତି ଉପରେ ଭରସା

ଭାରତର ଯୁବସମାଜ ପାଇଁ ରୋଜଗାର କେବଳ ଏକ ଚାକିରି ନୁହେଁ, ଏହା ଆତ୍ମସମ୍ମାନ, ଆର୍ଥିକ ସ୍ୱାଧୀନତା, ପରିବାରର ସୁରକ୍ଷା ଏବଂ ନିଜ ଭବିଷ୍ୟତ ଗଢ଼ିବାର ଏକ ଦୃଢ଼ ଆଧାର। ସେହି ଦୃଷ୍ଟିରୁ ୨୦ତମ ପର୍ଯ୍ୟାୟର ରୋଜଗାର ମେଳା ଏକ ସମୟୋପଯୋଗୀ ଘଟଣା। କେନ୍ଦ୍ର ସରକାରଙ୍କ ସୂଚନା ଅନୁସାରେ ୨୦୨୬ ସେପ୍ଟେମ୍ବର ୧୯ରେ ବେଙ୍ଗାଲୁରୁର ନ୍ୟାସନାଲ ଏକାଡେମୀ ଅଫ କଷ୍ଟମ୍ସ, ଇନଡାଇରେକ୍ଟ ଟ୍ୟାକ୍ସେସ୍ ଆଣ୍ଡ ନାର୍କ ?ଟିକ୍ସର ଜୋନାଲ କ୍ୟାମ୍ପସରେ ଏହି ଜାତୀୟ ରୋଜଗାର ମେଳା ଆୟୋଜିତ ହେବ। ଏଥିରେ ନୂତନ ଭାବେ ନିଯୁକ୍ତ ଯୁବକଯୁବତୀ, ବିଭିନ୍ନ ବିଭାଗର ଅଧିକାରୀ ଏବଂ ସଂପୃକ୍ତ ପ୍ରତିନିଧିମାନେ ଯୋଗଦେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ ମାଧ୍ୟମରେ ଏହି କାର୍ଯ୍ୟକ୍ରମକୁ ସମ୍ବୋଧନ କରିବେ।ରୋଜଗାର ମେଳାର ମୂଳ ଗୁରୁତ୍ୱ ଏହାର ଦୃଶ୍ୟମାନ ପରିଣାମରେ ରହିଛି। ନିଯୁକ୍ତିପତ୍ର ହାତରେ ପାଇବା ଜଣେ ଯୁବକ ବା ଯୁବତୀଙ୍କ ପାଇଁ ଜୀବନର ଏକ ନୂଆ ଆରମ୍ଭ। ୨୦୨୬ ମେ ୨୩ରେ ହୋଇଥିବା ୧୯ତମ ରୋଜଗାର ମେଳାରେ ୪୭ଟି ସ୍ଥାନରେ ଏକାସାଙ୍ଗରେ ୫୧ ହଜାରରୁ ଅଧିକ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ଦିଆଯାଇଥିଲା। ରେଳବାଇ, ଗୃହ, ସ୍ୱାସ୍ଥ୍ୟ, ଆର୍ଥିକ ସେବା, ଉଚ୍ଚଶିକ୍ଷା ଓ ଅନ୍ୟାନ୍ୟ ବିଭାଗରେ ଯୁବପିଢ଼ି ସୁଯୋଗ ପାଇଥିଲେ।ଏହା ପୂର୍ବରୁ ଆୟୋଜିତ ୧୮ଟି ରୋଜଗାର ମେଳା ମାଧ୍ୟମରେ ପ୍ରାୟ ୧୨ ଲକ୍ଷ ନିଯୁକ୍ତିପତ୍ର ଜାରି ହୋଇଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ଏହି ତଥ୍ୟ ରୋଜଗାର ମେଳାକୁ କେବଳ ଏକ ଦିନର କାର୍ଯ୍ୟକ୍ରମ ଭାବେ ନୁହେଁ, ବରଂ ନିଯୁକ୍ତି ପ୍ରକ୍ରିୟାକୁ ଏକ ସାଧାରଣ ମଞ୍ଚରେ ଦୃଶ୍ୟମାନ କରିବାର ଏକ ପ୍ରୟାସ ଭାବେ ଦେଖିବାର ସୁଯୋଗ ଦିଏ। ତେବେ ଏଠାରେ ଏକ ମୌଳିକ କଥା ବୁଝିବା ଆବଶ୍ୟକ। ସରକାରୀ ନିଯୁକ୍ତି ଅର୍ଥନୀତିର ସମଗ୍ର ରୋଜଗାର ସମସ୍ୟାର ଏକମାତ୍ର ସମାଧାନ ନୁହେଁ। ଭାରତର ବିଶାଳ ଯୁବସମାଜ ପାଇଁ ସରକାରୀ ଚାକିରି ସହିତ ବେସରକାରୀ ଶିଳ୍ପ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଷ୍ଟାର୍ଟଅପ୍, କୃଷିଭିତ୍ତିକ ଉଦ୍ୟମ, ଡିଜିଟାଲ ସେବା, ନିର୍ମାଣ, ପର୍ଯ୍ୟଟନ ଓ ନୂତନ ପ୍ରଯୁକ୍ତିକ୍ଷେତ୍ରରେ ଅଧିକ ସୁଯୋଗ ଆବଶ୍ୟକ। ତେଣୁ ରୋଜଗାର ମେଳାର ସଫଳତାକୁ ଦେଶର ସମଗ୍ର ରୋଜଗାର ପରିସ୍ଥିତି ସହିତ ଯୋଡ଼ି ଦେଖିବା ଅଧିକ ଯୁକ୍ତିସଙ୍ଗତ।ରୋଜଗାର ମେଳାର ଆଉ ଏକ ଦିଗ ହେଉଛି ନିଯୁକ୍ତି ପ୍ରକ୍ରିୟାର ସମୟୋପଯୋଗୀତା ଓ ପାରଦର୍ଶିତା। ଯୁବମାନେ ବର୍ଷ ବର୍ଷ ଧରି ପରୀକ୍ଷା, ପ୍ରତିଯୋଗିତା ଓ ଚୟନ ପ୍ରକ୍ରିୟାରେ ଅପେକ୍ଷା କରିବାକୁ ବାଧ୍ୟ ହେଲେ ତାହାର ପ୍ରଭାବ ପରିବାର ଓ ଯୁବମନ ଉପରେ ପଡ଼େ। ତେଣୁ ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ, ନ୍ୟାୟସଙ୍ଗତ, ମେଧାଭିତ୍ତିକ ଓ ସମୟବଦ୍ଧ କରିବା ଯେକୌଣସି ସରକାରଙ୍କ ପାଇଁ ମୁଖ୍ୟ ଦାୟିତ୍ୱ। ରୋଜଗାର ମେଳାର ଆୟୋଜନ ଏହି ଆବଶ୍ୟକତା ଉପରେ ଜୋର ଦେବାର ଏକ ଅବସର ମଧ୍ୟ ସୃଷ୍ଟି କରୁଛି।କିନ୍ତୁ ନିଯୁକ୍ତିପତ୍ର ବଣ୍ଟନରେ କାର୍ଯ୍ୟ ସମାପ୍ତ ହୁଏ ନାହିଁ। ନୂତନ କର୍ମଚାରୀଙ୍କୁ ଉଚିତ ପ୍ରଶିକ୍ଷଣ, କାର୍ଯ୍ୟକୁଶଳତା ବିକାଶ, ପ୍ରଯୁକ୍ତିଜ୍ଞାନ ଏବଂ ଜନସେବାର ମନୋଭାବ ଦେବା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ରୋଜଗାର ମେଳାରେ ନିଯୁକ୍ତ ହେଉଥିବା ଯୁବମାନେ ରେଳ, ଡାକ, ସ୍ୱାସ୍ଥ୍ୟ, ଅର୍ଥ, ଶିକ୍ଷା, ସୁରକ୍ଷା ଓ ପ୍ରଶାସନ ଭଳି କ୍ଷେତ୍ରରେ କାମ କରିବେ। ସେମାନଙ୍କର ଦକ୍ଷତା ସିଧାସଳଖ ଭାବେ ସାଧାରଣ ଲୋକଙ୍କ ସେବାର ଗୁଣତ୍ୱ ସହିତ ଜଡ଼ିତ। ଏହି କାରଣରୁ ନୂତନ ନିଯୁକ୍ତିକୁ କେବଳ ଚାକିରି ପାଇବାର ସୁଯୋଗ ଭାବେ ନୁହେଁ, ଦେଶସେବାର ଦାୟିତ୍ୱ ଭାବେ ମଧ୍ୟ ଦେଖିବା ଦରକାର। ଜଣେ ରେଳ କର୍ମଚାରୀଙ୍କ ସତର୍କତା, ଜଣେ ଡାକ କର୍ମଚାରୀଙ୍କ ସେବା, ଜଣେ ସ୍ୱାସ୍ଥ୍ୟକର୍ମୀଙ୍କ ଦାୟିତ୍ୱବୋଧ, ଜଣେ ଆର୍ଥିକ କର୍ମଚାରୀଙ୍କ ସତ୍ୟନିଷ୍ଠା କିମ୍ବା ଜଣେ ଶିକ୍ଷା ବିଭାଗର କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା—ପ୍ରତ୍ୟେକଟି ମିଶି ନାଗରିକଙ୍କ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରେ।ପ୍ରଧାନମନ୍ତ୍ରୀ ମୋଦୀଙ୍କ ସରକାର ରୋଜଗାର ମେଳାକୁ ଯୁବଶକ୍ତି ଓ ରାଷ୍ଟ୍ର ନିର୍ମାଣ ସହିତ ଯୋଡ଼ି ଉପସ୍ଥାପନ କରୁଛି। ୧୯ତମ ମେଳାରେ ପ୍ରଧାନମନ୍ତ୍ରୀ ଯୁବମାନଙ୍କ ଭୂମିକାକୁ ବିକଶିତ ଭାରତ ଗଠନ ସହିତ ସମ୍ପର୍କିତ କରିଥିଲେ। ଏହି ଦୃଷ୍ଟିକୋଣର ମୂଲ୍ୟ ତାହାବେଳେ ଅଧିକ ବଢ଼ିବ, ଯେତେବେଳେ ନିଯୁକ୍ତି ସହିତ ଉତ୍ପାଦକତା, ଦକ୍ଷତା, ନବସୃଜନ ଓ ସାଧାରଣ ଲୋକଙ୍କ ପ୍ରତି ଜବାବଦେହିତା ମଧ୍ୟ ନିଶ୍ଚିତ ହେବ।ଭାରତର ଯୁବପିଢ଼ି ଆଜି କେବଳ ଚାକିରି ଖୋଜୁନାହିଁ; ସେମାନେ ନିଜ ଦକ୍ଷତାର ମୂଲ୍ୟାୟନ, ସମ୍ମାନଜନକ କାର୍ଯ୍ୟପରିବେଶ ଏବଂ ଭବିଷ୍ୟତର ବିକାଶରେ ଅଂଶୀଦାରିତ୍ୱ ଚାହୁଁଛନ୍ତି। ସେହି ଆକାଂକ୍ଷାକୁ ବୁଝିବା ଏବଂ ସୁଯୋଗରେ ପରିଣତ କରିବା ହେଉଛି ନୀତିନିର୍ମାତାଙ୍କର ପରବର୍ତ୍ତୀ ବଡ଼ ଦାୟିତ୍ୱ।୨୦ତମ ରୋଜଗାର ମେଳା ତେଣୁ ଏକ ଉତ୍ସବ ମାତ୍ର ନୁହେଁ; ଏହା ରୋଜଗାର, ପ୍ରଶାସନ ଓ ଯୁବ ଆକାଂକ୍ଷାକୁ ନେଇ ଆମକୁ ଆଉଥରେ ଚିନ୍ତା କରିବାର ସୁଯୋଗ। ନିଯୁକ୍ତିପତ୍ର ହାତରେ ନେଉଥିବା ପ୍ରତ୍ୟେକ ଯୁବକଯୁବତୀଙ୍କ ସଫଳତାର ଅର୍ଥ ହେଉଛି ଗୋଟିଏ ପରିବାରରେ ନୂଆ ଆଶା। ସେହି ଆଶାକୁ ଦୀର୍ଘସ୍ଥାୟୀ ରୋଜଗାର, ଦକ୍ଷତା ବିକାଶ ଓ ବ୍ୟାପକ ଆର୍ଥିକ ସୁଯୋଗରେ ପରିଣତ କରିପାରିଲେ ହିଁ ରୋଜଗାର ମେଳାର ପ୍ରକୃତ ସାର୍ଥକତା ପ୍ରମାଣିତ ହେବ। ଯୁବଶକ୍ତିକୁ ସୁଯୋଗ ଦେବା ସହିତ ସେହି ସୁଯୋଗକୁ ଦେଶର ଉନ୍ନତିରେ ପରିଣତ କରିବା—ଏହି ଦୁଇଟି ଦାୟିତ୍ୱ ଏକାସାଙ୍ଗରେ ଚାଲିଲେ ଭାରତର ରୋଜଗାର ଯାତ୍ରା ଅଧିକ ଅର୍ଥପୂର୍ଣ୍ଣ ହେବ।ଭାରତର ବିକାଶର କାହାଣୀ ଯଦି ଏକ ବିଶାଳ ଯାତ୍ରା, ତେବେ ଏହି ଯାତ୍ରାର ସବୁଠାରୁ ବଡ଼ ଶକ୍ତି ହେଉଛି ଦେଶର ଯୁବସମାଜ। ଯୁବକଙ୍କ ହାତରେ ଯେତେବେଳେ ନିଯୁକ୍ତିପତ୍ର ପହଞ୍ଚ ?, ସେତେବେଳେ କେବଳ ଜଣେ ବ୍ୟକ୍ତି ଚାକିରି ପାଉନାହାନ୍ତି; ଗୋଟିଏ ପରିବାରର ଆଶା ଦୃଢ଼ ହୁଏ, ଆତ୍ମନିର୍ଭରତାର ଦ୍ୱାର ଖୋଲେ ଏବଂ ଜଣେ ଯୁବକ ବା ଯୁବତୀ ନିଜ ପରିଶ୍ରମକୁ ସାମାଜିକ ଦାୟିତ୍ୱରେ ପରିଣତ କରିବାର ସୁଯୋଗ ପାଆନ୍ତି। ଏହି ଦୃଷ୍ଟିରୁ ୨୦ତମ ପର୍ଯ୍ୟାୟର ଜାତୀୟ ରୋଜଗାର ମେଳା କେବଳ ଆଉ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ; ଏହା ନିଯୁକ୍ତି, ଯୁବଶକ୍ତି, ପ୍ରଶାସନ ଓ ବିକଶିତ ଭାରତର ଲକ୍ଷ୍ୟକୁ ଏକାସାଙ୍ଗରେ ଦେଖିବାର ଏକ ଅବସର।କେନ୍ଦ୍ର ସରକାରଙ୍କ ସୂଚନା ଅନୁସାରେ ୨୦ତମ ଜାତୀୟ ରୋଜଗାର ମେଳା ୨୦୨୬ ସେପ୍ଟେମ୍ବର ୧୯ରେ ବେଙ୍ଗାଲୁରୁର ନ୍ୟାସନାଲ ଏକାଡେମୀ ଅଫ କଷ୍ଟମ୍ସ, ଇନଡାଇରେକ୍ଟ ଟ୍ୟାକ୍ସେସ୍ ଆଣ୍ଡ ନାର୍କ ?ଟିକ୍ସର ଜୋନାଲ କ୍ୟାମ୍ପସରେ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମରେ ନବନିଯୁକ୍ତ ଯୁବମାନେ, ବରିଷ୍ଠ ଅଧିକାରୀ ଓ ବିଭିନ୍ନ ବିଭାଗର ପ୍ରତିନିଧିମାନେ ଏକତ୍ରିତ ହେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ ମାଧ୍ୟମରେ ନୂତନ ନିଯୁକ୍ତମାନଙ୍କୁ ସମ୍ବୋଧନ କରିବେ।ରୋଜଗାର ମେଳାର ସବୁଠାରୁ ବଡ଼ ଦିଗ ହେଉଛି ଏହାର ନିରନ୍ତରତା। ୨୦୨୨ ଅକ୍ଟୋବର ୨୨ରେ ମିଶନ ନିଯୁକ୍ତିର ଅଂଶ ଭାବେ ଏହି ପଦକ୍ଷେପ ଆରମ୍ଭ ହୋଇଥିଲା। ୨୦୨୬ ଜୁଲାଇରେ ସଂସଦୀୟ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସରକାର କହିଥିଲେ ଯେ ୧୯ଟି ରୋଜଗାର ମେଳା ମାଧ୍ୟମରେ ୧୨ ଲକ୍ଷରୁ ଅଧିକ ନିଯୁକ୍ତିପତ୍ର ବଣ୍ଟନ ହୋଇଛି। ଏହି ନିଯୁକ୍ତି ପ୍ରକ୍ରିୟା କେନ୍ଦ୍ରୀୟ ମନ୍ତ୍ରଣାଳୟ, ବିଭାଗ, କେନ୍ଦ୍ରୀୟ ସରକାରୀ ଉଦ୍ୟୋଗ, ସ୍ୱାୟତ୍ତ ସଂସ୍ଥା, ସ୍ୱାସ୍ଥ୍ୟ ଓ ଶିକ୍ଷା ସଂସ୍ଥା ଏବଂ ସରକାରୀ ବ୍ୟାଙ୍କ ଭଳି ବିଭିନ୍ନ କ୍ଷେତ୍ରକୁ ଆବୃତ କରୁଛି।ଏହି ସଂଖ୍ୟାକୁ କେବଳ ଏକ ପରିସଂଖ୍ୟାନ ଭାବେ ଦେଖିଲେ ରୋଜଗାର ମେଳାର ସାମାଜିକ ଅର୍ଥ ଅଧାରେ ରହିଯିବ। ଗୋଟିଏ ନିଯୁକ୍ତିପତ୍ର ପଛରେ ଜଣେ ଛାତ୍ରଙ୍କ ବର୍ଷ ବର୍ଷର ପ୍ରସ୍ତୁତି, ଜଣେ ମାଆବାପାଙ୍କ ଆଶା, ପରିବାରର ଆର୍ଥିକ ଚିନ୍ତା ଏବଂ ଜଣେ ଯୁବକଙ୍କ ନିଜ ପରିଚୟ ଗଢ଼ିବାର ଆକାଂକ୍ଷା ଲୁଚିଥାଏ। ଏହି କାରଣରୁ ସରକାରୀ ଚାକିରିରେ ପ୍ରବେଶ କରୁଥିବା ପ୍ରତ୍ୟେକ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତିପତ୍ର ଏକ ଦାୟିତ୍ୱର ଦଲିଲ ମଧ୍ୟ।୧୯ତମ ରୋଜଗାର ମେଳା ଏହି ପରମ୍ପରାକୁ ଆହୁରି ସ୍ପଷ୍ଟ କରିଥିଲା। ୨୦୨୬ ମେ ୨୩ରେ ଦେଶର ୪୭ଟି ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ୫୧ ହଜାରରୁ ଅଧିକ ନବନିଯୁକ୍ତ ଯୁବମାନଙ୍କୁ ନିଯୁକ୍ତିପତ୍ର ଦିଆଯାଇଥିଲା। ରେଳବାଇ, ଗୃହ, ସ୍ୱାସ୍ଥ୍ୟ, ଆର୍ଥିକ ସେବା ଓ ଉଚ୍ଚଶିକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ହୋଇଥିଲା।

# ସହଭାଗୀ ନାଗରିକତା: ରାଷ୍ଟ୍ର ନିର୍ମାଣରେ ଭାରତୀୟ ମୁସଲମାନଙ୍କ ଭୂମିକା

**ଅଲତାଫ୍ ମିର୍**

ବିବିଧତା ଦୃଷ୍ଟିରୁ ଭାରତ ବିଶ୍ୱର ଏକ ଅନ୍ୟତମ ଦେଶ ଯେଉଁଠାରେ ବିଭିନ୍ନ ଧର୍ମ, ଭାଷା, ସଂସ୍କୃତି ଏବଂ ପରମ୍ପରାର ଲୋକମାନେ ବସବାସ କରନ୍ତି । ଶତାବ୍ଦୀ ଧରି ଦେଶର ସାମାଜିକ, ଅର୍ଥନୈତିକ, ବୌଦ୍ଧିକ ଏବଂ ସଂସ୍କୃତି କ୍ଷେତ୍ରରେ ବିଭିନ୍ନ ସମ୍ପ୍ରଦାୟର ଅବଦାନରେ ଏହି ବିବିଧତାର ଅଭିବୃଦ୍ଧି ହୋଇଛି । ଭାରତୀୟ ମୁସଲମାନମାନେ ଏହି ଐତିହାସିକ ଯାତ୍ରାର ଏକ ଅବିଚ୍ଛେଦ୍ୟ ଅଂଶ । ସ୍ଥାପତ୍ୟ, ସାହିତ୍ୟ, ବାଣିଜ୍ୟ, ଶିକ୍ଷା, ପ୍ରଶାସନ ଏବଂ ସ୍ୱାଧୀନତା ସଂଗ୍ରାମରେ ସେମାନଙ୍କର ଅବଦାନ ରହିଛି । ଭାରତ ଏକ ବିକଶିତ ରାଷ୍ଟ୍ର ହେବା ଲକ୍ଷ୍ୟରେ ଆଗକୁ ବଢୁଥିବା ବେଳେ ପ୍ରଶ୍ନ କେବଳ ଏତିକି ନୁହେଁ ଯେ ଭାରତୀୟ ମୁସଲମାନମାନେ ଭବିଷ୍ୟତ ଭାରତରେ କିପରି ସ୍ଥାନ ପାଇବେ; ବରଂ ଏକ ଶକ୍ତିଶାଳୀ, ସମାବେଶୀ ଓ ସମୃଦ୍ଧ ଭାରତ ଗଠନରେ ସେମାନେ ଆହୁରି କିପରି ଅବଦାନ ରଖିପାରିବେ, ତାହା ଚିନ୍ତ୍ୟମାନ ।

ଏହି ପରିପ୍ରେକ୍ଷୀରେ ସାଧାରଣ ନାଗରିକତାର ଧାରଣା ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଦେଇଥାଏ । ଅର୍ଥାତ, ଜାତି, ଧର୍ମ, ଭାଷା ଓ ଅଞ୍ଚଳ ନିର୍ବିଶେଷରେ ପ୍ରତ୍ୟେକ ନାଗରିକଙ୍କର ଅଧିକାର ସହିତ ସମାନ ଦାୟିତ୍ୱ ମଧ୍ୟ ରହିଛି । ନାଗରିକତା ମାନେ ନୁହେଁ କେବଳ ଅଧିକାର ଉପଭୋଗ କରିବା । ସାମାଜିକ କାର୍ଯ୍ୟରେ ସକ୍ରିୟ ଭାଗନେବା, ଅନ୍ୟମାନଙ୍କ ସେବାକରିବା ଏବଂ ଦେଶର ପ୍ରଗତିରେ ନିଜର ଅବଦାନ ରଖିବା ଭଳି ଦାୟିତ୍ୱ ତୁଲେଇବା ମଧ୍ୟ ନାଗରିକତାର ଦାୟିତ୍ୱ । ଭାରତୀୟ ମୁସଲମାନମାନଙ୍କ ପାଇଁ ଏହାର ଅର୍ଥ ହେଉଛି ଶିକ୍ଷା, ଆର୍ଥିକ ବିକାଶ, ସାମାଜିକ ସେବା, ସାର୍ବଜନୀନ ଜୀବନ ଓ ସମୁଦାୟର କଲ୍ୟାଣ ଭଳି କାର୍ଯ୍ୟରେ ସକ୍ରିୟ ଭୂମିକା ନେବା ।

ଶିକ୍ଷା ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଯେଉଁଥିରେ ସମ୍ପ୍ରଦାୟର ଅବଦାନ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ଆଜିର ଭାରତରେ ଉନ୍ନତ ନିଯୁକ୍ତି, ଆର୍ଥିକ ସୁଯୋଗ ଓ ନେତୃତ୍ୱର ବିକାଶ ପାଇଁ ଶିକ୍ଷା ଅପରିହାର୍ଯ୍ୟ । ଗୁଣାତ୍ମକ ଶିକ୍ଷା, ବୈଜ୍ଞାନିକ ଚିନ୍ତାଧାରା, ବୃତ୍ତିଗତ ପାଠ୍ୟକ୍ରମ ଓ ବୈଷୟିକ ଦକ୍ଷତା ଉପରେ ଅଧିକ ଗୁରୁତ୍ୱ ଦିଆଗଲେ ଯୁବପିଢ଼ି ନିଜପାଇଁ ଉନ୍ନତ ଭବିଷ୍ୟତ ଗଢ଼ିପାରିବେ । ମୁସଲମାନ ସମ୍ପ୍ରଦାୟର ଶିକ୍ଷକ, ଗବେଷକ, ବିଦ୍ୟାନ ଓ ବିଭିନ୍ନ ପେସାରେ ନିୟୋଜିତ ବ୍ୟକ୍ତିମାନେ ମଧ୍ୟ ଭାରତର ବୌଦ୍ଧିକ ଓ ଆର୍ଥିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିପାରିବେ । ତେଣୁ ଶିକ୍ଷାକୁ ସମର୍ଥନ କରିବା ଦ୍ୱାରା ବ୍ୟକ୍ତି ଏବଂ ପରିବାର ସହିତ ସମଗ୍ର ସମାଜର ମଙ୍ଗଳ ହୋଇଥାଏ

ଆର୍ଥିକ କ୍ଷେତ୍ରରେ ସକ୍ରିୟ ଭାଗିଦାରୀ ମଧ୍ୟ ସମାନ ଗୁରୁତ୍ୱ ବହନ କରେ । ଦେଶର ବିଭିନ୍ନ ଅଞ୍ଚଳରେ ମୁସଲମାନ ଉଦ୍ୟୋଗୀ, କାରିଗର, ବ୍ୟବସାୟୀ, ପେସାଦାର ଓ ଶ୍ରମଜୀବୀମାନେ ସ୍ଥାନୀୟ ଅର୍ଥନୀତିକୁ ସମୃଦ୍ଧ କରୁଛନ୍ତି । ଉଦ୍ୟୋଗିତା, ନୂତନ ପ୍ରଯୁକ୍ତି, ନବସୃଜନ ଓ ଆଧୁନିକ ଦକ୍ଷତାକୁ ଅଧିକ ପ୍ରୋତ୍ସାହନ ଦିଆଗଲେ ନିଯୁକ୍ତି ଓ ଆର୍ଥିକ ସୁଯୋଗ ବଢ଼ିପାରିବ । ଯୁବପିଢ଼ିଙ୍କୁ ନିଜର ବ୍ୟବସାୟ ଓ ଉଦ୍ୟୋଗ ପ୍ରତିଷ୍ଠା କରିବାକୁ ଉତ୍ସାହିତ କାରାଯିବା ଆବଶ୍ୟକ । ଏପରି ଉଦ୍ୟମ ନିଜ ସମୁଦାୟର ଆବଶ୍ୟକତା ପୂରଣ କରିବା ସହିତ ବ୍ୟାପକ ଅର୍ଥନୀତିରେ ମଧ୍ୟ ଯୋଗଦାନ କରିପାରିବ । ଆର୍ଥିକ ସଶକ୍ତିକରଣ ଲୋକମାନଙ୍କୁ ସାର୍ବଜନୀନ ଓ ସାମାଜିକ ଜୀବନରେ ଅଧିକ ଆତ୍ମବିଶ୍ୱାସର ସହ ଭାଗ ନେବାରେ ସୁଯୋଗ ଦେଇଥାଏ ।

ସମାଜସେବା ହେଉଛି ଅବଦାନର ଆଉ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର । ଇସଲାମିକ୍ ଶିକ୍ଷାରେ ଦାନ ଓ ଅଭାବିଙ୍କୁ ସାହାଯ୍ୟ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି । ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଜନକଲ୍ୟାଣ କ୍ଷେତ୍ରରେ ଅନେକ ବ୍ୟକ୍ତି ଓ ସଂଗଠନ ପୂର୍ବରୁ କାର୍ଯ୍ୟ କରୁଛନ୍ତି । ଏହି ପ୍ରୟାସ ସମୁଦାୟର ସୀମା ଅତିକ୍ରମ କରି ସମାଜର ସବୁ ବର୍ଗର ଲୋକଙ୍କ ପାଖରେ ପହଞ୍ଚିଲେ ଏହାର ପ୍ରଭାବ ଆହୁରି ବଢ଼ିଥାଏ । ଛାତ୍ରବୃତ୍ତି, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ ତାଲିମ ଓ ଅବହେଳିତ ପରିବାରଙ୍କୁ ସହାୟତା କରିବା ଦ୍ୱାରା ସମାଜର ବିଭିନ୍ନ ବର୍ଗ ମଧ୍ୟରେ ବିଶ୍ୱାସ ଓ ସହଯୋଗର ସେତୁ ସୁଦୃଢ଼ ହୋଇଥାଏ । ଧର୍ମୀୟ କିମ୍ବା ସାମାଜିକ ପାର୍ଥକ୍ୟକୁ ପଛରେ ପାକାଇ କରୁଣା ଓ ମାନବିକତାକୁ ଗୁରୁତ୍ୱ ଦେବା ହିଁ ପ୍ରକୃତ ସମାଜ ସେବା ।ଏକ ସମାବେଶୀ ଭାରତ ପାଇଁ ଏହାର ବିବିଧ ସମ୍ପ୍ରଦାୟ ମଧ୍ୟରେ ଅଧିକ ପାରସ୍ପରିକ ସମ୍ପର୍କ ଓ ସହଯୋଗ ଆବଶ୍ୟକ । ବହୁଳବାଦ ମାନେ ନୁହେଁ କେବଳ ବିଭିନ୍ନ ସମ୍ପ୍ରଦାୟ ପାଖାପାଖି ରହିବା । ଏହା ଅର୍ଥ ହେଉଛି ପରସ୍ପର ସହ ଯୋଗାଯୋଗ କରିବା, ଏକାଠି କାମ କରିବା ଓ ପରସ୍ପର ଠାରୁ ଶିଖିବା । ଭାରତୀୟ ମୁସଲମାନମାନେ ଦୀର୍ଘଦିନ ଧରି ଦେଶର ସହଭାଗୀ ସାଂସ୍କୃତିକ ଓ ସାମାଜିକ ଜୀବନର ଏକ ଅଂଶ ହୋଇ ଆସିଛନ୍ତି । ଏହି ପରମ୍ପରାକୁ ପଡ଼ଶୀ, ବିଦ୍ୟାଳୟ, କର୍ମକ୍ଷେତ୍ର, ସାମାଜିକ ପ୍ରତିଷ୍ଠାନରେ ନିୟମିତ ଆଲୋଚନା, ସହଯୋଗ ଓ ପାରସ୍ପରିକ ସମ୍ପର୍କ ମାଧ୍ୟମରେ ଆହୁରି ସୁଦୃଢ଼ କରାଯାଇପାରିବ । ଲୋକମାନେ ପରସ୍ପରକୁ ପୃଥକ ଗୋଷ୍ଠୀ ଭାବେ ନ ଦେଖି ସହ-ନାଗରିକ ଭାବେ ଦେଖିବା ଆରମ୍ଭ କଲେ ସାମାଜିକ ସମନ୍ୱୟ ଓ ଜାତୀୟ ଏକତା ଆହୁରି ମଜବୁତ୍

ସମ୍ବିଧାନ, ସ୍ୱାଧୀନତା, ସମାନତା, ନ୍ୟାୟ ଏବଂ ଭ୍ରାତୃତ୍ୱ ପ୍ରତି ଏହାର ଅବିଚଳ ପ୍ରତିବଦ୍ଧତା ମାଧ୍ୟମରେ ସହଭାଗୀ ନାଗରିକତା ପାଇଁ ଏକ ସାଧାରଣ ଭିତ୍ତି ପ୍ରଦାନ କରେ । ଏହି ମୂଲ୍ୟଗୁଡ଼ିକ କେବଳ ସମ୍ବିଧାନରେ ଉଲ୍ଲେଖିତ ଆଦର୍ଶ ଭାବେ ସୀମିତ ନ ରହି ଆମର ଦୈନନ୍ଦିନ ଆଚରଣ ଓ ପରସ୍ପର ସମ୍ପର୍କ ମାଧ୍ୟମରେ ଅର୍ଥପୂର୍ଣ୍ଣ ହୋଇଥାଏ । ଅନ୍ୟମାନଙ୍କର ମର୍ଯ୍ୟାଦାକୁ ସମ୍ମାନ କରିବା, ଆଇନ ପାଳନ କରିବା, ପକ୍ଷପାତ ଓ ଭେଦଭାବକୁ ପ୍ରତ୍ୟାଖ୍ୟାନ କରିବା ଏବଂ ଗଣତାନ୍ତ୍ରିକ ଜୀବନରେ ଗଠନମୂଳକ ଭାବେ ଅଂଶ ଗ୍ରହଣ କରିବା ନାଗରିକଙ୍କର ସାମୂହିକ ଦାୟିତ୍ୱ । ଅନ୍ୟ ସମସ୍ତ ସମ୍ପ୍ରଦାୟ ପରି ଭାରତୀୟ ମୁସଲମାନମାନେ ମଧ୍ୟ ନାଗରିକ କାର୍ଯ୍ୟକଳାପରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରି, ସୁସ୍ଥ ଆଲୋଚନାକୁ ପ୍ରୋତ୍ସାହନ ଦେଇ ଏବଂ ଯୁବପିଢ଼ି ମଧ୍ୟରେ ଦାୟିତ୍ୱଶୀଳ ନାଗରିକତାର ଚେତନା ବିକଶିତ କରି ଦେଶର ଗଣତାନ୍ତ୍ରିକ ସଂସ୍କୃତିକୁ ଆହୁରି ସୁଦୃଢ଼ କରିପାରିବେ । ଡିଜିଟାଲ୍ ଯୁଗ ନାଗରିକତାରେ ଆଉ ଏକ ନୂଆ ଦିଗ ଯୋଡ଼ିଛି । ସାମାଜିକ ଗଣମାଧ୍ୟମ ଏବଂ ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକ ଲୋକମାନଙ୍କ ପାଇଁ ଯୋଗାଯୋଗ, ମତ ବିନିମୟ ଏବଂ ସୂଚନା ଆଦାନ ପ୍ରଦାନକୁ ଅଧିକ ସହଜ କରିଛି । ସେହି ସମୟରେ, ମିଥ୍ୟା ସୂଚନା, ରୂଢ଼ିବାଦୀ ଧାରଣା ଏବଂ ବିଭାଜନକାରୀ ବିଷୟବସ୍ତୁ ମଧ୍ୟ ଅନଲାଇନରେ ଦ୍ରୁତ ଗତିରେ ପ୍ରସାରିତ ହୋଇପାରେ । ତେଣୁ ସାମାଜିକ ଗଣମାଧ୍ୟମର ଦାୟିତ୍ୱଶୀଳ ବ୍ୟବହାର ଅତ୍ୟନ୍ତ ଜରୁରି । ନାଗରିକମାନେ ସୂଚନା ସେୟାର କରିବା ପୂର୍ବରୁ ତାହାର ସତ୍ୟତା ଯାଞ୍ଚ କରିବା ଦରକାର, ଅପମାନଜନକ କିମ୍ବା ଉତ୍ତେଜନାମୂଳକ ବିଷୟବସ୍ତୁକୁ ବାଦଦେବା ଏବଂ ସମ୍ମାନଜନକ ଓ ଗଠନମୂଳକ ଆଲୋଚନାରେ ସାମିଲ ହେବା ଉଚିତ୍ ।

ଯେକୌଣସି ସମ୍ପ୍ରଦାୟର ପ୍ରଗତି ସମଗ୍ର ଦେଶର ପ୍ରଗତି ସହିତ ଅଙ୍ଗାଅଙ୍ଗିଭାବେ ଜଡ଼ିତ । ଭାରତୀୟ ମୁସଲମାନମାନଙ୍କର ଏକ ସମୃଦ୍ଧ ଐତିହ୍ୟ ଏବଂ ଭାରତ ପ୍ରତି ଅବଦାନର ଏକ ଇତିହାସ ରହିଛି । ସେମାନେ ଶିକ୍ଷା, ଉଦ୍ୟୋଗ, ମହିଳାଙ୍କର ଅଂଶଗ୍ରହଣ, ସମାଜସେବା, ସମ୍ପ୍ରଦାୟମାନଙ୍କ ମଧ୍ୟରେ ସଦଭାବ ଏବଂ ସାମ୍ବିଧାନିକ ମୂଲ୍ୟବୋଧ ପ୍ରତି ଅଧିକ ଯନ୍ତ୍ର ହୋଇ ଦେଶର ଭବିଷ୍ୟତ ଗଠନରେ ଆହୁରି ଦୃଢ଼ ଅବଦାନ ରଖିପାରିବେ । ଏପରି ସକ୍ରିୟ ଅଂଶ ଗ୍ରହଣ ସମାନ ନାଗରିକତାର ଏକ ସ୍ୱାଭାବିକ ଓ ସକାରାତ୍ମକ ପ୍ରକାଶ । ଏକ ସମାବେଶୀ ଭାରତ କେବଳ ସରକାରୀ ପଦକ୍ଷେପ ମାଧ୍ୟମରେ ଗଢ଼ି ଉଠି ପାରିବ ନାହିଁ, ଏଥିପାଇଁ ନାଗରିକମାନେ ନିଜର ପ୍ରଗତିକୁ ଦେଶର ପ୍ରଗତି ସହିତ ଅବିଚ୍ଛିନ୍ନ ଭାବେ ଜଡ଼ିତ ବୋଲି ବୁଝିବା ଏବଂ ଦେଶ ଗଠନରେ ନିଜର ଭୂମିକାକୁ ସଚେତନତାର ସହିତ ନିର୍ବାହ କରିବା ଆବଶ୍ୟକ । ଆମେ ଏପରି ଏକ ସମାଜ ଗଢ଼ିବା, ଯେଉଁଠି ବିବିଧତାକୁ ସମ୍ମାନ ମିଳୁଥିବ ଏବଂ ପ୍ରତ୍ୟେକ ନାଗରିକଙ୍କୁ ମର୍ଯ୍ୟାଦା, ସୁଯୋଗ ଓ ଭାରତର ସହଭାଗୀ ଭବିଷ୍ୟତ ଗଠନରେ ଯୋଗଦାନ କରିବାର ଏକ ନ୍ୟାୟସଙ୍ଗତ ସୁଯୋଗ ମିଳୁଥିବ।

# ପୁଞ୍ଜି ନିବେଶ

**ପଙ୍କଜ କୁମାର ପାଣିଗ୍ରାହୀ**

ରାଷ୍ଟ୍ରୀୟ ବିକାଶ ନା ବିନାଶ ?

ସ୍ୱଦେଶୀ / ବିଦେଶୀ ପୁଞ୍ଜି ନିବେଶ ଅର୍ଥ- ବୃହତ୍ତର ଶିଳ୍ପ ପ୍ରତିଷ୍ଠାନର ଅଭ୍ୟୁଦୟ । ଏହାଦ୍ୱାରା ସାଧାରଣ ନାଗରିକ, ପାରିବାରିକ, ସାମାଜିକ, ରାଷ୍ଟ୍ରୀୟ ବିକାଶ ହେଉଥିବା ପ୍ରଚାର ପ୍ରସାର କରାଯାଉଥିବା ଆମେ ସମସ୍ତେ ଶୁଣୁଛେ । କି'ନ୍ତୁ ତାର ବାସ୍ତବତା କ'ଣ ଜାଣିନେ ! ସମୀକ୍ଷା କରି ଦେଖିବା ଏହାର ଲାଭ କାହାକୁ ମିଳିଥାଏ ଏବଂ ଏହା ରାଷ୍ଟ୍ରୀୟ ବିକାଶରେ କେତେଦୂର ସହାୟକ ହୋଇଥାଏ ।

ପୂର୍ବରୁ ଆମ ରାଜା ଗୁଡାକ ଥିଲେ ଗୋଜା ! ତେଣୁ ଇଂରେଜ ପୁଞ୍ଜି ନିବେଶ ନାମରେ ବ୍ୟବସାୟ କରୁ କରୁ ଆମକୁ ଶାସନ କଲେ । ବର୍ତମାନ ଆଉ କ'ଣ ସେମିତି ହେବ ? ଆମ ଦେଶର ସାମ୍ବିଧାନିକ ମାଧୁର୍ଯ୍ୟତା କାରଣରୁ ଶାସନ, ପ୍ରଶାସନ ବ୍ୟବସ୍ଥାରେ ଅଭିଷିକ୍ତ ମଣିଷ ଗୁଡିକର ମାନବିକତା, ଦକ୍ଷତାର ସୀମା ଚରମ ଶୀର୍ଷରେ । ପୂର୍ବର ମୂର୍ଖ ରାଜା ମାନଙ୍କ ଭଳି, ଏମାନଙ୍କୁ କ'ଣ ସହଜରେ ଠକିଦେଇ ପାରିବେ ବିଦେଶୀ ?! ଆଦୌ ନୁହେଁ- ଏହା ଆମର ସଂପୂର୍ଣ୍ଣ ବିଶ୍ୱାସ ରହିଛି । ପୂର୍ବ ସମୟର ରାଜାଙ୍କ ଭଳି ଏମାନେ ନିଜସ୍ୱ ସ୍ୱାର୍ଥ / ସମ୍ଭୋଗ ବୋଲି କିଛି ଜାଣନ୍ତି ନାହିଁ ! କେବଳ ସାମାଜିକ, ରାଷ୍ଟ୍ରୀୟ ସୁରକ୍ଷା ଆଉ ସମାଜ ସେବା ଉଦ୍ଦେଶ୍ୟରେ ନିଜ ଜୀବନକୁ ଅଗ୍ନିରେ ଝାସ ଦେଇ କାର୍ଯ୍ୟ କରୁଥିବା ଅନୁଭବ କରୁଥିବେ ସମଗ୍ର ଦେଶବାସୀ ! ଏମାନଙ୍କ ରାଷ୍ଟ୍ରୀୟ ବିକାଶ ଧାରାରେ ଅବଦାନ ଅତୁଳନୀୟ ବନାମ ପୃଥିବୀର ଅନ୍ୟାନ୍ୟ ରାଷ୍ଟ୍ର ସମୂହ ! ଏକଥାର ସାନ୍ଦ୍ରତା ହୁଏତ ବୁଝିଥିବେ ସମସ୍ତେ ନିଶ୍ଚୟ ??

ବର୍ତମାନ ଆମ ଦେଶର ସାମାଜିକ ଉତ୍ଥାନ ଉପରେ କାର୍ଯ୍ୟକ୍ଷମ- ବିଭିନ୍ନ ମାଗଣା ଯୋଜନା, ଆରକ୍ଷଣ ଯୋଜନାର ପଟାନ୍ତର ନାହିଁ ! ଏମାନେ ଯେଉଁଭଳି ନିଜର ସଂପତ୍ତିକୁ ମାଗଣା ଯୋଜନା ମାଧ୍ୟମରେ ବିତରଣ କରି ପ୍ରଚାର, ପ୍ରସାର କରୁଛନ୍ତି --ଅନ୍ୟ କୌଣସି ଦେଶର ରାଜନେତାମାନେ ଏମିତି କରିପାରିବେ; ସନ୍ଦେହ ! ଆମର ତା ଉପରେ ଆଉ ଅଧିକ ଜ୍ଞାନ ନାହିଁ । ବୃହତ୍ତର ଶିଳ୍ପ ମାନଙ୍କ ସୁବିଧା ପାଇଁ ଜାତୀୟ ରେଳ, ରାଜପଥ, ଆକାଶ ଓ ଜଳପଥ ଗୁଡିକର ଆଖିବୁଜା ଉନ୍ନତ୍ତିକରଣ ଉପରେ କୌଣସି ସନ୍ଦେହ ହିଁ ନାହିଁ ! ଶିଳ୍ପ ସଂସ୍ଥାନ ମାନଙ୍କ ପାଇଁ ଚାକର ଯୋଗାଡ଼ କରିବା ଉଦ୍ଦେଶ୍ୟରେ ଶିକ୍ଷାନୀତିରେ ନୂତନ ଢାଞ୍ଚାର ପ୍ରୟୋଗ ଅପ୍ରତିମ ! ଏସବୁ କାର୍ଯ୍ୟ ବିଭିନ୍ନ (ପ୍ରତ୍ୟେକ୍ଷ - ପରୋକ୍ଷ) ମାଧ୍ୟମରେ ଲୋକଙ୍କ ଠାରୁ ଆଦାୟ କରାଯାଉଥିବା ୬୦-୭୦% ଟିକସ ଦ୍ୱାରା ସମ୍ଭବ କରାଯାଇ ଥାଏ ।

ରାଷ୍ଟ୍ରୀୟ ଭୂସଂପଦ, ଜଳ ସଂପଦ, ଖଣିଜ ସଂପଦ ଗୁଡିକ ବୃହତ୍ତର ଶିଳ୍ପ ସଂସ୍ଥାନ ମାନଙ୍କୁ ମାଗଣାରେ ହସ୍ତାନ୍ତର କରାଯିବା ଭିନ୍ନ ଏକ ଉନ୍ନତ୍ତିର ପନ୍ଥା । ଏହା ଶାସକଙ୍କ ବ୍ୟକ୍ତିଗତ ଅଧିକାର ମଧ୍ୟରେ ଆସୁଥିବ ! ତେଣୁ ସେମାନେ ତା'ର ସଦୁପଯୋଗ କରୁଥିବେ ବୋଲି ଅନୁମାନ ହେଉଛି ! ଏହି ସନ୍ଦର୍ଭରେ ସେମାନଙ୍କ ପ୍ରଚଣ୍ଡ ପ୍ରଖର ଜ୍ଞାନରୁ ଉତ୍ପତ୍ତି ହୁଏ ପୁଞ୍ଜି ନିବେଶର ମାର୍ଗ ! ସର୍ବସାଧାରଣଙ୍କୁ କୁହାଯାଏ; ନିଯୁକ୍ତି ସୁଯୋଗ ଓ ସାମାଜିକ ଆର୍ଥିକ ବିକାଶ । ଏପର୍ଯ୍ୟନ୍ତ ଏହି ଢାଞ୍ଚାରେ କରାଯାଇଥିବା ସ୍ୱଦେଶୀ / ବିଦେଶୀ ପୁଞ୍ଜି ନିବେଶ ଏବଂ ତଦ୍ୱାରା ସୃଷ୍ଟି ହୋଇଥିବା ନିଯୁକ୍ତି ସୁଯୋଗ ଓ ରାଷ୍ଟ୍ରୀୟ ଆର୍ଥିକ ବିକାଶର କୌଣସି ଶ୍ୱେତପତ୍ର ଜାରି କରାଯାଇଥିବା ଆମ ନଜରକୁ ଆସି ନାହିଁ । ଏହାଦ୍ୱାରା ବାସ୍ତବରେ କ'ଣ ହୁଏ, ଆସନ୍ତୁ ବୁଝିବା ଆମର ସୀମିତ ଜ୍ଞାନରେ ।

ଆଜ୍ଞା; ଖଣି, ପାଣି, ଭୂମି, କର୍ମୀ, ବିଦ୍ୟୁତ / ତାପଜ ଶକ୍ତି, ଭିତ୍ତିଭୂମି ପାଇଁ କଞ୍ଚା ମାଲ ସବୁ ଆମର । ଏସବୁ ଆମେ ଆପଣଙ୍କୁ ଯୋଗେଇ ଦେବୁ । ଆମ ବ୍ୟାଙ୍କ ଏବଂ ସେୟାର ବଜାର ମାଧ୍ୟମରେ ସାଧାରଣ ଲୋକଙ୍କ ଠାରୁ ଅଧିଗ୍ରହଣ କରାଯାଉଥିବା ଟଙ୍କା ମଧ୍ୟ ଦେବୁ । ଆପଣ ଟଙ୍କା ବୋଲି ଲେଖା ନଯାଇ ଆଉ କିଛି ଇଂରେଜ ଶବ୍ଦ ଲେଖାଥିବା ରଙ୍ଗୀନ କାଗଜ କିଛି ମାତ୍ରାରେ ନେଇ ଆସିବେ । ଆଉ ଆପଣଙ୍କ ସାଥିରେ ଲୋକ କେତେଜଣ ଥିବେ । ଏଠାରେ ଆମର କେତେକ ଲୋକଙ୍କୁ ନକ୍ସା ଦେଇ କାମରେ ଲଗାଇ ଚାଲିଯିବେ । ଶିଳ୍ପ ପ୍ରତିଷ୍ଠାନ ସଂପୂର୍ଣ୍ଣ ହେବା ପରେ ଆସି ବ୍ୟବସାୟ ଆରମ୍ଭ କରିବେ ।

ଆମେ ଆପଣଙ୍କୁ ସବୁ ଦ୍ରବ୍ୟ ମାଗଣାରେ ଯୋଗାଇ ଦେବୁ । ଅଧିକନ୍ତୁ ବ୍ୟବସାୟ ଆରମ୍ଭ ହେବା ପରେ ଟିକସ ମଧ୍ୟ ଛାଡ଼ କରିଦେବୁ । ଆପଣ ସବୁ ଏ- ଗ୍ରେଡ଼ (ଉଚ୍ଚ ମାନର) ଉତ୍ପାଦ ବିଦେଶକୁ ଉଚ୍ଚା ଦରରେ ରପ୍ତାନି କରିବେ । ଯାହା ବଳିବ ରଦ୍ଦି ଉତ୍ପାଦ ଆମ ଲୋକଙ୍କୁ ବିକ୍ରି କରିଦେବେ ! ସଂପଦ, ବିବିଯୋଗ ଏବଂ ଶ୍ରମ ସବୁ ଆମର । କେବଳ ମଧ୍ୟବର୍ତ୍ତୀ ଲୋକ ଆପଣ । ଲାଭାଂଶର ୯୦ ପ୍ରତିଶତ ଆପଣଙ୍କ ହାତକୁ ନେଇ ୧୦ ପ୍ରତିଶତ ଏଠାରେ ବ୍ୟବହାର କରିବେ । ଏହାଦ୍ୱାରା ଆପଣଙ୍କ ଯଥେଷ୍ଟ ଲାଭ ହେବ ।

ତା ବଦଳରେ ଆମର ଏକ ସର୍ତ୍ତ ମାନିବାକୁ ପଡିବ । ତାହା ହେଲା- ଯେତିକି କଂପୁଟର ଓ ରୋବଟିକ ଯନ୍ତ୍ରାଂଶରେ ସମ୍ଭବ; କରିବେ । କି'ନ୍ତୁ ଆମ ସ୍ଥାନୀୟ କିଛି ଶ୍ରମିକଙ୍କୁ ଚାକିରୀ ଦେବେ । ସଂଚାଳକ ବା ଅନ୍ୟ ଉଚ୍ଚ ପଦସ୍ଥ କର୍ମଚାରୀ ଆପଣଙ୍କ ହେଲେ ମଧ୍ୟ- ସୁରକ୍ଷା କର୍ମୀ ନିଶ୍ଚୟ ଆମ ଲୋକେ ହିଁ ରହିବେ । ସେତିକିରେ ଆମ ଦେଶବାସୀ ଯଥେଷ୍ଟ ଖୁସି ହେବେ ! ଆମେ ସେମାନଙ୍କୁ କହିବୁ ଯେ ଦେଖ ଆମେ କେମିତି ନୂଆ ରୋଜଗାର ସୃଷ୍ଟି କଲୁ ! ଅନ୍ୟୁନ ୧୦୦-୨୦୦ ପରିବାର ଉନ୍ନତ୍ତିର ଶୀର୍ଷକୁ ତ ଛୁଇଁବେ ! ଏତିକି କଥା ଆଜ୍ଞା ପୁଞ୍ଜି ନିବେଶର ମୂଳ ମନ୍ତ୍ର !

ଏଥିରେ ଆମ ଦେଶର ଆର୍ଥିକ ବିକାଶ କେତେ ହେବ ସେମାନଙ୍କୁ ବୁଝୁଥିବ ! କି'ନ୍ତୁ ଜଳ, ବାୟୁ, ମାଟି ପ୍ରଦୁଷଣ ଜନିତ ସ୍ୱାସ୍ଥ୍ୟାବସ୍ଥା ଗଗନ ଛୁଇଁବ ! ଖାଉଟି ବଜାରରେ ନିଆଁ ଲାଗିବ ! ରାସ୍ତାଘାଟ ସବୁବେଳେ ଭିଡ଼ ବଢିବ ! ସାଧାରଣ ଲୋକଙ୍କ ଉପରେ ଦମନଲୀଳା ଆରମ୍ଭ ହେବ ! ପାଖ ପଡୋଶୀ ଲୋକଙ୍କ ଜମି ହଡପ ହେବ ! ସେମାନଙ୍କ ସୁରକ୍ଷା ପାଇଁ ଅଂଚଳରେ ଗୁଣ୍ଡାରାଜ ଚାଲିବ ! ଆଉ ଯାହା ହେବାକୁ ଥିବ ହେବ ସିନା କି'ନ୍ତୁ ନେତା, ମନ୍ତ୍ରୀଙ୍କ ପବନ ଜମିରେ ସୁନା ତ ନିଶ୍ଚିତ ଫଳିବ !

ହଁ, ଏହା ହୋଇପାରେ ଯେ ତାକୁ ହିଁ ହୁଏତ ଆମେ ବିକାଶ ବୋଲି ବୁଝିବାକୁ ହେବ ! ଅନ୍ୟଥା ଏହା କେଉଁ ଦିଗରୁ ବ୍ୟକ୍ତିଗତ, ସାମାଜିକ, ପାରିବାରିକ କିମ୍ବା ରାଷ୍ଟ୍ରୀୟ ବିକାଶ ଦିଗରେ କାର୍ଯ୍ୟ କରିବ- ସେମାନେ ଜାଣିଥିବେ ଯେଉଁମାନେ ଏହି ଯୋଜନାର ବାର୍ତ୍ତାବହ ଓ ସମର୍ଥକ ।

ଉପର ବର୍ଣ୍ଣିତ ବିଷୟ ଗୁଡିକରେ ଯଦି ସେହିଭଳି ଆଉ କିଛି ବିକାଶର ମାର୍ଗ ଆମ ଅଣଦେଖା ହୋଇ ରହିଯାଇଥିବ ତା'ହେଲେ ଦୟାକରି ଆମକୁ ଜଣାଇବେ ସେମାନେ- ଯାହାଙ୍କୁ ଆଉ ଅଧିକ ବୁଝୁଥିବ ! ବିନମ୍ର ନିବେଦନ ଆଜ୍ଞା ।

ହେ ମୋର ପ୍ରିୟ ଦେଶବାସୀ- ଆମେ ସବୁବେଳେ ଏମିତି ଲୋକ ନ ପରଖି ଚିହ୍ନ ଦେଖି ଭୋଟ ଦେଉଥିବା ! ଆମର ଏମିତି ବିକାଶର ରଥ ଗଡି ଚାଲିଥିବ ! ଆମେ ଭାବନାରେ ଖୁସି ଆଉ ଭବିଷ୍ୟ ପିଢ଼ି ସେମାନଙ୍କ ଗୋଲାମୀରେ ! ଏହାଠାରୁ ଅଧିକ ଆଉ ଆମେ କ'ଣ ଯେ କରିପାରିବା ? ଅଧିକ ହେଲେ କୁମ୍ଭମେଳାରେ ବୁଡ଼ ପକାଇ ଗଙ୍ଗାରେ ମୁଣ୍ଡ ଧୋଇବା ! ଆମେ ମଲା ପରେ ତ୍ରିବେଣୀରେ ଅସ୍ଥି ପଡିବା ବ୍ୟବସ୍ଥା କରି ବୈକୁଣ୍ଠରେ ଅପସରା ନୃତ୍ୟ ଉପଭୋଗ କରିବା !

ଆଉ ଅଧିକା କିଛି ଥିଲେ ନିଶ୍ଚୟ ଜଣାଇବେ । କି'ନ୍ତୁ ଜଣାଇବା ପୂର୍ବରୁ ଦୟାକରି ବୁଝି ନେଇଥିବେ ଯେ ୧ ଡଲାର=୯୦-୯୫ ଟଙ୍କା ହେବାର ଅସଲ ଭିତିରି ରହସ୍ୟ କ'ଣ ?! ଏହି ମୂଲ୍ୟ କିଏ କାହିଁକି କେଉଁ କାରଣରୁ ଧାର୍ଯ୍ୟ କରିଥା'ନ୍ତି ?! ଏସବୁ ଜାଣିବାକୁ ହେଲେ ପ୍ରଥମେ ଟଙ୍କା କ'ଣ ଏବଂ ଡ଼ଲାର ମୂଲ୍ୟ କ'ଣ ଜାଣିବା ଅତ୍ୟନ୍ତ ଆବଶ୍ୟକ । ଏହା ସହିତ ଏଉଚ

ଶବ୍ଦର ଅର୍ଥକୁ ଓ ମୂଳ ତତ୍ୱକୁ ମଧ୍ୟ ଭଲଭାବେ ପରଖି ନିଅନ୍ତୁ । ତାହା ମଧ୍ୟ ବହୁତ କାମରେ ଆସିବ ଏସବୁ ଆକଳନ କରିବା ବେଳେ । ଅନ୍ୟଥା ଆପଣ ଖାଲି କୁହେଳିକା ମଧ୍ୟରେ ସୀମିତ ରହି ଖୁସି ହେଉଥିବେ ! ମାଙ୍କଡ଼ ତା ହିସାବ ଧରି ଛୁ ମାରୁଥିବ !

ୟୁ-ଟ୍ୟୁବ- ସାମାଜିକ ଜନମଞ୍ଚ (ଭାରତ)
ଛତ୍ରପୁର, ଗଞ୍ଜାମ-୭୬୧୦୨୦.
ଦୂରଭାଷ.: ୯୪୩୭୩୨୪୯୧୭.

# ଟେକ୍ନୋଲୋଜି : ଭର୍ଚୁଆଲ୍ ରିଆଲିଟି

**ମନସିଜ୍ ଦାସ**

ଗେମ ଡେଭେଲପମେଣ୍ଟ କମ୍ପାନୀ, ସଫ୍ଟୱେୟର ଡେଭେଲପମେଣ୍ଟ ଫାର୍ମ୍ସ, ଶିକ୍ଷା ସଂସ୍ଥା, ହେଲଥ କେୟାର ଫାର୍ମ, ମନୋରଞ୍ଜନ ଉଦ୍ୟୋଗ ଗୁଡ଼ିକରେ ବର୍ତ୍ତମାନ ଭିଆଇ ପ୍ରଫେସନାଲଙ୍କୁ ଅଧିକ ହାୟର କରୁଥିବା ଦେଖିବାକୁ ମିଳୁଛି । କିପରି ବଢ଼ାଇବେ ଦକ୍ଷତା, ଆସନ୍ତୁ ଜାଣିବା। ଭିଆର ବର୍ତ୍ତମାନ ଏକ ଭଲ କ୍ୟାରିୟର ଅପ୍ସନ ପାଲଟିଛି। ତେଣୁ ଭିଆର କ୍ଷେତ୍ରରେ ରୁଚି ରଖୁଥିବା ଯୁବପିଢ଼ି ଏ ନେଇ ପ୍ରଫେଶନାଲ କୋର୍ସ କରି ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ପାଇପାରିବେ। ଯେଉଁମାନଙ୍କ ପାଖରେ ଟେକ୍ନିକାଲ ନଲେଜ ସହିତ କିଛି ନୂଆ ଏବଂ ୟୁନିକ କରିବାର କ୍ରିଏଟିଭିଟି ରହିଛି, ସେମାନେ ଭିଆର ସମ୍ବନ୍ଧିତ କୋର୍ସ, ଟ୍ରେନିଂ ପ୍ରୋଗ୍ରାମ ମାଧ୍ୟମରେ ଦକ୍ଷତା ହାସଲ କରିପାରିବେ। ଯଦିଓ ଏହି ଫିଲ୍ଡରେ କ୍ୟାରିୟର ଗଢ଼ିବା ଲାଗି କୌଣସି ଖାସ ଡିଗ୍ରୀର ଆବଶ୍ୟକତା ନାହିଁ, ତେଣୁ ଯେକୌଣସି ଫିଲ୍ଡରେ ଗ୍ରାଜୁଏଶନ କରିବା ପରେ ଏଥିପାଇଁ ପ୍ରଫେଶନାଲ କୋର୍ସ କରିପାରିବେ। କମ୍ପ୍ୟୁଟର ସାଇନ୍ସ, ଗେମ ଡେଭେଲପମେଣ୍ଟ, ଗ୍ରାଫିକ ଡିଜାଇନ ଭଳି ବିଭିନ୍ନ କୋର୍ସ ମଧ୍ୟ କରିପାରିବେ। ଏହା ବ୍ୟତୀତ ଏଥିପାଇଁ ସି++, ସି ପାଇଥନ ଭଳି କେତେକ ପ୍ରୋଗ୍ରାମିଂ ଲାଙ୍ଗୁଏଜ ସହିତ ୟୁନିଟ, ଅନରିଅଲ ଇଞ୍ଜିନ ଭଳି ଥ୍ରୀଡ଼ି ମଡ଼େଲିଂ ସଫ୍ଟୱେରରେ କାମ କରିବାର ଦକ୍ଷତା ଆବଶ୍ୟକ। ଅନଲାଇନରେ ମଧ୍ୟ ଭିଆର ଶିଖିବା ପାଇଁ କୋର୍ସର, ଟେକ୍ନିକାଲ ପ୍ଲାଟଫର୍ମ ଉପଲବ୍ଧ। ଶିଖିବା ପରେ ବିଭିନ୍ନ ଫାର୍ମରେ ଇଣ୍ଟର୍ନଶିପ କରି ପ୍ରଥମେ ଦକ୍ଷତା ବୃଦ୍ଧି କରିବାକୁ ଚେଷ୍ଟା କରିବା ଆବଶ୍ୟକ। ଏ ଦିଗରେ ଦକ୍ଷତା ଥିଲେ ଅଧିକ ଦରମାଯୁକ୍ତ ଜବ ପାଇପାରିବେ। ସବୁଠାରୁ ବଡ଼ କଥା ହେଉଛି ଆତ୍ମବିଶ୍ୱାସ, ଗଭୀର ଅଧ୍ୟବସାୟ, ନିଷ୍ଠା ଓ ସାଧୁତା, ସମୟାନୁବର୍ତ୍ତିତା ହିଁ ଲକ୍ଷ୍ୟ ସାଧନ କରିପାରିଥାଏ। ଜୀବନରେ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ସବୁଠାରୁ ଶିକ୍ଷଣୀୟ କଥାଟି ହେଉଛି ଆହ୍ୱାନକୁ ପୂର୍ଣ୍ଣ ସାମର୍ଥ୍ୟର ସହ ସାମ୍ନା କର ଏବଂ ବିଜୟପ୍ରାପ୍ତ ହୁଅ। ଟେକ୍ନୋଲୋଜି କ୍ଷେତ୍ରରେ ଭର୍ଚୁଆଲ ରିୟଲିଟି ନିଶ୍ଚିନ୍ତ ଭାବରେ ଏକ ଆହ୍ୱାନ।

ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ, ଗୁରୁଗ୍ରାମ, ହରିୟାନା



# ଅଶାନ୍ତ ମଣିପୁର : ୭ ଦିନ ହେଲା ସ୍କୁଲ-ବଜାର ବନ୍ଦ

**ନୂଆଦିଲ୍ଲୀ,୧୮।୯(ଏଜେନ୍ସି):** ଅଶାନ୍ତ ମଣିପୁର... ଗତ ୪ ଦିନ ଭିତରେ ୬ ଜଣ କୁକି ସମ୍ପ୍ରଦାୟର ଲୋକଙ୍କୁ ହତ୍ୟା । ସେମାନଙ୍କ ମଧ୍ୟରେ ୪ ଜଣ ଅଛନ୍ତି ମହିଳା । କୁକି ଓ ନାଗା ସମୁଦାୟ ଭିତରେ ବିବାଦ ଯୋଗୁ ୭ଟି ପାହାଡିଆ ଜିଲ୍ଲାରେ ଜନଜୀବନ ପ୍ରଭାବିତ ହୋଇଛି। ଅନେକ ଅଞ୍ଚଳରେ ୭ ଦିନ ହେଲା ସ୍କୁଲ ଓ ବଜାର ବନ୍ଦ ରହିଛି । ବିଭିନ୍ନ ସ୍ଥାନରେ ସଡକ ଓ ରାଜପଥ ଅବରୋଧ ଯୋଗୁ ଯାତାୟତ ବାଧାପ୍ରାପ୍ତ ହୋଇଛି । ହିଂସା ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ବାଧାପ୍ରାପ୍ତ ହୋଇଛି । କାଙ୍ଗପୋକପି ସମେତ ଉଖରୁଲ, ସେନାପତି, ଚାନ୍ଦେଲ, ତାମେଙ୍ଗଲଙ୍ଗ, ଚୁରାଚାନ୍ଦପୁର ଓ ଫେରଜୱାଲ ଆଦି ପାହାଡି ଜିଲ୍ଲାରେ ବନ୍ଦ ପାଳନ ଓ ଅବରୋଧ ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀର ଘୋର ଅଭାବ ପରିଲକ୍ଷିତ ହୋଇଛି ।କାଙ୍ଗପୋକପି ଜିଲ୍ଲାର କିଛି ଗାଁରେ ଚିନି କିଲୋ ପିଛା ୪୦୦ ରୁ ୪୫୦ ଟଙ୍କାରେ ବିକ୍ରି ହେଉଛି । ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ଲୋକମାନେ ଭୟରେ ଘରୁ ବାହାରୁ ନାହାନ୍ତି । ଚାଷ କାର୍ଯ୍ୟ କରିବାକୁ କ୍ଷେତକୁ ଯିବା, ମେଡିକାଲ ଜରୁରି ଏପରିକି ବିମାନବନ୍ଦର ଯିବାକୁ ମଧ୍ୟ କଷ୍ଟକର ହୋଇପଡିଛି । ଜାତୀୟ ରାଜପଥ ସମେତ ରାଜ୍ୟ ରାଜପଥର ବିଭିନ୍ନ ସ୍ଥାନରେ ନାଗା ସମୁଦାୟର ଲୋକମାନେ ଅବରୋଧ କରିଛନ୍ତି । କେତେକ ସ୍ଥାନରେ ସେମାନେ ଚେକପୋଷ୍ଟ କରିଛନ୍ତି । ବିନା ସୁରକ୍ଷାରେ ଯାନବାହନ ଚଳାଚଳ କରିବା କଷ୍ଟକର ହୋଇପଡିଛି । କାଙ୍ଗପୋକପି ଜିଲ୍ଲାର ଚାମ୍ପାଙ୍ଗକିନିଙ୍ଗ ଲିୟାଙ୍ଗମାଇ ଗ୍ରାମରେ ବୁଧବାର ଅନେକ ଘରକୁ ନିଆଁ ଲଗାଇ ପୋଡି ଦିଆଯାଇଛି । କେତେକ ଘର ଉପରେ ଗୁଳିମାଡ କରାଯାଇଛି । ସେହି ଘରର କାନ୍ଥରେ ଗୁଳିମାଡର ଚିହ୍ନ ଦେଖିବାକୁ ମିଳିଛି ।ସେପଟେ ମଣିପୁରରେ ହିଂସାଯୋଗୁ ବିସ୍ଥାପିତ ଲୋକମାନେ ରହୁଥିବା ରିଲିଫ କ୍ୟାମ୍ପରେ ୩୪ ଜଣଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି । ତେବେ ଏହି ଘଟଣାରେ ଅପରାଧିକ ମାମଲା ରୁଜୁ କରିବା ଓ ଉପଯୁକ୍ତ ତଦନ୍ତ କରିବାରେ ରାଜ୍ୟ ସରକାରଙ୍କ ବିଫଳତା ଉପରେ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ ବାଗ୍‌ଚୀ ଓ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟର ମୁଖ୍ୟ ସଚିବଙ୍କୁ ରିଲିଫ କ୍ୟାମ୍ପରେ ଅସ୍ୱାଭାବିକ ମୃତ୍ୟୁ ଘଟଣାର ତଦନ୍ତ ସଂକ୍ରାନ୍ତ ସବିଶେଷ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରିଲିଫ କ୍ୟାମ୍ପର ପରିଚାଳନା ସମ୍ପର୍କରେ ତଦାରଖ କରୁଥିବା ଜଷ୍ଟିସ ଗିତା ମିତ୍ତଲ କମିଟିଙ୍କ ରିପୋର୍ଟ ଆଧାରରେ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଜାରି କରିଛନ୍ତି । ରିଲିଫ କ୍ୟାମ୍ପରେ ବିଭିନ୍ନ କାରଣରୁ ଏପର୍ଯ୍ୟନ୍ତ ୬୪୦ ଜଣଙ୍କ ମୃତ୍ୟୁ ଘଟିଛି । ସେଥିରୁ ୩୪ଟି ମୃତ୍ୟୁ ଅସ୍ୱାଭାବିକ ବୋଲି ଦର୍ଶାଯାଇଛି । କିନ୍ତୁ ସେହି ୩୪ଟିରୁ ମାତ୍ର ୨୦ଟିର ଶବ ବ୍ୟବଚ୍ଛେଦ କରାଯାଇଛି । ସେହିଭଳି ରାଜ୍ୟ ସରକାର ମୃତକଙ୍କ ପରିବାରକୁ ଦେଉଥିବା ୨୦,୦୦୦-୩୦,୦୦୦ ଟଙ୍କା କ୍ଷତିପୂରଣକୁ ନେଇ ମଧ୍ୟ ସର୍ବ ?ାଚ୍ଚ ଅଦାଲତ ପ୍ରଶ୍ନ ଉଠାଇଛନ୍ତି । କହିଛନ୍ତି ସମାନ ଘଟଣାରେ ୫ ଲକ୍ଷରୁ ଅଧିକ ଟଙ୍କା ଦିଆଯାଉଥିବା ବେଳେ ଏକ୍ଷେତ୍ରରେ ଏତେ କମ୍ ରାଶି କିଭଳି ପ୍ରଦାନ କରାଯାଉଛି ।

### ଟିଏମ୍‌ସି ଚିହ୍ନ ଫ୍ରିଜ୍ ପ୍ରସଙ୍ଗ

# ଇସିଙ୍କୁ ରାହୁଲ ଗାନ୍ଧୀ ଓ କେଜ୍ରିୱାଲଙ୍କ ତୀବ୍ର ସମାଲୋଚନା

**ନୂଆଦିଲ୍ଲୀ,୧୮।୯(ଏଜେନ୍ସି):**ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ନାମ ଓ ଦଳୀୟ ଚିହ୍ନ ଫ୍ରିଜ୍ କରାଯିବା ପ୍ରସଙ୍ଗରେ ନିର୍ବାଚନ କମିସନ (ଇସି)ଙ୍କୁ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ତୀବ୍ର ସମାଲୋଚନା କରିଛନ୍ତି। ଆମ୍ ଆଦମୀ ପାର୍ଟି (ଆପ୍) ଜାତୀୟ ଆବାହକ ଅରବିନ୍ଦ କେଜ୍ରିୱାଲ ମଧ୍ୟ ନିର୍ବାଚନ କମିସନଙ୍କ ପଦକ୍ଷେପ ଉପରେ ପ୍ରଶ୍ନ ଉଠାଇଛନ୍ତି। ଆସନ୍ତା ଅକ୍ଟୋବର ୬ ତାରିଖରେ ନନ୍ଦିଗ୍ରାମ ଓ ରେଜିନଗରରେ ଉପନିର୍ବାଚନ ଅନୁଷ୍ଠିତ ହେବ। ବିରୋଧୀ ଦଳଗୁଡ଼ିକୁ ଦୁର୍ବଳ କରିବା ପାଇଁ ବିଜେପି ଓ ନିର୍ବାଚନ ପ୍ୟାନେଲ ଏକାଠି କାମ କରୁଥିବା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି। ‘ଦଳ ଚୋରି’କୁ ଭାରତର ଗଣତାନ୍ତ୍ରିକ ଅବନତିର ସଦ୍ୟତମ ସଙ୍କେତ ବୋଲି ରାହୁଲ କହିଛନ୍ତି। ନେତୃତ୍ୱ ବିବାଦ ସମାଧାନ ନହେବା ପର୍ଯ୍ୟନ୍ତ ତୃଣମୂଳ କଂଗ୍ରେସର ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀଗୁଡ଼ିକୁ ଦଳର ନାମ ଓ ପାରମ୍ପରିକ ନିର୍ବାଚନ ଚିହ୍ନ ବ୍ୟବହାର କରିବାକୁ ଭାରତୀୟ ନିର୍ବାଚନ କମିସନ (ଇସିଆଇ) ବାରଣ କରିବାର



ଗୋଟିଏ ଦିନ ପରେ କଂଗ୍ରେସ ନେତାଙ୍କ ଏହି ମନ୍ତବ୍ୟ ଆସିଛି ।ରାହୁଲ ଗାନ୍ଧୀ କହିଛନ୍ତି, ନିର୍ବାଚନ କମିସନ ଶିବସେନା ଓ ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି) ବିବାଦ କ୍ଷେତ୍ରରେ ଏହିପରି ପଦକ୍ଷେପ ନେଇଥିଲେ ଓ ବର୍ତ୍ତମାନ ତୃଣମୂଳ କଂଗ୍ରେସ କ୍ଷେତ୍ରରେ ମଧ୍ୟ ସମାନ ହୋଇଛି। ରାଜନୈତିକ ଦଳଗୁଡ଼ିକୁ କେମିତି ଭଙ୍ଗାଯିବ ସେଥିପାଇଁ ବିଜେପି ଓ ଇସି ହାତ ମିଳାଇଛନ୍ତି। ଦଳ ଭଙ୍ଗା ଯିବା ପରେ ଦଳୀୟ ଚିହ୍ନ ଛଡ ?ଇ ନିଆଯାଉଛି, ତା'ପରେ ପୂରା ଦଳକୁ ଚୋରି କରାଯାଉଛି ଓ ଏପରିକି ଲକ୍ଷ ଲକ୍ଷ ଭାରତୀୟଙ୍କ ଭୋଟ ମଧ୍ୟ ଚୋରି କରାଯାଉଛି। ଭୋଟ ଚୋରି, ସରକାର ଚୋରି ଓ ଏବେ ଦଳ ଚୋରି। ଏହା ଆମ ଗଣତନ୍ତ୍ରର ପତନର ପ୍ରତୀକ ପାଲଟିଛି ବୋଲି ରାହୁଲ ‘ଏକ୍ସ’ରେ ପୋଷ୍ଟ କରିଛନ୍ତି। ଭୋଟରଙ୍କ ସୁରକ୍ଷା କରି ନିର୍ବାଚନ ଆୟୋଗ ନିଜର ସାମ୍ବିଧାନିକ ଦାୟିତ୍ୱ ପୂରଣ କରିବା ଅପେକ୍ଷା ବିଜେପିକୁ ସାହାଯ୍ୟ କରୁଛନ୍ତି ବୋଲି ବିରୋଧୀ ଦଳ ନେତା ଅଭିଯୋଗ କରିଛନ୍ତି। କେଜ୍ରିୱାଲ ମଧ୍ୟ ‘ଏକ୍ସ’ରେ ପୋଷ୍ଟ କରି କହିଛନ୍ତି, ଏହା ଦେଶବାସୀଙ୍କୁ ମୋଦୀଙ୍କ ଜନ୍ମଦିନର ଉପହାର। କ'ଣ ସେମାନେ ଏହି ଭାବେ ନିର୍ବାଚନ ଜିତିବେ ବୋଲି ଆପ୍ ନେତା ପ୍ରଶ୍ନ କରିଛନ୍ତି।

# ଏୟାର ଇଣ୍ଡିଆ ଏକ୍ସପ୍ରେସର ୮ ଜଣ କ୍ରିୟୁ ସଦସ୍ୟ ନିଲମ୍ବିତ

**ନୂଆଦିଲ୍ଲୀ,୧୮।୯(ଏଜେନ୍ସି):**ବିମାନ ଅବତରଣ ପରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବାଧ୍ୟତାମୂଳକ ମଦ୍ୟପାନ ନିରୂପଣ ପରୀକ୍ଷା ବିଳମ୍ବ କରିବା ଅଭିଯୋଗରେ ଏୟାର ଇଣ୍ଡିଆ ଏକ୍ସପ୍ରେସର ୮ ଜଣ କ୍ରିୟୁ ସଦସ୍ୟଙ୍କୁ ୩ ମାସ ପାଇଁ ନିଲମ୍ବିତ କରାଯାଇଛି । ଗତ ଅଗଷ୍ଟ ୨ ତାରିଖରେ ଦୁବାଇରୁ ଅମୃତସର ଆସିଥିବା ଏହି ବିମାନର କ୍ରିୟୁ ସଦସ୍ୟମାନେ ନିୟମାନୁସାରେ ୨ ଘଣ୍ଟା ମଧ୍ୟରେ ଏହି ପରୀକ୍ଷା କରାଇବା ବାଧ୍ୟତାମୂଳକ ଥିଲା । ମାତ୍ର ସେମାନେ ୨ ଘଣ୍ଟା ୩୫ ମିନିଟ୍ ପରେ ନିଜର ସ୍ୱୀକୃତିପତ୍ର ଦାଖଲ କରିଥିଲେ। ଏୟାରଲାଇନ୍ସ ପ୍ରଶାସନ ପକ୍ଷରୁ ଏହି ନିୟମ ଉଲ୍ଲଂଘନ ସମ୍ପର୍କରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)କୁ ବିଧିବଦ୍ଧ ଭାବେ ଅବଗତ କରାଯିବା ସହ ଉକ୍ତ ସଦସ୍ୟମାନଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ତେବେ ପରୀକ୍ଷା ରିପୋର୍ଟରେ ସମସ୍ତ କ୍ରିୟୁ ସଦସ୍ୟ ନେଗେଟିଭ୍ ଥିବା ସ୍ପଷ୍ଟ ହୋଇଛି ।ନିକଟରେ ଏୟାର ଇଣ୍ଡିଆର ଫୁକେଟ୍-ଦିଲ୍ଲୀ ବିମାନ ଉଡ଼ାଣ ସମୟରେ ହଠାତ୍ ୩୦୦ ଫୁଟ୍ ତଳକୁ ଖସିପଡ଼ିବା ଭଳି ଏକ ସଂବେଦନଶୀଳ ଘଟଣା ଘଟିଥିଲା, ଯେଉଁଥିରେ ପାଇଲଟଙ୍କର ମାରିଜୁଆନା (ଗଞ୍ଜେଇ) ପରୀକ୍ଷା ପୋଜିଟିଭ୍ ଆସିବା ପରେ ଆକାଶମାର୍ଗ ଦୁର୍ଘଟଣା ତଦନ୍ତ ବ୍ୟୁରୋ (ଏଏଆଇବି) ତଦନ୍ତ ଚଳାଇଛି। ଏହି ଘଟଣା ପରଠାରୁ ବିମାନ କ୍ରିୟୁ ଓ ପାଇଲଟ୍ମାନଙ୍କର ନିଶାଦ୍ରବ୍ୟ ପରୀକ୍ଷା ପ୍ରକ୍ରିୟାକୁ ଅଧିକ କଡ଼ାକଡ଼ି କରାଯାଇଛି । ଏୟାର ଇଣ୍ଡିଆ ଗ୍ରୁପ୍ ପକ୍ଷରୁ ସମସ୍ତ ପାଇଲଟଙ୍କ ପାଇଁ ନିଶାଦ୍ରବ୍ୟ ପରୀକ୍ଷା ବାଧ୍ୟତାମୂଳକ କରାଯାଇଥିବା ବେଳେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ବାର୍ଷିକ ସମସ୍ତ ପାଇଲଟଙ୍କର ‘ଡୋପ୍ ଟେଷ୍ଟ’ ବାଧ୍ୟତାମୂଳକ କରିବା ପାଇଁ ନୂତନ ନୀତି ଆଣିବାକୁ ବିଚାର କରୁଛନ୍ତି।

# ମମତାଙ୍କ ଦଳକୁ ମିଳିଲା ନୂଆ ନାଁ ଓ ଚିହ୍ନ

**ନୂଆଦିଲ୍ଲୀ,୧୮।୯(ଏଜେନ୍ସି):** ନିର୍ବାଚନ କମିଶନ ମମତା ବାନାର୍ଜୀ ଏବଂ ରତବ୍ରତ ବାନାର୍ଜୀଙ୍କ ଦୁଇଟି ଅଲଗା ଦଳର ନାମ ଓ ନିର୍ବାଚନୀ ଚିହ୍ନ ଆବଣ୍ଟନ କରିଛନ୍ତି। ମମତା ବାନାର୍ଜୀଙ୍କୁ ‘ଫୁଟବଲ ଖେଳାଳି’ ଚିହ୍ନ ମିଳିଛି। ତାଙ୍କ ଦଳର ନାମ ଏବେ ‘ମମତା ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ’ ରହିବ। ସେହିପରି ରତବ୍ରତ ବାନାର୍ଜୀଙ୍କୁ ‘ଲଫାପା’ ଚିହ୍ନ ମିଳିଥିବା ବେଳେ ତାଙ୍କ ଦଳର ନାମ ‘ଡେମୋକ୍ରାଟିକ ତୃଣମୂଳ କଂଗ୍ରେସ’ ରହିବ। ତୃଣମୂଳ କଂଗ୍ରେସର ଦୁଇ ଗୋଷ୍ଠୀକୁ ନିର୍ବାଚନ କମିଶନ ନୂଆ ନିର୍ବାଚନୀ ଚିହ୍ନ ଆବଣ୍ଟନ କରିଛନ୍ତି। ବାସ୍ତବରେ, ମମତା ବାନାର୍ଜୀ ନିର୍ବାଚନ କମିଶନଙ୍କ ନିକଟରେ ତିନୋଟି ନାମ ପ୍ରସ୍ତାବ ଦେଇଥିଲେ। ସେଥିରୁ ଗୋଟିଏ ନାମକୁ ତାଙ୍କ ଦଳ ପାଇଁ କମିଶନ ଅନୁମୋଦନ କରିଛନ୍ତି ।ମମତା ବାନାର୍ଜୀଙ୍କ ପକ୍ଷରୁ ନିର୍ବାଚନ କମିଶନଙ୍କ ନିକଟରେ ଯେଉଁ ନାମଗୁଡିକ ପ୍ରସ୍ତାବ ଦିଆଯାଇଥିଲା, ସେଥିରେ ମମତା ଏବଂ ତୃଣମୂଳ କଂଗ୍ରେସ ନାମ ସାମିଲ ଥିଲା। ଦୁଇଟି ଚିହ୍ନ କ୍ରୀଡା ସହ ଜଡିତ ଥିଲା। କାରଣ ପୂର୍ବରୁ ମଧ୍ୟ ତୃଣମୂଳ କଂଗ୍ରେସର ‘ଖେଳା ହୋବେ’ ନାରା ଚର୍ଚ୍ଚାରେ ରହିଥିଲା ।ସେହିପରି ରତବ୍ରତ ବାନାର୍ଜୀଙ୍କ ଗୋଷ୍ଠୀ ପକ୍ଷରୁ ନ୍ୟାସନାଲିଷ୍ଟ ତୃଣମୂଳ କଂଗ୍ରେସ, ଡେମୋକ୍ରାଟିକ ତୃଣମୂଳ କଂଗ୍ରେସ



କିମ୍ବା ପଶ୍ଚିମବଙ୍ଗ ତୃଣମୂଳ ଭଳି ନାମ ପ୍ରସ୍ତାବ ଦିଆଯାଇଥିଲା। ଏହା ସହ ଟର୍ଚ୍ଚ, ଲଫାପା ସମେତ ଅନ୍ୟ ଏକ ଚିହ୍ନ ମଧ୍ୟ ପ୍ରସ୍ତାବ ଦିଆଯାଇଥିଲା ।ନିର୍ବାଚନ କମିଶନ ମମତା ବାନାର୍ଜୀଙ୍କ ଦଳ ପାଇଁ ‘ମମତା ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ’ ନାମକୁ ଅନୁମୋଦନ କରିଛନ୍ତି। ସେହିପରି ରତବ୍ରତ ବାନାର୍ଜୀଙ୍କ ଗୋଷ୍ଠୀ ପାଇଁ ‘ଡେମୋକ୍ରାଟିକ ତୃଣମୂଳ କଂଗ୍ରେସ’ ନାମରେ ମୋହର ଲାଗିଛି। ଏହା ସହ ଦୁଇ ଗୋଷ୍ଠୀକୁ ଅଲଗା ଅଲଗା ନିର୍ବାଚନୀ ଚିହ୍ନ ମଧ୍ୟ ଆବଣ୍ଟନ କରାଯାଇଛି ।ପୁରୁଣା ଦଳର ନାମ ଟିଏମସି ଏବଂ ନିର୍ବାଚନୀ ଚିହ୍ନ ଉପରେ ଉଭୟ ଗୋଷ୍ଠୀ ଦାବି କରିଥିଲେ। ଏହା ପରେ ମାମଲା ନିର୍ବାଚନ କମିଶନଙ୍କ ନିକଟକୁ ଯାଇଥିଲା। ଗୁରୁବାର ବିଳମ୍ବିତ ରାତିରେ ନିର୍ବାଚନ କମିଶନ ପୁରୁଣା ଦଳର ନାମ ଓ ଚିହ୍ନକୁ ଫ୍ରିଜ୍ କରିଦେଇଥିଲେ। ଏବେ ଉଭୟ ଗୋଷ୍ଠୀକୁ ନୂଆ ନାମ ଓ ନୂଆ ନିର୍ବାଚନୀ ଚିହ୍ନ ମିଳିଛି ।ନିର୍ବାଚନ କମିଶନ ଉଭୟ ଗୋଷ୍ଠୀକୁ ନୂଆ ଦଳର ନାମ ଓ ନିର୍ବାଚନୀ ଚିହ୍ନ ଦାଖଲ କରିବା ପାଇଁ ଶୁକ୍ରବାର ସକାଳ ୧୧ଟା ପର୍ଯ୍ୟନ୍ତ ସମୟ ଦେଇଥିଲେ। ଏବେ କମିଶନ ଉଭୟ ଗୋଷ୍ଠୀର ନୂଆ ନାମ ଓ ଚିହ୍ନ ଚୂଡାନ୍ତ କରିଛନ୍ତି। ଅକ୍ଟୋବର ୬ରେ ହେବାକୁ ଥିବା ନନ୍ଦିଗ୍ରାମ ଓ ରେଜିନଗର ବିଧାନସଭା ଉପନିର୍ବାଚନରେ ଉଭୟ ଗୋଷ୍ଠୀ ଏହି ନୂଆ ନାମ ଓ ନିର୍ବାଚନୀ ଚିହ୍ନ ବ୍ୟବହାର କରିପାରିବେ।

# ଚଳିତ ବର୍ଷ ଶେଷ ସୁଦ୍ଧା ବାୟୁସେନାକୁ ମିଳିବ ‘ଏଲସିଏ ମାର୍କ-୧ଏ’ ଲଢୁଆ ବିମାନ

**ନୂଆଦିଲ୍ଲୀ,୧୮।୯(ଏଜେନ୍ସି):**ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହାଲୁକା ଯୁଦ୍ଧବିମାନ ‘ଏଲସିଏ ମାର୍କ-୧ଏ’ର ହସ୍ତାନ୍ତର ପ୍ରକ୍ରିୟା ଚଳିତ ବର୍ଷ ଶେଷ ସୁଦ୍ଧା ଆରମ୍ଭ ହେବ। ହିନ୍ଦୁସ୍ତାନ ଏରୋନୋଟିକ୍ସ ଲିମିଟେଡ୍ (ହାଲ୍)ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ରବି କେ. ସୂଚନା ଦେଇଛନ୍ତି ଯେ, ବିମାନର ରାଡାର୍ ଏବଂ ଅସ୍ତ୍ରଶସ୍ତ୍ର ସଂଯୋଗ ସମ୍ପର୍କିତ ଶେଷ ପର୍ଯ୍ୟାୟ ପରୀକ୍ଷଣ ଚାଲିଛି, ଯାହା ମାସକ ମଧ୍ୟରେ ଶେଷ ହେବ।

ଭାରତୀୟ ବାୟୁସେନାର ଯୁଦ୍ଧବିମାନ ସ୍କ୍ୱାଡ୍ରନ୍ ସଂଖ୍ୟା ହ୍ରାସ ପାଉଥିବା ବେଳେ ହାଲ୍‌କୁ ମୋଟ ୧.୧ ଲକ୍ଷ କୋଟି ଟଙ୍କାର ୧୮୦ଟି ‘ମାର୍କ-୧ଏ’ ଯୁଦ୍ଧବିମାନ ପାଇଁ ଦୁଇଟି ଅର୍ଡର ମିଳିଛି। ୨୦୨୬-୨୭ ଆର୍ଥିକ ବର୍ଷରେ ବାୟୁସେନାକୁ ୧୦ଟି ଯୁଦ୍ଧବିମାନ ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି, ଯେଉଁଥିପାଇଁ ଆମେରିକାର ‘ଜିଇ ଏରୋସ୍ପେସ୍’ରୁ ୧୦ଟି ଇଞ୍ଜିନ୍ ମିଳିସାରିଛି ।ପୂର୍ବରୁ ଆମେରିକାରୁ ଇଞ୍ଜିନ୍ ଯୋଗାଣରେ ବିଳମ୍ବ ହେତୁ ମାର୍ଚ୍ଚ ୨୦୨୪ ସୁଦ୍ଧା ମିଳିବାକୁ ଥିବା ପ୍ରଥମ ବିମାନ ହସ୍ତାନ୍ତର ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିଲା। ତେବେ ବାର୍ଷିକ ୨୪ଟି ବିମାନ ନିର୍ମାଣ କରିବାର କ୍ଷମତା ଥିବାରୁ ଆଗାମୀ ୩ ରୁ ୪ ବର୍ଷ ମଧ୍ୟରେ ସମସ୍ତ ବିମାନ ଯୋଗାଇ ଦିଆଯିବ। ୨୦୨୫ ଅର୍ଡର ଅଧୀନରେ ନିର୍ମିତ ହେବାକୁ ଥିବା ୯୭ଟି ବିମାନରେ ସ୍ୱଦେଶୀ ଆଡଭାନ୍ସଡ୍ ରାଡାର୍ ଏବଂ ‘ସ୍ୱୟଂ ରକ୍ଷା କବଚ’ ଇଲେକ୍‌ଟ୍ରୋନିକ୍ ୱାରଫେୟାର୍ ସିଷ୍ଟମ୍ ବ୍ୟବହାର କରାଯିବ । ଅପରପକ୍ଷରେ, ଅଧିକ ଆଧୁନିକ ‘ଏଲସିଏ ମାର୍କ-୨’’ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ମଧ୍ୟ ଆଗେଇ ଚାଲିଛି, ଯାହାର ପ୍ରଥମ ପରୀକ୍ଷାମୂଳକ ଉଡ଼ାଣ ୨୦୨୭ ଶେଷ ସୁଦ୍ଧା କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

# ପେଟ୍ରୋଲ-ଡିଜେଲ ବଞ୍ଚାଇବାକୁ ପାକିସ୍ତାନର କଡା ପଦକ୍ଷେପ !

**ନୂଆଦିଲ୍ଲୀ,୧୮।୯(ଏଜେନ୍ସି):**ପାକିସ୍ତାନ ପେଟ୍ରୋଲ ଏବଂ ଡିଜେଲର ଘୋର ଅଭାବ ଦେଖାଦେଇଛି । ଫଳସ୍ୱରୂପ ସରକାର ଅନେକ କଠୋର ପଦକ୍ଷେପ ନେଇଛନ୍ତି । ରାଜଧାନୀ ଇସଲାମାବାଦରେ ସମସ୍ତ ବଜାର, ଦୋକାନ, ସପିଂ ମଲ୍ ଏବଂ ତେଜରାତି ଦୋକାନ ପାଇଁ କଟକଣା ଜାରୀ କରାଯାଇଛି । ବିବାହ କାର୍ଯ୍ୟକ୍ରମକୁ ନେଇ ମଧ୍ୟ କଠୋର ପଦକ୍ଷେପ ନିଆଯାଇଛି । ଏହି କାର୍ଯ୍ୟକ୍ରମ ଗୁଡିକ ଏଣିକି ରାତି ୧୦ଟାରେ ବନ୍ଦ କରିବାକୁ ପଡିବ ।ବିବାହରେ କେବଳ ଖାଦ୍ୟ ପରିବେଷଣ କରାଯିବ, କୌଣସି ନାଚ, ଗୀତ କି ଉତ୍ସବ ପାଳନ କରାଯିବ ନାହିଁ । ଆମେରିକା-ଇରାନ ଯୁଦ୍ଧ ଦ୍ୱାରା ବିଶ୍ୱର ଅନେକ ଦେଶ ଗୁରୁତର ଭାବରେ ପ୍ରଭାବିତ ହୋଇଛନ୍ତି, ଯେଉଁଥିରେ ପାକିସ୍ତାନ ମଧ୍ୟ ସାମିଲ । ପାକିସ୍ତାନ ଏକ ଗମ୍ଭୀର ଇନ୍ଧନ ସଙ୍କଟ ଦେଇ ଗତି କରୁଥିବା ବେଳେ ଇନ୍ଧନ ସଂରକ୍ଷଣ ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରିଛି । ସରକାରୀ ଯାନଗୁଡ଼ିକୁ ଏବେ କେବଳ ୫୦% ଇନ୍ଧନ ଯୋଗାଇ ଦିଆଯିବ ।ନୂତନ ସରକାରୀ ଯାନ କିଣିବା ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯାଇଛି । ଏହି ନିୟମଗୁଡ଼ିକ ଇସଲାମାବାଦ ସମେତ ଅନେକ କ୍ଷେତ୍ରରେ ଲାଗୁ କରାଯାଇଛି । ସେହିପରି ପାକିସ୍ତାନ ସରକାର ସଂଘୀୟ ସରକାରୀ କର୍ମଚାରୀମାନଙ୍କୁ ତିନି ମାସ ପ୍ରାଇଁ ବିଦେଶ ଯାତ୍ରା କରିବାକୁ ନିଷେଧ କରିଛନ୍ତି ।

# ୟୁରୋପରୁ ୪୦ ହଜାର ସୈନ୍ୟ ହଟାଇବ ଆମେରିକା !

**ନୂଆଦିଲ୍ଲୀ,୧୮।୯(ଏଜେନ୍ସି):**ୟୁରୋପରେ ନିଜର ସାମରିକ ଉପସ୍ଥିତିକୁ ବ୍ୟାପକ ଭାବେ ହ୍ରାସ କରିବା ପାଇଁ ଆମେରିକା ପ୍ରତିରକ୍ଷା ବିଭାଗ ‘ପେଣ୍ଟାଗନ୍’ ଏକ ଗୁରୁତ୍ୱପୂର୍ଣ୍ଣ ବିଚାର କରୁଛି। ପ୍ରସ୍ତାବିତ ନୀତି ଅନୁସାରେ, ୟୁରୋପରେ ମୁତୟନ ଥିବା ମୋଟ ୮୦,୦୦୦ ଆମେରିକୀୟ ସୈନ୍ୟଙ୍କ ମଧ୍ୟରୁ ପ୍ରାୟ ୨୫,୦୦୦ରୁ ୪୦,୦୦୦ ସୈନ୍ୟଙ୍କୁ (ପ୍ରାୟ ୫୦ ପ୍ରତିଶତ) ପ୍ରତ୍ୟାହାର କରାଯାଇପାରେ ।ଏହାସହ ସେଠାରେ ମୁତୟନ ଥିବା ଯୁଦ୍ଧବିମାନ, ନୌସେନା ସମ୍ପଦ ଏବଂ ଅନ୍ୟାନ୍ୟ ସାମରିକ ସରଞ୍ଜାମ ମଧ୍ୟ ହ୍ରାସ କରାଯିବାର ସମ୍ଭାବନା ରହିଛି। ୧୯୯୦ ଦଶକର ଶୀତଳ ଯୁଦ୍ଧ ପରଠାରୁ ୟୁରୋପୀୟ ମହାଦେଶରେ ଆମେରିକାର ଏହା ସବୁଠାରୁ ବଡ଼ ସାମରିକ ପ୍ରତ୍ୟାହାର ହେବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ‘ଆମେରିକା ଫାଷ୍ଟ’ ନୀତି ଏବଂ



ନାଟୋ ସହଯୋଗୀ ଦେଶଗୁଡ଼ିକ ନିଜର ସୁରକ୍ଷା ଦାୟିତ୍ୱ ନିଜେ ବହନ କରନ୍ତୁ ବୋଲି ବାରମ୍ବାର ଦାବି କରିବା ପରେ ଏହି ସାମରିକ ସମୀକ୍ଷା ଆରମ୍ଭ ହୋଇଛି ।ୟୁରୋପରେ ଆମେରିକାର ସର୍ବୋଚ୍ଚ ସାମରିକ କମାଣ୍ଡର ଜେନେରାଲ୍ ଆଲେକ୍ସସ୍ ଗ୍ରିନକେବିଚ୍ ଏହି ସମୀକ୍ଷା ରିପୋର୍ଟ ପ୍ରତିରକ୍ଷା ସଚିବ ପିଟ୍ ହେଗସେଥଙ୍କୁ ପ୍ରଦାନ କରିବେ ଏବଂ ନଭେମ୍ବର ୬ ସୁଦ୍ଧା ଅନ୍ତିମ ସୁପାରିଶ ରାଷ୍ଟ୍ରପତି ଟ୍ରମ୍ପଙ୍କ ନିକଟରେ ପ୍ରଦାନ କରାଯିବ । ଏହି ନିଷ୍ପତ୍ତି ଦ୍ୱାରା ଜର୍ମାନୀ (ଯେଉଁଠାରେ ୩୬,୦୦୦ ସୈନ୍ୟ ଅଛନ୍ତି), ଇଟାଲୀ ଏବଂ ସ୍ପ ?ନ୍ ସବୁଠାରୁ ଅଧିକ ପ୍ରଭାବିତ ହେବେ। ୟୁକ୍ରେନ୍-ଋଷ ଯୁଦ୍ଧ ଜାରି ଥିବା ସମୟରେ ଆମେରିକାର ଏପରି ଆଭିମୁଖ୍ୟ ନାଟୋ ସହଯୋଗୀ ଦେଶଗୁଡ଼ିକର ଚିନ୍ତା ବୃଦ୍ଧି କରିଛି । ତେବେ ୟୁରୋପୀୟ ଦେଶଗୁଡ଼ିକ ନିଜର ସାମରିକ ଶକ୍ତି ବୃଦ୍ଧି ନକରିବା ଏବଂ ଚୀନ୍, ଇରାନ୍ ଆଦି ଆଞ୍ଚଳିକ ସୁରକ୍ଷା ଉପରେ ଅଧିକ ଧ୍ୟାନ କେନ୍ଦ୍ରୀଭୂତ କରିବା ପାଇଁ ଆମେରିକା ଏହି ପଦକ୍ଷେପ ନେଉଥିବା ଜଣାପଡ଼ିଛି ।

# ବେଆଇନ ଭାବେ ଝିଅକୁ ନିଯୁକ୍ତି ଦେଇ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ନିଲମ୍ବିତ

**ନୂଆଦିଲ୍ଲୀ,୧୮।୯(ଏଜେନ୍ସି):** ନିଜ ଝିଅକୁ ନିୟମ ବହିର୍ଭୂତ ଭାବେ ସରକାରୀ ‘ନମ୍ମା କ୍ଲିନିକ୍’ରେ ଚିକିତ୍ସା ଅଧିକାରୀ ଭାବେ ନିଯୁକ୍ତି ଦେବା ଏବଂ କ୍ଷମତାର ଅପବ୍ୟବହାର ଅଭିଯୋଗରେ କର୍ଣ୍ଣାଟକର ବାଗଲକୋଟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରାଜକୁମାର ୟାରଗାଲଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ତାଙ୍କ ଝିଅ ଡାକ୍ତର ଅଙ୍କିତା ୟାରଗାଲ, ଯିଏ କି ବାଗଲକୋଟର କଂଗ୍ରେସ ବିଧାୟକ ଉମେଶ ମେଟିଙ୍କ ଝିଆରୀ, ପୋଷ୍ଟ ଗ୍ରାଜୁଏଟ୍ (ଏମଡି)



ପାଠପଢ଼ିବା ସହ ବେଆଇନ ଭାବେ ସରକାରୀ ଚାକିରି କରି ପ୍ରତିମାସରେ ୭୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଦରମା ଉଠାଉଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।ମିଳିଥିବା ସୂଚନା ଅନୁଯାୟୀ, ଡାକ୍ତର ଅଙ୍କିତା ତାଙ୍କର ଏମଡି ପାଠପଢ଼ା ଜାରି ରଖିଥିବା ବେଳେ ଦୀର୍ଘ ଦିନ ଧରି କ୍ଲିନିକରୁ ଅନୁପସ୍ଥିତ ରହୁଥିଲେ, ଯାହାଫଳରେ ସ୍ୱାସ୍ଥ୍ୟକେନ୍ଦ୍ରଟି ଡାକ୍ତରହୀନ ହୋଇପଡ଼ିଥିଲା। ତଥାପି ଦୁଇଟି ଅଲଗା ଅଲଗା ସ୍ଥାନରେ ତାଙ୍କର ଉପସ୍ଥାନ ନିୟମିତ ରେକର୍ଡ ହେଉଥିଲା ।ଏହି ଘଟଣାରେ ବାଗଲକୋଟ ଜିଲ୍ଲା ପଞ୍ଚାୟତ ସିଇଓ ଗଜାନନ ବାଲେ ଅଙ୍କିତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ସେ ପ୍ରଥମ ସମନକୁ ଏଡ଼ାଇ ଯାଇଥିବା ବେଳେ ତାଙ୍କୁ ପୁନର୍ବାର ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନାଧିକୃତ ଭାବେ ନିଯୋଜିତ ଥାଇ ନେଇଥିବା ଦରମା ରାଶି ଫେରସ୍ତ ଅସୁଲ କରାଯିବା ସହ ପେଶାଗତ ଅବହେଳା ପାଇଁ କର୍ଣ୍ଣାଟକ ମେଡିକାଲ କାଉନସିଲ୍ ଓ ଜାତୀୟ ମେଡିକାଲ କମିଶନକୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଯଦିଓ ତାଙ୍କ ପିତା ରାଜକୁମାର ଏହି ଅଭିଯୋଗକୁ ଖଣ୍ଡନ କରି କହିଥିଲେ ଯେ ତାଙ୍କ ଝିଅ ଏମଡି ପଢ଼ିବା ପରଠାରୁ କୌଣସି ଦରମା ନେଇନାହାନ୍ତି ।ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସେବା କମିଶନରଙ୍କ ଦ୍ୱାରା ଜାରି ନିଲମ୍ବନ ଆଦେଶରେ କେବଳ ଝିଅଙ୍କ ନିଯୁକ୍ତି ନୁହେଁ, ବରଂ ଡାକ୍ତର ରାଜକୁମାରଙ୍କ ନିଜର ଅନେକ ପ୍ରଶାସନିକ କର୍ତ୍ତବ୍ୟହୀନତାକୁ ଦର୍ଶାଯାଇଛି। ସେ ନିଜ କାର୍ଯ୍ୟାଳୟରେ ନିୟମିତ ଉପସ୍ଥିତ ନ ରହିବା, ଜନସାଧାରଣ ଓ ବିଭାଗୀୟ କାର୍ଯ୍ୟକ୍ରମକୁ ବିଳମ୍ବିତ କରିବା ଏବଂ କର୍ଣ୍ଣାଟକ ସିଭିଲ ସରଭିସେସ୍ ନିୟମାବଳୀକୁ ଉଲ୍ଲଂଘନ କରି ସ୍ୱେଚ୍ଛାଚାରୀ ଭାବେ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଏହାସହ ସହକର୍ମୀ ଓ ଜନସାଧାରଣଙ୍କ ପ୍ରତି ତାଙ୍କର ବ୍ୟବହାର ଦାୟିତ୍ୱହୀନ ଥିବା ଏବଂ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅବମାନନା କରୁଥିବା ତଦନ୍ତରୁ ସ୍ପଷ୍ଟ ହେବା ପରେ ବିଭାଗୀୟ ତଦନ୍ତ ପେଣ୍ଡିଂ ରଖି ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି।

# ପଞ୍ଜାବରେ ବିଜେପି ନେତା ବିଟ୍ଟୁଙ୍କ କନଭୟ ଉପରେ ଆପ୍ କର୍ମୀଙ୍କ ଆକ୍ରମଣ ଅଭିଯୋଗ

**ନୂଆଦିଲ୍ଲୀ,୧୮।୯(ଏଜେନ୍ସି):** ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଜେପି ନେତା ରବନୀତ୍ ସିଂହ ବିଟ୍ଟୁ ଅଭିଯୋଗ କରିଛନ୍ତି ଯେ, ଅମୃତସର୍‌ରୁ ପଠାନକୋଟ୍ ଯାଉଥିବାବେଳେ ବାଟାଲାର ଘସିତପୁର୍ ଗାଁ ନିକଟରେ ତାଙ୍କ କନଭୟ ଉପରେ ଆମ୍ ଆଦମୀ ପାର୍ଟି (ଆପ୍) କର୍ମୀ ଆକ୍ରମଣ କରିଛନ୍ତି। ପଞ୍ଜାବରେ ବିଜେପି ପକ୍ଷରୁ ‘ପଞ୍ଜାବ ନିଶା ମୁକ୍ତି ଯାତ୍ରା’ ଆରମ୍ଭ କରାଯାଇଥିବାବେଳେ ଏହାର ଉଦ୍‌ଘାଟନୀରେ ଯୋଗ ଦେବାକୁ ସେ ଯାଇଥିଲେ ।ବିଟ୍ଟୁଙ୍କ ଅନୁଯାୟୀ, ତାଙ୍କ କନଭୟ ଫତେଗଡ଼ ଛୁରିଆନ୍ ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରଭାରୀ ଜୋବାନ ରନ୍ଧାୱାଙ୍କ କାର୍ଯ୍ୟାଳୟ ନିକଟକୁ ଯାଉଥିଲାବେଳେ ଘସିତପୁର ଷ୍ଟେସନ ନିକଟରେ ତାଙ୍କ ଗାଡିକୁ ଆପ୍ କର୍ମୀମାନେ ଘେରିଯିବା ସହିତ ଅଣ୍ଡା, ଟମୋଟୋ ମାଡ କରିଥିଲେ। ଏପରିକି ଗାଡିର କାଚ ଭାଙ୍ଗି ଦେଇଥିଲେ। ରାସ୍ତା ଉପରେ ‘ଲାଙ୍ଗର’ ଆୟୋଜନ ନାଁରେ ସେମାନେ ତାଙ୍କ ଗାଡି ଉପରେ ଆକ୍ରମଣ କରିଥିଲେ। ବିଟ୍ଟୁଙ୍କ ଗଣମାଧ୍ୟମ ପରାମର୍ଶଦାତା ଆହୁରି ଅଭିଯୋଗ କରିଛନ୍ତି ଯେ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ ପଠାନକୋଟଠାରେ ନିଶାମୁକ୍ତି ଅଭିଯାନର ଶୁଭାରମ୍ଭ କରୁଥିବାବେଳେ ବିଟ୍ଟୁଙ୍କୁ ଏହି କାର୍ଯ୍ୟକ୍ରମରେ ଯୋଗଦେବାରେ ରୋକିବାକୁ ତାଙ୍କ ପ୍ରତିନିଧି ଦଳ ଉପରେ ଏପରି ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ପରେ ସେମାନେ ଦୁଇଜଣ ସନ୍ଦିଗ୍ଧଙ୍କୁ ଧରି ପୁଲିସର ଜିମା ଦେଇଛନ୍ତି। ବିଟ୍ଟୁ ତାଙ୍କ କନଭୟ ଉପରେ ଯୋଜନାବଦ୍ଧ ଭାବେ ଆକ୍ରମଣ ହୋଇଥିବା କହିଛନ୍ତି। ତାଙ୍କ ସୁରକ୍ଷାରେ ତ୍ରୁଟି ନେଇ ସେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଓ ପଞ୍ଜାବ ପୁଲିସ ମହାନିର୍ଦ୍ଦେଶକଙ୍କୁ ଅବଗତ କରିଛନ୍ତି ଓ ଦୋଷୀଙ୍କ ଉପରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।

# ନିର୍ବାଚନ ପୂର୍ବରୁ ଶକ୍ତିଶାଳୀ ହେଉଛି ସମାଜବାଦୀ ପାର୍ଟି

**ନୂଆଦିଲ୍ଲୀ,୧୮।୯(ଏଜେନ୍ସି):** ଉତ୍ତରପ୍ରଦେଶରେ ୨୦୨୭ ବିଧାନସଭା ନିର୍ବାଚନକୁ ନେଇ ଏବେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ହଲଚଲ ବଢ଼ିଛି। ଏହି ମଧ୍ୟରେ ଲୋକଦଳର ଜାତୀୟ ଅଧ୍ୟକ୍ଷ ଚୌଧୁରୀ ସୁନୀଲ ସିଂହ ସମାଜବାଦୀ ପାର୍ଟିର ଜାତୀୟ ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ସହ ସାକ୍ଷାତ କରିଛନ୍ତି। ଉଭୟ ଦଳ ମଧ୍ୟରେ ମେଣ୍ଟ ଏବଂ ଆସନ ବଣ୍ଟନକୁ ନେଇ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା ।ଏହି ସମୟରେ ସୁନୀଲ ସିଂହ କହିଛନ୍ତି ଯେ, ଅଖିଳେଶ ଯାଦବ ତାଙ୍କୁ ସମ୍ମାନ ଦିଆଯିବ ବୋଲି ଭରସା ଦେଇଛନ୍ତି। ଏଥର ନିର୍ବାଚନରେ ଅଖିଳେଶ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ କାମ କରାଯିବ। ସାକ୍ଷାତ ପରେ ସୁନୀଲ ସିଂହ କହିଛନ୍ତି ଯେ, ଲୋକଦଳ ଲଗାତାର ଭାବେ କୃଷକ ଓ ଗ୍ରାମାଞ୍ଚଳର ସମସ୍ୟା ଉଠାଇ ଆସିଛି ଏବଂ ଆଗକୁ ମଧ୍ୟ ଏହି ପ୍ରସଙ୍ଗଗୁଡ଼ିକୁ ପ୍ରମୁଖତାର ସହ ଉଠାଇବ ।ସୁନୀଲ ସିଂହ ଆହୁରି କହିଛନ୍ତି ଯେ, ଉତ୍ତରପ୍ରଦେଶର ସରକାର ଦେଶର ରାଜନୀତିର ଦିଗ ନିର୍ଦ୍ଧାରଣ କରେ। କୃଷକ, ଗରିବ, ଯୁବବର୍ଗ ଏବଂ ବେକାରୀ ପ୍ରସଙ୍ଗକୁ ନେଇ ସମ୍ପୂର୍ଣ୍ଣ ବିରୋଧୀ ଦଳ ଏକଜୁଟ ଅଛି। ଆମେ ସମସ୍ତେ ଏକଜୁଟ ହୋଇ ଏଥର ନିର୍ବାଚନ ଲଢୁଛୁ। ସୁନୀଲ ସିଂହ କହିଛନ୍ତି ଯେ, କଂଗ୍ରେସ, ସମାଜବାଦୀ ପାର୍ଟି ଏବଂ ଲୋକଦଳ ଇଣ୍ଡିଆ ମେଣ୍ଟର ଅଂଶୀଦାର। ସେ ଆହୁରି କହିଛନ୍ତି ଯେ, ଗଣତାନ୍ତ୍ରିକ ଶକ୍ତିଗୁଡ଼ିକୁ ଏକଜୁଟ ହୋଇ ଆଗକୁ ବଢ଼ିବାର ଆବଶ୍ୟକତା ରହିଛି। ବିଜେପି ସରକାରକୁ ହଟାଇବା ସହ ଜନସାଧାରଣଙ୍କ ସହ ଜଡ଼ିତ ପ୍ରସଙ୍ଗଗୁଡ଼ିକୁ ନିର୍ବାଚନୀ ରାଜନୀତିର କେନ୍ଦ୍ରରେ ଆଣିବା ଆବଶ୍ୟକ ।ଜୟନ୍ତ ଚୌଧୁରୀ ଏନଡିଏ ସହ ଯିବା ପରେ ପଶ୍ଚିମ ଉତ୍ତରପ୍ରଦେଶରେ କୃଷକ ଏବଂ ଜାଟ ରାଜନୀତିର ସମୀକରଣକୁ ନେଇ ସମାଜବାଦୀ ପାର୍ଟି ସମ୍ମୁଖରେ ଏକ ନୂଆ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ଲୋକଦଳକୁ ନିଜ ସହ ସାମିଲ କରି ପଶ୍ଚିମ ୟୁପିରେ ନିଜ ସ୍ଥିତି ମଜବୁତ କରିବାକୁ ସପା ଚେଷ୍ଟା କରୁଛି। ସୁନୀଲ ସିଂହ ଏକ ଜାତୀୟ ଗଣମାଧ୍ୟମକୁ ଦେଇଥିବା ସାକ୍ଷାତକାରରେ ଦାବି କରିଛନ୍ତି ଯେ, ଚୌଧୁରୀ ଚରଣ ସିଂହଙ୍କ ପ୍ରକୃତ ରାଜନୈତିକ ଉତ୍ତରାଧିକାର ଲୋକଦଳ ପାଖରେ



ରହିଛି। ଜୟନ୍ତ ଚୌଧୁରୀ ଏବଂ ଆରଏଲଡିକୁ ଟାର୍ଗେଟ କରି ସେ କହିଛନ୍ତି ଯେ, ସେମାନେ ଚାଲିଯିବା ଦ୍ୱାରା ଲୋକଦଳକୁ କୌଣସି ଫରକ ପଡ଼ିନାହିଁ। ସୁନୀଲ ସିଂହ କହିଛନ୍ତି, ‘ନକଲି ଲୋକ ଚାଲିଗଲେ, ଯେଉଁମାନେ ନକଲି ଡୁପ୍ଲିକେଟ୍ ଆରଏଲଡି ତିଆରି କରି ବୁଲୁଥିଲେ।’ କୃଷକ ଆନ୍‌ଦୋଳନର ପ୍ରସଙ୍ଗ ଉଠାଇ ସେ ୭୫୦ ଜଣ କୃଷକଙ୍କ ଶହୀଦ ହେବାର ପ୍ରସଙ୍ଗ ମଧ୍ୟ ଉଠାଇଛନ୍ତି ।ଅଖିଳେଶ ଯାଦବଙ୍କ ‘ଚବନ୍ନି’ ମନ୍ତବ୍ୟ ଏବଂ ଜାଟମାନଙ୍କ ମଧ୍ୟରେ ଅସନ୍ତୋଷ ଥିବା ନେଇ ଜୟନ୍ତ ଚୌଧୁରୀଙ୍କ ଦାବି ଉପରେ ମଧ୍ୟ ସୁନୀଲ ସିଂହ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ, ଜାଟମାନଙ୍କ ମଧ୍ୟରେ କୌଣସି ଅସନ୍ତୋଷ ନାହିଁ। ବରଂ କୃଷକମାନେ ଏହି କାରଣରୁ ଅସନ୍ତୁଷ୍ଟ ଯେ, କୃଷକ ଆନ୍‌ଦୋଳନରେ ୭୫୦ ଜଣଙ୍କ ଶହୀଦ ହେବା ପରେ ଜୟନ୍ତ ଚୌଧୁରୀ ବିଜେପି ସହ ମିଶି ସରକାରରେ ସାମିଲ ହୋଇଥିଲେ ।ସୁନୀଲ ସିଂହ ଦାବି କରିଛନ୍ତି ଯେ, ୨୦୨୭ରେ ଜାଟ ଏବଂ କୃଷକମାନେ ଏହାର ଜବାବ ଦେବେ ଏବଂ ଚୌଧୁରୀ ଚରଣ ସିଂହଙ୍କ ରାଜନୀତିର ଆଦର୍ଶ ଅନୁଯାୟୀ ସତ୍ତା ବିରୋଧରେ ଭୋଟ ଦେବେ। ଆରଏଲଡି ପୂର୍ବରୁ ହିଁ ଅଖିଳେଶ ଯାଦବଙ୍କ ‘ଚବନ୍ନି’ ମନ୍ତବ୍ୟକୁ ନେଇ ଆପତ୍ତି ଜଣାଇସାରିଛି ଏବଂ ଏହାକୁ ଚୌଧୁରୀ ଚରଣ ସିଂହ ଏବଂ କୃଷକ ସମାଜର ଅପମାନ ସହ ଯୋଡ଼ିଥିଲା ।ଲୋକଦଳ ଅଧ୍ୟକ୍ଷଙ୍କ ଅନୁସାରେ, ସାକ୍ଷାତ ସମୟରେ ଆସନ ବଣ୍ଟନ ଏବଂ ଲୋକଦଳ ପକ୍ଷରୁ ୩୫ଟି ଆସନ ଦାବି ସମେତ ଅନ୍ୟାନ୍ୟ ରାଜନୈତିକ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇଛି। ଆସନ ବଣ୍ଟନକୁ ନେଇ ଆଗକୁ ମଧ୍ୟ ଆଲୋଚନା ଜାରି ରହିବ ବୋଲି ସେ କହିଛନ୍ତି।



# ଟାଇମ ଆମେରିକାର ଶ୍ରେଷ୍ଠ କମ୍ପାନୀ ୨୦୨୬ ତାଲିକାରେ କଗ୍ନିଜାଂଟ

**ଭୁବନେଶ୍ୱର,୧୮।୯ (ନି.ପ୍ର) :** କଗ୍ନିଜାଂଟ ପକ୍ଷରୁ ଘୋଷଣା କରାଯାଇଛି ଯେ, କମ୍ପାନୀ 'ଟାଇମ୍'ର 'ଆମେରିକାର ଶ୍ରେଷ୍ଠ କମ୍ପାନୀ ୨୦୨୬' ତାଲିକାର ପ୍ରଥମ ସଂସ୍କରଣରେ ସ୍ଥାନ ପାଇଛି। 'ଟାଇମ୍' ଓ 'ଷ୍ଟାଟିଷ୍ଟା ଆଇଏନସି' ଦ୍ୱାରା ପ୍ରଦାନ କରାଯାଇଥିବା ଏହି ପ୍ରତିଷ୍ଠିତ ସମ୍ମାନ ଆମେରିକାର ୧,୦୦୦ ଶ୍ରେଷ୍ଠ ପ୍ରଦର୍ଶନକାରୀ କମ୍ପାନୀଗୁଡ଼ିକୁ ଚିହ୍ନଟ କରିଛି, ଯେଉଁମାନେ ଦାୟିତ୍ୱପୂର୍ଣ୍ଣ ଏବଂ ଭବିଷ୍ୟତ-ପ୍ରସ୍ତୁତ ବ୍ୟବସାୟ ପାଇଁ ମାନକ ସ୍ଥାପନ କରିଛନ୍ତି। 'ଟାଇମ୍' ଏବଂ 'ଷ୍ଟାଟିଷ୍ଟା' ତିନୋଟି ପରିମାପ ଆଧାରରେ 'ଆମେରିକାର ଶ୍ରେଷ୍ଠ କମ୍ପାନୀ ୨୦୨୬'ର ମୂଲ୍ୟାଙ୍କନ କରିଥିଲେ: କର୍ମଚାରୀଙ୍କ ସନ୍ତୁଷ୍ଟି, ଆର୍ଥିକ ପ୍ରଦର୍ଶନ ଏବଂ ସ୍ଥାୟୀତ୍ୱ ସମ୍ବନ୍ଧୀୟ ସ୍ୱଚ୍ଛତା। କର୍ମଚାରୀଙ୍କ ସଂନ୍ତୁଷ୍ଟିର ମୂଲ୍ୟାଙ୍କନ ପ୍ରାୟ ୨,୧୭,୦୦୦ କର୍ମଚାରୀଙ୍କ ସର୍ଭେ ଉପରେ ଆଧାରିତ ଥିଲା, ଯେଉଁଥିରେ କାର୍ଯ୍ୟକ୍ଷେତ୍ରର ସଂସ୍କୃତି, ବେତନ, କାର୍ଯ୍ୟ ପରିବେଶ ଏବଂ ନିଯୁକ୍ତିଦାତାଙ୍କ ପ୍ରତିଷ୍ଠାକୁ ବିଚାର କରାଯାଇଥିଲା। ଆର୍ଥିକ ପ୍ରଦର୍ଶନ କ୍ଷେତ୍ରରେ ଅନେକ ବର୍ଷର ଆର୍ଥିକ ତଥ୍ୟ ବ୍ୟବହାର କରି ରାଜସ୍ୱ ଅଭିବୃଦ୍ଧି, ଲାଭଦାୟକତା ଏବଂ ସମ୍ପତି କାର୍ଯ୍ୟଦକ୍ଷତାକୁ ବିଶ୍ଳେଷଣ କରାଯାଇଥିଲା। ସ୍ଥାୟୀତ୍ୱ ସମ୍ବନ୍ଧୀୟ ସ୍ୱଚ୍ଛତା କ୍ଷେତ୍ରରେ ପରିବେଶ ଉପରେ ପ୍ରଭାବ, ସାମାଜିକ ଦାୟିତ୍ୱବୋଧ ଏବଂ ପରିଚାଳନା ବ୍ୟବସ୍ଥାର ମୂଲ୍ୟାଙ୍କନ କରାଯାଇଥିଲା।

ଏସମ୍ପର୍କରେ କଗ୍ନିଜାଂଟର ମୁଖ୍ୟ ଲୋକ ଅଧିକାରୀ କ୍ୟାଥୀ ଡିଆଜ୍ କହିଛନ୍ତି, 'କଗ୍ନିଜାଂଟରେ ଏକ ଏଆଇ ନିର୍ମାତା ଭାବରେ ଆମର ନେତୃତ୍ୱ ନେବାର କ୍ଷମତା ଆମର କର୍ମଚାରୀଙ୍କଠାରୁ ଆରମ୍ଭ ହୋଇଥାଏ। ଟାଇମ୍‌ର ଏହି ସ୍ୱୀକୃତି ଆମ କର୍ମଚାରୀଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଉପରେ ଆମେ ଦେଇଥିବା ଗୁରୁତ୍ୱକୁ ପ୍ରତିଫଳନ କରୁଛି - ଯାହା ଶିଖିବା,ଆଗକୁ ବଢ଼ିବା ଓ ଉଦ୍ଭାବନ କରିବା ପାଇଁ ନୂତନ ମାର୍ଗ ଖୋଲିଛି। ଆମେ ନିରନ୍ତର ଶିଖିବାର ଆମର ଏକ ଗଭୀର ସଂସ୍କୃତି ଆଧାରରେ କାର୍ଯ୍ୟ କରୁଛୁ ଯେଉଁଠାରେ ଜାଣିବାର ଆଗ୍ରହ ଏକ ସାଧାରଣ କଥା ଅଟେ ଏବଂ ଯେଉଁଠାରେ ପ୍ରତ୍ୟେକ ସହଯୋଗୀଙ୍କ ପାଖରେ ଭବିଷ୍ୟତକୁ ଆକାର ଦେବାର ସୁଯୋଗ ରହିଛି। ଯେତେବେଳେ ଲୋକମାନେ ସଫଳ ହୁଅନ୍ତି, ଆମର ଗ୍ରାହକ ଓ ସମୁଦାୟଗୁଡ଼ିକ ମଧ୍ୟ ସଫଳ ହୋଇଥାନ୍ତି।' ଏହି ସଫଳତା କଗ୍ନିଜାଂଟ ପାଇଁ ନିକଟରେ ମିଳିଥିବା ସମ୍ମାନଗୁଡ଼ିକର ଏକ ବର୍ଦ୍ଧିତ ତାଲିକାରେ ସାମିଲ ହୋଇଛି ଯେଉଁଥିରେ ଟାଇମ୍‌ସ ୱାର୍ଲ୍ଡସ ବେଷ୍ଟ କମ୍ପାନୀ ତାଲିକା, ଏଥିଷ୍ଫିୟର୍ସ ୱାର୍ଲ୍ଡସ ମୋଷ୍ଟ ଏଥିକାଲ କମ୍ପାନୀ ତାଲିକାରେ ସ୍ଥାନ ପାଇବା ସାମିଲ ଅଛି ଏବଂ କମ୍ପାନୀକୁ ୩୧ଟି ଦେଶରେ ଏକ ଗ୍ରେଟ୍ ପ୍ଲେସ୍ ଟୁ ୱର୍କ ଭାବେ ମଧ୍ୟ ସାର୍ଟିଫାଏଡ କରାଯାଇଛି। କଗ୍ନିଜାଂଟକୁ ନ୍ୟୁଜ୍‌ୱିକ୍‌ର ଆମେରିକାସ୍ ଗ୍ରେଟେଷ୍ଟ ୱର୍କପ୍ଲେସେସ୍ ଫର୍ ଏଂଟ୍ରି ଲେଭେଲ ୨୦୨୬ ତାଲିକାରେ ମଧ୍ୟ ସ୍ଥାନିତ କରାଯାଯାଇଛି। ଆମେରିକାସ୍ ବେଷ୍ଟ କମ୍ପାନୀଜ୍ ୨୦୨୬ ତାଲିକାକୁ ଦେଖିବା ପାଇଁ ଟାଇମ୍‌ର websiteରେ ଭିଜିଟ କରନ୍ତୁ।

# ହାଉସ୍ ଅଫ୍ ମାକଡୋୱେଲ୍ସ ସୋଡା ୟାରି କି ନୟି ଭାଇବ ସହିତ ବନ୍ଧୁତ୍ୱର ଧାରଣାକୁ ଏକ ନୂଆ ରୂପ ଦେଉଛି

**ନୂଆଦିଲ୍ଲୀ, ୧୮।୯ (ନି.ପ୍ର) :** ହାଉସ୍ ଅଫ୍ ମାକଡୋୱେଲ୍ ସୋଡା ଏହାର ଦୀର୍ଘଦିନର ବ୍ରାଣ୍ଡ ଆମ୍ବାସାଡର କାର୍ତ୍ତିକ ଆର୍ଯ୍ୟନଙ୍କୁ ନେଇ ଏହାର ସର୍ବଶେଷ ଅଭିଯାନ ୟାରି କି ନୟି ଭାଇବ୍ ର ଶୁଭାରମ୍ଭ କରିଛି। ବନ୍ଧୁତ୍ୱ ସହିତ ବ୍ରାଣ୍ଡର ଦୀର୍ଘଦିନର ସମ୍ପର୍କ ଉପରେ ଆଧାରିତ ଏହି ଅଭିଯାନ, ନୂତନ ପିଢ଼ିର 'ୟାରି' ଅନୁଭବ କରିବାର ଧାରାରେ ପରିବର୍ତ୍ତନକୁ ପ୍ରତିଫଳିତ କରେ। ଏହା କେବଳ ଏକାଠି ସମୟ ବିତାଇବା ଠାରୁ ଆଗକୁ ବଢ଼ି ଏପରି ଅନୁଭୂତି ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଏ, ଯାହା ପ୍ରତ୍ୟେକ ମିଳନକୁ ଅଧିକ ସ୍ମରଣୀୟ କରିଥାଏ। ହାଉସ୍ ଅଫ୍ ମାକଡୋୱେଲ୍ ସୋଡା ପାଇଁ, 'ୟାରି' ସର୍ବଦା ବନ୍ଧୁମାନଙ୍କ ମଧ୍ୟରେ ଏକ ସହଜ ଓ ସ୍ୱାଭାବିକ ସମ୍ପର୍କକୁ ବୁଝାଇଆସିଛି। ୟାରି କି ନୟି ଭାଇବ୍ ମାଧ୍ୟମରେ ବ୍ରାଣ୍ଡ ଏହି ପରିଚିତ ଧାରଣାକୁ ଆଗକୁ ନେଉଛି ଏବଂ ସ୍ୱୀକାର କରୁଛି ଯେ ଆଜିର ବନ୍ଧୁତ୍ୱ ସ୍ୱତଃସ୍ଫୂର୍ତ୍ତତା, ମିଳିତ ଅନୁଭୂତି ଏବଂ ଏକାଠି କିଛି ନୂଆ କରିବାର ନିରନ୍ତର ଇଚ୍ଛା ଦ୍ୱାରା ଗଠିତ ହୋଇଥାଏ। ଏହି ଅଭିଯାନ ଏକ ସରଳ ଧାରଣା ମାଧ୍ୟମରେ ଏହି ଭାବନାକୁ ଉପସ୍ଥାପନ କରେ: ଯେତେବେଳେ ବନ୍ଧୁମାନେ ଏକାଠି ହୁଅନ୍ତି, ସେତେବେଳେ ଏକ ସାଧାରଣ ଯୋଜନା ମଧ୍ୟ ଏକ ସ୍ମରଣୀୟ ଅନୁଭୂତିରେ ପରିଣତ ହୋଇପାରେ। ଏହି ନୂତନ ବ୍ରାଣ୍ଡ ଫିଲ୍ମଟି କାର୍ତ୍ତିକ ଆର୍ଯ୍ୟନ୍ ଏବଂ ତାଙ୍କ ସାଙ୍ଗମାନଙ୍କ ମାଧ୍ୟମରେ ଏକ ଚିନ୍ତାଧାରାକୁ ବାସ୍ତବ ରୂପ ଦେଇଛି; ଯେଉଁଥିରେ ଏକ ସାଧାରଣ ଯୋଜନା ଅପ୍ରତ୍ୟାଶିତ ମୋଡ଼ ନେଇଥାଏ ଏବଂ 'ମ୍ୟାକଡୋୱେଲ୍ସ ସୋଡା' କ୍ୟାନ୍ ନୂତନ ଅନୁଭୂତି ପାଇଁ ଏକ ମୁଖ୍ୟ ଉପାଦାନ ବା 'କ୍ୟାଟାଲିଷ୍ଟ' ଭାବରେ କାର୍ଯ୍ୟ କରେ। ଲୋକପ୍ରିୟ ଗୀତ 'ଆଓ ଟ୍ୱିଷ୍ଟ କରେନ୍' ର ଏକ ନୂତନ ସଂସ୍କରଣ ଉପରେ ଆଧାରିତ ଏହି ଫିଲ୍ମଟି ଏକ ପରିଚିତ ସାଂସ୍କୃତିକ ଧାରଣାକୁ ଆଧୁନିକ ରୂପ ପ୍ରଦାନ କରେ। ଏହି ଅଭିଯାନ ମାଧ୍ୟମରେ 'ମ୍ୟାକଡୋୱେଲ୍ସ ସୋଡା'ର ଭିଜୁଆଲ୍ ପରିଚୟ ମଧ୍ୟ ନୂତନ ରୂପ ନେଇଛି;




ଯେଉଁଥିରେ କ୍ୟାନ୍ ?କୁ ଏକ ଉନ୍ନତମାନର ସୌନ୍ଦର୍ଯ୍ୟ ଏବଂ କମଳା, ଟିଲ୍ ଓ ରୂପେଲି ରଙ୍ଗର ସ୍ୱତନ୍ତ୍ର ଛାପ ସହିତ ପୁନଃ-ଡିଜାଇନ୍ କରାଯାଇଛି। ଏହି ନୂତନ ପରିଚୟ ଏବଂ ଅଭିଯାନ ବ୍ରାଣ୍ଡ ?ର ବନ୍ଧୁତ୍ୱ ସହ ଥିବା ଦୃଢ଼ ସମ୍ପର୍କକୁ ବଜାୟ ରଖିବା ସହିତ ଏହାର ଏକ ଆଧୁନିକ ରୂପକୁ ପ୍ରତିଫଳିତ କରୁଛି। ଏହି ଅଭିଯାନ ସମ୍ପର୍କରେ ମତାମତ ଦେଇ ଆନନ୍ଦିତା ଦତ୍ତ ଡିଆଜିଓ ଇଣ୍ଡିଆର ଭିପି, ମାର୍କେଟିଂ ଏବଂ କ୍ୟାଟେଗୋରୀ ହେଡ୍ କହିଛନ୍ତି: "'ହାଉସ୍ ଅଫ୍ ମ୍ୟାକଡୋୱେଲ୍ସ ସୋଡା' ପାଇଁ 'ୟାରି' ସର୍ବଦା ଏକ ମୁଖ୍ୟ ଆଧାର ହୋଇ ରହିଆସିଛି। 'ୟାରି କି ନୟୀ ଭାଇବ୍' ମାଧ୍ୟମରେ, ଆମେ ବନ୍ଧୁତ୍ୱର ବଦଳୁଥିବା ସ୍ୱରୂପକୁ ଦର୍ଶାଇ ସେହି ମୂଲ୍ୟବୋଧକୁ ଆଗକୁ ନେବାକୁ ଚାହୁଁଛୁ। ବନ୍ଧୁତ୍ୱ ବର୍ତ୍ତମାନ କେବଳ ଏକାଠି ରହିବା ମଧ୍ୟରେ ସୀମିତ ନୁହେଁ, ବରଂ ଏହା ସେହି ଅନୁଭୂତି ଓ ସ୍ମୃତି ଉପରେ ଆଧାରିତ ଯାହା ଆମେ ଏକାଠି ସମୟ ବିତାଇବା ବେଳେ ସୃଷ୍ଟି କରିଥାଉ। ଏହି ନୂତନ ରୂପାୟନ ଆମର ପରିଚୟ ଏବଂ ଯୋଗାଯୋଗ ମାଧ୍ୟମରେ ସେହି ଚିନ୍ତାଧାରାକୁ ଏକ ବୃହତ୍ତର ଓ ସ୍ୱତନ୍ତ୍ର ରୂପ ପ୍ରଦାନ କରୁଛି। ବ୍ରାଣ୍ଡ ଆମ୍ବାସାଡର କାର୍ତ୍ତିକ ଆର୍ଯ୍ୟନ୍ କହିଛନ୍ତି: "ମୋ ପାଇଁ, ବନ୍ଧୁମାନଙ୍କ ସହ ଜଡ଼ିତ କିଛି ସର୍ବୋତ୍ତମ ସ୍ମୃତି ସେହି ଯୋଜନାଗୁଡ଼ିକରୁ ଆସିଥାଏ ଯାହା ପ୍ରକୃତରେ କୌଣସି ପୂର୍ବ-ପରିକଳ୍ପନା ବିନା ହୋଇଥାଏ। 'ୟାରି କି ନୟୀ ଭାଇବ୍' ସେହି ଭାବନାକୁ ପ୍ରତିଫଳିତ କରେ ଯେଉଁଠାରେ ଏକ ସାଧାରଣ ଯୋଜନାକୁ ଏକ ଅପ୍ରତ୍ୟାଶିତ ଓ ସ୍ୱତନ୍ତ୍ର ଅନୁଭୂତିରେ ପରିଣତ କରାଯାଏ। ସେହି ସ୍ୱତଃସ୍ଫୂର୍ତ୍ତତା ହିଁ ଏହି ଅଭିଯାନକୁ ମୋ ପାଇଁ ଅତ୍ୟନ୍ତ ବାସ୍ତବଧର୍ମୀ କରିଥାଏ। ସାଚି ଏବଂ ସାଚି ଇଣ୍ଡିଆର ଚିଫ୍ କ୍ରିଏଟିଭ୍ ଅଫିସର କାର୍ତ୍ତିକ ସ୍ମେଟାସେକ୍ କହିଛନ୍ତି: 'ହାଉସ୍ ଅଫ୍ ମ୍ୟାକଡୋୱେଲ୍‌ର ବ୍ରାଣ୍ଡ ବର୍ଷ ବର୍ଷ ଧରି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ବ୍ୟାପକ ପୁନଃନିର୍ମାଣ କରିଛି। ଏହି ପରିବର୍ତ୍ତନକୁ ସଙ୍କେତ ଦେବା ଅଭିଯାନର ମୁଖ୍ୟ କାର୍ଯ୍ୟ ଥିଲା। ହାଉସ ଅଫ୍ ମ୍ୟାକଡୋୱେଲ୍ ?ର ସୋଡା ପ୍ରତୀକାତ୍ମକ ଭାବରେ ନୂତନତାର ଉତପ୍ରେରକ ହୋଇ ପାରିଛି, ପ୍ରତ୍ୟେକ ମୋଡ଼ ଆମର ବନ୍ଧୁମାନଙ୍କୁ ନୂତନ ଅଭିଜ୍ଞତା ଏବଂ ନୂତନ ଶକ୍ତିର ଦୁନିଆରେ ପହଞ୍ଚାଇ ଦେଉଛି।

# ଏଡ଼ବ୍ଲୁଏସ ଏବଂ ସୋନାଟା ଇନଫରମେସନ ଟେକ୍ନୋଲୋଜି ଲିମିଟେଡ୍ ସହବନ୍ଧିତ

**ଭୁବନେଶ୍ୱର, ୧୮।୯ (ନି.ପ୍ର) :** ସୋନାଟା ସଫ୍ଟୱେର ପକ୍ଷରୁ ଏହାର ଘରୋଇ ବ୍ୟବସାୟିକ ସଂସ୍ଥା ସୋନାଟା ଇନଫରମେସନ ଟେକ୍ନୋଲୋଜି ଲିମିଟେଡ୍ (ଏସଆଇଟିଏଲ), ଭାରତରେ ଉଦ୍ୟୋଗଗୁଡ଼ିକର କ୍ଲାଉଡ୍ ଗ୍ରହଣ ଓ ଆଧୁନିକୀକରଣକୁ ତ୍ୱରାନ୍ୱିତ କରିବା ପାଇଁ ଆମାଜନ ୱେବ ସର୍ଭିସ (ଏଡ଼ବ୍ଲୁଏସ) ସହିତ ୫ ବର୍ଷିଆ ରଣନୀତିକ ସହଯୋଗ ଚୁକ୍ତି (ଏସସିଏ) ସ୍ୱାକ୍ଷର କରିଛି। ଏହି ଚୁକ୍ତି ସୋନାଟାର କ୍ଲାଉଡ୍ ସେବା ପ୍ରଦାନକାରୀଙ୍କ ନେତୃତ୍ୱାଧୀନ ଅଭିବୃଦ୍ଧି ରଣନୀତିକୁ ଆହୁରି ଆଗକୁ ବଢ଼ାଇବା ସହ ଭାରତୀୟ ବଜାରରେ କ୍ଲାଉଡ୍ ପରିବର୍ତ୍ତ ନୂତନ ସୁଯୋଗକୁ ଉପଯୋଗ କରିବାର କ୍ଷମତାକୁ ବଢ଼ାଇବ। ବଢ଼ୁଥିବା କୃତ୍ରିମ ବୁଦ୍ଧିମତା (ଏଆଇ) ଓ କ୍ଲାଉଡ୍ ପରିବର୍ତ୍ତନର ସୁଯୋଗକୁ ଉପଯୋଗ କରିବା ପାଇଁ ଦୁଇ ସଂସ୍ଥା ଭାରତରେ ମିଳିତ ଭାବେ ବଜାର ପ୍ରବେଶ ରଣନୀତି (ଜିଟିଏମ) ଆପଣାଇବେ। ସୋନାଟା ସଫ୍ଟୱେରର ଘରୋଇ ବ୍ୟବସାୟ (ଏସଆଇଟିଏଲ)ର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ସୁଜିତ ମହାନ୍ତି କହିଛନ୍ତି, 'ଭାରତରେ ଆମର କ୍ଲାଉଡ୍ ବ୍ୟବସାୟକୁ ଆଗେଇ ନେବା ଦିଗରେ ଏଡ଼ବ୍ଲୁଏସ ସହିତ ଏହି ୫ ବର୍ଷିଆ ସହଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ଆମକୁ ଏଡ଼ବ୍ଲୁଏସ ସମ୍ପର୍କିତ କ୍ଷମତାକୁ ଆହୁରି ଗଭୀର କରିବା, ଗ୍ରାହକମାନଙ୍କ ପରିବର୍ତ୍ତନ ଯାତ୍ରାର ପ୍ରାରମ୍ଭିକ ପର୍ଯ୍ୟାୟରୁ ସେମାନଙ୍କ ସହ ଯୋଡ଼ି ହେବା ଏବଂ ଅଧିକ ରଣନୀତିକ ସୁଯୋଗକୁ ଉପଯୋଗ କରିବାରେ ସକ୍ଷମ କରିବ। ' ଏଡ଼ବ୍ଲୁଏସ ଇଣ୍ଡିଆ ଓ ଦକ୍ଷିଣ ଏସିଆର ପାର୍ଟନର ଏବଂ ଆଇଏସଭି ବ୍ୟବସାୟ ମୁଖ୍ୟ, ପ୍ରବୀଣ ଶ୍ରୀଧର କହିଛନ୍ତି, 'ଭାରତର ଉଦ୍ୟୋଗଗୁଡ଼ିକ ସେମାନଙ୍କ କ୍ଲାଉଡ୍ ଯାତ୍ରାର ଏକ ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଂଚିଛି। ପ୍ରାରମ୍ଭିକ ଭାବେ କ୍ଲାଉଡ୍ ଗ୍ରହଣ କରିବାପରେ ସେମାନେ ଏବେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଭାରକୁ ଆଧୁନିକୀକରଣ କରିବା ସହ ଏଆଇ ଭିତ୍ତିକ ନବସୃଜନ ପାଇଁ ଭିତିଭୂମି ଗଠନ ଉପରେ ଗୁରୁତ୍ୱ ଦେଉଛନ୍ତି। ସୋନାଟା ସହ ଏହି ସହଯୋଗ ଗଭୀର ଆଧୁନିକୀକରଣ ଇନିୟରିଂ ଦକ୍ଷତା ଓ ଏଡ଼ବ୍ଲୁଏସ କ୍ଲାଉଡ୍ ସେବାକୁ ଏକତ୍ର କରୁଛି, ଯାହା ଗ୍ରାହକମାନଙ୍କୁ ଏଭଳି ଜଟିଳ ପରିବର୍ତ୍ତନକୁ ଶୀଘ୍ର କାର୍ଯ୍ୟକାରୀ କରିବାରେ ସହାୟତା କରିବ। ମିଳିତ ଭାବେ ଆମର ଲକ୍ଷ୍ୟ ହେଉଛି ସଂଗଠନଗୁଡ଼ିକୁ ପୁରୁଣା ପ୍ରଯୁକ୍ତିଭିତିକ ବ୍ୟବସ୍ଥାରୁ ସମ୍ପ୍ରସାରଣଯୋଗ୍ୟ ଓ ଆଧୁନିକ ସ୍ଥାପତ୍ୟକୁ ସହଜରେ ସ୍ଥାନାନ୍ତର କରିବାରେ ସହାୟତା କରିବା, ଯାହା ନୂଆ ବ୍ୟବସାୟିକ ମୂଲ୍ୟ ସୃଷ୍ଟିର ସୁଯୋଗ ଖୋଲିଦେବ।'

ଏହି ଚୁକ୍ତି ଅନୁଯାୟୀ, ସୋନାଟା ଏଡ଼ବ୍ଲୁଏସକୁ କେନ୍ଦ୍ର କରି ସ୍ୱତନ୍ତ୍ର ବିକ୍ରୟ, ବିକ୍ରୟ ପୂର୍ବ ସହାୟତା, ବୈଷୟିକ ଓ ସେବା ପ୍ରଦାନ କ୍ଷମତାରେ ନିବେଶ କରିବ। ଏଥିସହ ବିଏଫଏସଆଇ, ଖୁଚୁରା ବ୍ୟବସାୟ, ଉତ୍ପାଦନ, ଆଇଟି ଏବଂ ସ୍ୱାସ୍ଥ୍ୟସେବା ଭଳି କ୍ଷେତ୍ରରେ ମିଳିତ ବଜାର ପ୍ରବେଶ ପ୍ରୟାସକୁ ମଧ୍ୟ ବ୍ୟାପକ କରାଯିବ। ଏହି ସହଯୋଗ ମାଧ୍ୟମରେ ସୋନାଟା ଏଡ଼ବ୍ଲୁଏସର ମାଇଗ୍ରେସନ ଆସିଲରେସନ ପ୍ରୋଗ୍ରାମ ଏବଂ ମ୍ୟାନେଜଡ୍ ସର୍ଭିସ ପ୍ରୋଗ୍ରାମ ଭଳି କାର୍ଯ୍ୟକ୍ରମର ଲାଭ ଉଠାଇପାରିବ। ଏହି କାର୍ଯ୍ୟକ୍ରମଗୁଡ଼ିକ ଜଟିଳ କ୍ଲାଉଡ୍ ପରିବର୍ତ୍ତନ ପ୍ରକଳ୍ପକୁ ସହାୟତା କରିବା ସହ ଗ୍ରାହକମାନଙ୍କୁ ପୁରୁଣା ପ୍ରଯୁକ୍ତିଭିତିକ ବ୍ୟବସ୍ଥାରୁ ଆଧୁନିକ କ୍ଲାଉଡ୍ ଭିତିକ ସ୍ଥାପତ୍ୟକୁ ସ୍ଥାନାନ୍ତରିତ ହେବାରେ ସହାୟତା କରିବ। ଏହି ନିବେଶ ମାଧ୍ୟମରେ ସୁଯୋଗ ଚିହ୍ନଟ କରିବାଠାରୁ ଆରମ୍ଭ କରି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପର୍ଯ୍ୟନ୍ତ ଗ୍ରାହକଙ୍କୁ ସହାୟତା କରିବା ପାଇଁ ଏକ ଅଧିକ ସମନ୍ୱିତ ବ୍ୟବସ୍ଥା ଗଠନ କରାଯିବ।

# ଆମାଜନନାଓ ଭାରତରେ ବାର୍ଷିକ ୧ ବିଲିୟନ ଡଲାର ବିକ୍ରି ଅତିକ୍ରମ

**ଭୁବନେଶ୍ୱର, ୧୮।୯ (ନି.ପ୍ର) :** ଆମାଜନ ପକ୍ଷରୁ ଏହାର ଅଲ୍ଟ୍ରା-ଫାଷ୍ଟ ଡେଲିଭରି ସେବା ଆମାଜନନାଓ ଗତ ତିନି ମାସ ମଧ୍ୟରେ ଭାରତରେ ବାର୍ଷିକ ୧ ବିଲିୟନ ଡଲାର ମୋଟ ବିକ୍ରି ଅତିକ୍ରମ କରିଛି। ଲଂଚହେବା ପରଠାରୁ ପ୍ରତି କ୍ୱାର୍ଟରରେ ଆମାଜନନାଓର ଅର୍ଡର ଦୁଇଗୁଣ ହୋଇଛି, ଯାହା ଏହାକୁ ଆମାଜନ ଇଣ୍ଡିଆର ଇତିହାସରେ ସବୁଠାରୁ ତୀବ୍ର ଗତିରେ ବୃଦ୍ଧିପାଉଥିବା ଇ-କମର୍ସ ବ୍ୟବସାୟ ବନାଇଛି। ପର୍ବପର୍ବାଣୀ ମାସ ପୂର୍ବରୁ କମ୍ପାନୀ ୧୦ ସପ୍ତାହରୁ କମ ସମୟରେ ଆମାଜନନାଓକୁ ୪ ଗୁଣ ଅଧିକ ସହରରେ ବିସ୍ତାରକରି ମିନିଟ ଡେଲିଭରି ଭାରତର ୬୦ରୁ ଅଧିକ ସହର ଓ ଗ୍ରାମାଂଚଳରେ ପହଂଚାଇଛି। ମେଟ୍ରୋ ସହର ବ୍ୟତୀତ, ଏହି ସେବା ପାଦୁବିଦ୍ରି, ତିରୁପତି, ଗୁଣ୍ଟୁର, ଗୁରଦାସପୁର, ଜଲନ୍ଧର, ଭେଲୋର, ଧାରୱାଡ଼, ୱାରାଙ୍ଗଲ ଓ ବ୍ରହ୍ମପୁରଭଳି ସହରର ଗ୍ରାହକମାନଙ୍କ ପାଇଁ ମଧ୍ୟ ଉପଲବ୍ଧ। ଏହି ଅର୍ଡର ଗୁଡ଼ିକ ୭୫୦ରୁ ଅଧିକ




ମାଇକ୍ରୋ-ଫୁଲଫିଲମେଂଟ ଓ ଅର୍ବାନଫୁଲଫିଲମେଂଟ ସେଂଟରର ନେଟୱର୍କ ମାଧ୍ୟମରେ ମିନିଟରେ ଡେଲିଭର ହୁଏ। ଏହି ପରିପ୍ରେକ୍ଷୀରେ ଆମାଜନ ଇଣ୍ଡିଆ ପକ୍ଷରୁ ଏହାର କଂଟ୍ରି ମ୍ୟାନେଜର, ସମୀର କୁମାର କହିଛନ୍ତିଯେ, 'ଅତିକମ ସମୟ ମଧ୍ୟରେ, ଆମାଜନ ନାଓ ଭାରତରେ ବାର୍ଷିକ ୧ ବିଲିୟନ ଡଲାର ମୋଟ ବିକ୍ରି ଅତିକ୍ରମ କରିଛି, ଯାହା ଏହାକୁ ଆମାଜନ ଇଣ୍ଡିଆର ଇତିହାସରେ ସବୁଠାରୁ ତୀବ୍ରଗତିରେ ବୃଦ୍ଧିପାଉଥିବା ଇ-କମର୍ସ ବ୍ୟବସାୟ ୟୁନିଟ ବନାଇଛି। ପ୍ରତି କ୍ୱାର୍ଟରରେ ଅର୍ଡର ଦୁଇଗୁଣ ହେବା ସହିତ, ଆମେ ଗ୍ରାହକମାନଙ୍କ ଏହି ପ୍ରତିକ୍ରିୟାରେ ଅଧିକ ଉତ୍ସାହିତ । ଆମେ ଦୀପାବଳି ସୁଧା ଏହାକୁ ୧୦୦ ସହରକୁ ବିସ୍ତାର କରିବାକୁ ଯୋଜନା କରିଛୁ।

# ଆମାଜନ ଡଟ୍ ଇନ୍‌ର ବେଷ୍ଟ ଇନ୍ ଟେକ୍ ସର୍ଭେର ୩ୟ ସେଟ୍ ଫଳାଫଳ ପ୍ରକାଶିତ

**ଭୁବନେଶ୍ୱର, ୧୮।୯ (ନି.ପ୍ର) :** ଆମାଜନ ଇଣ୍ଡିଆ ଏହାର ଉଦ୍‌ଘାଟନୀ ବେଷ୍ଟ ଇନ୍ ଟେକ୍ ସର୍ଭେର ୩ୟ ସେଟ ଫଳାଫଳ ପ୍ରକାଶ କରିଛି। ସ୍ମାର୍ଟ ଟିଭି ଏବଂ ଘରୋଇ ଉପକରଣଗୁଡିକ ବର୍ଗରେ ଭାରତ କିଭଳି ନିଜର ବିଶ୍ୱସନୀୟ ବ୍ରାଣ୍ଡଗୁଡିକୁ ଚୟନ କରିଥାଏ ଏହି ଫଳାଫଳ ତାହାକୁ ଦର୍ଶାଇଛି। ଏହି ସର୍ଭେ ଅନୁଯାୟୀ, ସ୍ମାର୍ଟ ଟିଭି କିଣୁଥିବା ଗ୍ରାହକଙ୍କ ପାଇଁ ପିକ୍‌ଚର କ୍ୱାଲିଟି (ଚିତ୍ର ଗୁଣବତା) ହେଉଛି ବିଚାର କରିବା ପାଇଁ ପ୍ରମୁଖ ଫିଚର, ସେହିପରି ଏୟାର କଣ୍ଡିସନର ଓ ରେଫ୍ରିଜରେଟର କ୍ରେତାଙ୍କ ପାଇଁ ଏନର୍ଜି ଷ୍ଟାର ରେଟିଂ ହେଉଛି ସର୍ବୋଚ୍ଚ ପ୍ରାଥମିକତା। ସହଜ ଋଣ ସହାୟତା ସମାନ ଭାବରେ ନିର୍ଣ୍ଣାୟକ ହୋଇଥିବା ବେଳେ, ୪୭% ବୃହତ ଆପ୍ଲାଏନ୍ସ ଗ୍ରାହକ କହିଛନ୍ତି ଯେ ନୋ-କଷ୍ଟ ଇଏମଆଇ ହେଉଛି ମୂଲ୍ୟ ନିର୍ଦ୍ଧାରଣ ଲିଭର ଯାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସମସ୍ତ ପ୍ରମୁଖ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ବର୍ଗରେ ମିଳିଥିବା ୪୦,୦୦୦ରୁ ଅଧିକ ପ୍ରତିକ୍ରିୟାରୁ ଏହି ଫଳାଫଳଗୁଡିକୁ ନିଆଯାଇଛି ଏବଂ ଆମାଜନ ଡଟ୍ ଇନ୍‌ରେ ଚୟନରେ ଅନ୍ତର୍ଭୁକ୍ତ କରାଯାଉଛି। ଏଗୁଡିକ ବେଷ୍ଟ ଇନ୍ ଟେକ୍ ପୁରସ୍କାର ପାଇଁ ମଧ୍ୟ ଏଜେଣ୍ଡା ସ୍ଥିର କରିବେ, ଯାହା ଆସନ୍ତା ୧୮ ସେପ୍ଟେମ୍ବର, ୨୦୨୬ ରେ ଏହାର ଦ୍ୱିତୀୟ ସଂସ୍କରଣ ସହିତ ଫେରିବ।

ଆମାଜନ ଇଣ୍ଡିଆର କ୍ୟୁମର ଇଲେକ୍‌ଟ୍ରୋନିକ୍ସ ବର୍ଗର ନିର୍ଦ୍ଦେଶକ ଜେବା ଖାନ କହିଛନ୍ତି, 'ପ୍ରଥମ ଦୁଇଟି ସେଟ୍ ଆମକୁ ଦର୍ଶାଇଛି ଯେ ଭାରତୀୟ କ୍ରେତାମାନେ ସେମାନଙ୍କର ବ୍ୟକ୍ତିଗତ ଡିଭାଇସ୍ ଚୟନ କରିବାରେ ଅଧିକରୁ ଅଧିକ ଟେକ୍ନୋଲୋଜି-ପରିଚାଳିତ ହେଉଛନ୍ତି। ଏହି ତୃତୀୟ ସେଟ୍ ହୋମ୍ ଆପ୍ଲାଏନ୍ସ କ୍ଷେତ୍ରରେ ମଧ୍ୟ ସମାନ ଶୈଳୀ ବଜାୟ ରଖିଥିବା ନିଶ୍ଚିତ କରୁଛି। ଏହା ଏକ ସ୍ମାର୍ଟ ଟିଭି, ଏକ ଏୟାର କଣ୍ଡିସନର ହେଉ କିମ୍ବା ଏକ ୱାଶିଂମେସିନ୍, ବ୍ରାଣ୍ଡ ବିଶ୍ୱାସ ମୂଳଦୁଆ ହୋଇରହିଛି। ଗ୍ରାହକମାନେ ସେମାନଙ୍କର ନିଜର ଅନୁସନ୍ଧାନ କରୁଛନ୍ତି ଏବଂ ଉତ୍ପାଦ ପୃଷ୍ଠାରୁ ଆରମ୍ଭ କରି ଇନ୍‌ଷ୍ଟଲେଶନ ପର୍ଯ୍ୟନ୍ତ ସମସ୍ତ ଅନୁଭୂତିକୁ ସମାନ ଉଚ୍ଚ ମାନଦଣ୍ଡରେ ରଖୁଛନ୍ତି। ବେଷ୍ଟ ଇନ୍ ଟେକ୍ ପୁରସ୍କାର ସେହି ବ୍ରାଣ୍ଡଗୁଡିକୁ ଚିହ୍ନିତ କରିବ ଯେଉଁମାନେ ଏହି ପରିବର୍ତ୍ତନକୁ ବୁଝନ୍ତି ଏବଂ ଏଥିରେ କାର୍ଯ୍ୟ କରୁଛନ୍ତି।

# ଆଇଆଇଏ ଓଡ଼ିଶା ଚାପ୍ଟରର ନୂଆ ଏକଜିକ୍ୟୁଟିଭ କମିଟି ୨୦୨୬-୨୮ ନିମନ୍ତେ ଦାୟିତ୍ୱ ଗ୍ରହଣ କଲେ

**ଭୁବନେଶ୍ୱର, ୧୮।୯ (ନି.ପ୍ର) :** ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଆର୍କିଟେକ୍ଟସ୍ (ଆଇଆଇଏ), ଓଡ଼ିଶା ଚାପ୍ଟରର ୨୦୨୬-୨୮ ନିମନ୍ତେ ନବ ନିର୍ବାଚିତ ଏକଜିକ୍ୟୁଟିଭ କମିଟି (କାର୍ଯ୍ୟନିର୍ବାହୀ କମିଟି) ନିର୍ବାଚନ ଫଳ ସେପ୍ଟେମ୍ବର ୪, ୨୦୨୬ରେ ଘୋଷଣା ହେବାପରେ ସେପ୍ଟେମ୍ବର ୧୬, ୨୦୨୬ ଦିନ ଦାୟିତ୍ୱ ଗ୍ରହଣ କରିଛନ୍ତି। ସ୍ଥପତି ମୌସୁମୀ ନନ୍ଦ ଆଇଆଇଏ ଓଡ଼ିଶା ଚାପ୍ଟରର ଚେୟାରପର୍ସନ ଭାବରେ ନିର୍ବାଚିତ ହୋଇଛନ୍ତି। ନୂତନ ଟିମ୍ ରେ ନିମ୍ନଲିଖିତ କାର୍ଯ୍ୟକର୍ତାଗଣ ରହିଛନ୍ତି। ସେମାନେ ହେଲେ ଆଇଆଇଏ ଓଡ଼ିଶା ଚାପ୍ଟରର ଚେୟାରପର୍ସନ ସ୍ଥପତି ମୌସୁମୀ ନନ୍ଦ, ଭାଇସ ଚେୟାରପର୍ସନ ସ୍ଥପତି ଲକ୍ଷ୍ମୀ ନାରାୟଣ ସିଂହ, ଅବୈତନିକ କୋଷାଧକ୍ଷ ସ୍ଥପତି ବିଭୁଦତ୍ତ ସାହୁ, ଯୁଗ୍ମ ଅବୈତନିକ ସମ୍ପାଦକ ସ୍ଥପତି ଦେବୀ ପ୍ରସାଦ ସାହୁ, ଯୁଗ୍ମ ଅବୈତନିକ ସମ୍ପାଦକ ସ୍ଥପତି ଭକ୍ତି ପ୍ରସାଦ ମହାପାତ୍ର । ନବ ନିର୍ବାଚିତ ଏକଜିକ୍ୟୁଟିଭ କମିଟି ସଦସ୍ୟଗଣ ହେଉଛନ୍ତି ସ୍ଥପତି ନନ୍ଦିନୀ ପରିଡ଼ା, ଲଗ୍ନଜିତ ମହାପାତ୍ର, ଶିବ ପ୍ରସାଦ ରଥ,ସୌମ୍ୟ ରଞ୍ଜନ ବେହେରା, ସ୍ନେହଲତା ଦାଶ,ଅନୁସୂୟା ତ୍ରିପାଠୀ, ରବି ନାରାୟଣ ଦାସ, ଶଙ୍କର ଗିରି, ଅଭିନବ କୌଶଲ୍ , ମାନସ ରଞ୍ଜନ ନାୟକ ଏଥି ସହିତ ରୁଦ୍ର ସବିତ୍ରୁ ନାୟକ ଏବଂ ଦିବ୍ୟ ଜ୍ୟୋତି ରାୟଙ୍କୁ ମିଳିତ ଭାବରେ ଏକଜିକ୍ୟୁଟିଭ କମିଟି ସଦସ୍ୟ ଭାବରେ ମନୋନୀତ କରାଯାଇଛି। ନୂଆ କାର୍ଯ୍ୟନିର୍ବାହୀ କମିଟି ଆନୁଷ୍ଠାନିକ ଭାବରେ ସେପ୍ଟେମ୍ବର ୧୬, ୨୦୨୬ରେ ଆଇଆଇଏ ଓଡ଼ିଶା ଚାପ୍ଟରର ୨୦୨୫-୨୬ ନିମନ୍ତେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକ ଅବସରରେ ଦାୟିତ୍ୱ ଗ୍ରହଣ କରିଥିଲେ। ପାରମ୍ପରିକ ପ୍ରଦୀପ ପ୍ରଜ୍ୱଳନ ସହିତ ବୈଠକ ଆରମ୍ଭ ହୋଇଥିଲା ଏବଂ ଏହା ନୂତନ କାର୍ଯ୍ୟକାଳ ନିମନ୍ତେ ଏକ ଶୁଭାରମ୍ଭ ହୋଇଥିଲା। ନବ ନିର୍ବାଚିତ ଚେୟାରପର୍ସନ ସ୍ଥପତି ମୌସୁମି ନନ୍ଦ ସାଧାରଣ ପରିଷଦ ବୈଠକରେ ଅଧ୍ୟକ୍ଷତା କରିଥିଲେ ଏବଂ ଏହି ଅବସରରେ ବିଦାୟୀ ଚେୟାରପର୍ସନ ସ୍ଥପତି ସ୍ୱପ୍ନଦତ୍ତା ମହାନ୍ତି ଉପସ୍ଥିତ ଥିଲେ। ନବ ନିର୍ବାଚିତ ଚେୟାରପର୍ସନ ସ୍ଥପତି ମୌସୁମି ନନ୍ଦ




ବିଦାୟୀ ଚେୟାରପର୍ସନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଆର୍କିଟେକ୍ଟସର ଭାଇସ ପ୍ରେସିଡେଣ୍ଟ ଭାବରେ ନିର୍ବାଚିତ ହୋଇଥିବା ସ୍ଥପତି ଅକ୍ଷୟ କୁମାର ବେଉରିଆଙ୍କୁ ମଧ୍ୟ ବୈଠକ ଅବସରରେ ସମ୍ମାନିତ କରାଯାଇଥିଲା। ଜାତୀୟ ସ୍ତରରେ ତାଙ୍କର ନୂଆ ଦାୟିତ୍ୱ ନିମନ୍ତେ ସଦସ୍ୟଗଣ ତାଙ୍କୁ ପ୍ରଶଂସା କରିବା ସହିତ ଶୁଭେଚ୍ଛା ଜଣାଇଥିଲେ। ବିଦାୟୀ କୋଷାଧକ୍ଷ ସ୍ଥପତି ଲକ୍ଷ୍ମୀ ନାରାୟଣ ସିଂହ ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ଆଇଆଇଏ ଓଡ଼ିଶା ଚାପ୍ଟରର ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ, ଯାହାକୁ ବିଚାର ନିମନ୍ତେ ସାଧାରଣ ପରିଷଦ ନିକଟରେ ରଖାଯାଇଥିଲା। ସମାବେଶକୁ ସମ୍ବୋଧିତ କରି ନବ ନିର୍ବାଚିତ ଚେୟାରପର୍ସନ ସ୍ଥପତି ମୌସୁମୀ ନନ୍ଦ ୨୦୨୬-୨୮ ନିମନ୍ତେ ତାଙ୍କର ଦୂରଦୃଷ୍ଟି ଓ ଲକ୍ଷ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସେ ବୃହତ୍ତର ସହଯୋଗିତା, ବୃତ୍ତିଗତ ଉତ୍କର୍ଷ, ସମାବେଶୀ, ଏବଂ ସ୍ଥପତି ଓ ପରିବ୍ୟାପ୍ତ ସମୁଦାୟଙ୍କ ସହିତ ଅର୍ଥପୂର୍ଣ୍ଣ ନିୟୋଜନତା ଜରିଆରେ ସ୍ଥାପତ୍ୟ ବୃତ୍ତିକୁ ଆଗେଇନେବାର ଗୁରୁତ୍ୱ ଉପରେ ଜୋର୍ ଦେଇଥିଲେ। ଓଡ଼ିଶା ଚାପ୍ଟରକୁ ଅଧିକ ପ୍ରଗତିଶୀଳ, ଦକ୍ଷ ଏବଂ ସ୍ଥାପତ୍ୟ ବୃତ୍ତିଧାରୀଙ୍କ ନୂତନ ଆବଶ୍ୟକତା ଓ ଆକାଂକ୍ଷା ନିମନ୍ତେ ଅଧିକ ସମ୍ବେଦୀ କରି ଗଢ଼ି ତୋଳିବାକୁ ସେ ନିଜର ପ୍ରତିବଦ୍ଧତା ଜଣାଇଥିଲେ। ନୂଆ ଏକଜିକ୍ୟୁଟିଭ କମିଟି ବିଗତ ନେତୃତ୍ୱଙ୍କ ସଫଳତା ଆଧାରରେ ଆଗକୁ ବଢ଼ିବା ପାଇଁ ନିଜର ପ୍ରତିବଦ୍ଧତା ଜଣାଇବା ସହିତ ବୃତ୍ତିଗତ ବିକାଶ, ଜ୍ଞାନ ଆଦାନ ପ୍ରଦାନ, ସାମର୍ଥ୍ୟ ନିର୍ମାଣ ଏବଂ ସଦସ୍ୟ ମାନଙ୍କର ବୃହତ୍ତର ଅଂଶଗ୍ରହଣ ଓ ବିଭିନ୍ନ ଅଂଶୀଦାରଙ୍କ ସହିତ ଗଠନମୂଳକ ନିୟୋଜନତା ଜରିଆରେ ଆଇଆଇଏ ଓଡ଼ିଶା ଚାପ୍ଟରର କାର୍ଯ୍ୟକଳାପ ଅଧିକ ସୁଦୃଢ଼ କରିବାକୁ ପ୍ରତିବଦ୍ଧତା ଜଣାଇଥିଲେ। ଭାଇସ୍ ଚେୟାରପର୍ସନ ସ୍ଥପତି ଲକ୍ଷ୍ମୀ ନାରାୟଣ ସିଂହ ଧନ୍ୟବାଦ୍ ପ୍ରସ୍ତାବ ଆଗତ କରିବା ସହିତ ବୈଠକ ସମାପ୍ତ ହୋଇଥିଲା। ସେ ବିଦାୟୀ କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନଙ୍କୁ ତଥା ସାଧାରଣ ପରିଷଦ ବୈଠକର ସଫଳ ଆୟୋଜନ ଏବଂ ନୂଆ କାର୍ଯ୍ୟ ନିର୍ବାହୀ କମିଟି ଦାୟିତ୍ୱ ଗ୍ରହଣକୁ ସଫଳତାର ସହିତ ପରିଚାଳନା କରିଥିବା ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ଡାଲମିଆ ସିମେଂଟ ପରିବହନ ପାଇଁ ତେଜସ୍ କାର୍ଗୋ ବ୍ଲୁ ଏନର୍ଜି ମୋଟର୍ସର ବିଦ୍ୟୁତଚାଳିତ ଟ୍ରକଗୁଡ଼ିକୁ ନିୟୋଜିତ କରିଛି

**ରାଜଗାଙ୍ଗପୁର, ୧୮।୯ (ନି.ପ୍ର):** ସ୍ଥାୟୀ ମାଲ ପରିବହନ ବ୍ୟବସ୍ଥା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଡାଲମିଆ ସିମେଂଟ, ତେଜସ୍ କାର୍ଗୋ ଇଣ୍ଡିଆ ଲିମିଟେଡ୍ ଏବଂ ବ୍ଲୁ ଏନର୍ଜିମୋଟର୍ସ ମିଳିତ ଭାବେ ରାଜଗାଙ୍ଗପୁରରେ ସିମେଂଟ ପରିବହନ କାର୍ଯ୍ୟ ପାଇଁ ବ୍ଲୁ ଏନର୍ଜି ମୋଟର୍ସର ବିଦ୍ୟୁତଚାଳିତ ଭାରୀ ଟ୍ରକ୍ ନିୟୋଜିତ କରିଛନ୍ତି। ତେଜସ୍ କାର୍ଗୋ ଇଣ୍ଡିଆ ଲିମିଟେଡ୍ ଦ୍ୱାରା ପରିଚାଳିତ ଏହି ବିଦ୍ୟୁତଚାଳିତ ଭାରୀ ଟ୍ରକ୍ ଡାଲମିଆ ସିମେଂଟର ପରିବହନ ଆବଶ୍ୟକତା ପୂରଣରେ ସହାୟକ ହେବ। ପରିବହନଜନିତ ନିର୍ଗମନ ହ୍ରାସ କରିବା ସହ ଅଧିକ ସ୍ଥାୟୀ ଯୋଗାଣ ଶୃଙ୍ଖଳ ଗଠନ ଉପରେ ଶିଳ୍ପଜଗତର ବଢ଼ୁଥିବା ଗୁରୁତ୍ୱକୁ ଏହି ପଦକ୍ଷେପ ପ୍ରତିଫଳିତ କରୁଛି। ବ୍ୟବସାୟିକ ସଂସ୍ଥାଗୁଡ଼ିକ ନିଜ ଉତ୍ପାଦନ କାର୍ଯ୍ୟକଳାପ ବାହାରେ ମଧ୍ୟ ପରିବେଶ ଉପରେ ନିଜର ପ୍ରଭାବ କମାଇବା ଦିଗରେ ଗୁରୁତ୍ୱ ଦେଉଥିବା ବେଳେ, ମାଲ ପରିବହନ କାର୍ଯ୍ୟକଳାପରୁ ହେଉଥିବା ପରୋକ୍ଷ ନିର୍ଗମନ ଏକ ପ୍ରମୁଖ କ୍ଷେତ୍ର ଭାବେ ଉଭା ହୋଇଛି। ନିର୍ମାତା, ପରିବହନ ସେବା ପ୍ରଦାନକାରୀ, ଯାନ ନିର୍ମାତା ଏବଂ ଚାର୍ଜି ଭିତ୍ତିଭୂମି କମ୍ପାନିଗୁଡ଼ିକ ଏକାଠି ହୋଇ ପରିବେଶ ଅନୁକୂଳ ଯାତାୟାତ ବ୍ୟବସ୍ଥାର ପ୍ରସାରକୁ ତ୍ୱରାନ୍ୱିତ କରିପାରିବେ ବୋଲି ଏହି ସହଯୋଗ ପ୍ରମାଣ କରୁଛି। ଏହା ଦ୍ୱାରା ପରିବହନଜନିତ ନିର୍ଗମନ ହ୍ରାସ ସହ ଅଧିକ ସ୍ଥାୟୀ ଓ ଦକ୍ଷ ଯୋଗାଣ ଶୃଙ୍ଖଳ ଗଠନରେ ସହାୟତା ମିଳିବ। ଭାରତରେ ବିଦ୍ୟୁତଚାଳିତ ଭାରୀ ଟ୍ରକ୍ ବ୍ୟବହାର ଦିଗରେ ମଧ୍ୟ ଏହି ନିୟୋଜନ ଏକ ନୂଆ ମାଇଲଖୁଂଟ। ସିମେଂଟ ଓ ଭିତ୍ତିଭୂମି ଭଳି ମୁଖ୍ୟ ଶିଳ୍ପ କ୍ଷେତ୍ରରେ ବାସ୍ତବ ବାଣିଜ୍ୟିକ ପ୍ରୟୋଗ ପାଇଁ ଏହି ପ୍ରଯୁକ୍ତି କେତେ ପ୍ରସ୍ତୁତ, ତାହା ଏହା ଦର୍ଶାଉଛି। ତେଜସ୍ କାର୍ଗୋ ଇଣ୍ଡିଆ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଚନ୍ଦର ବିନ୍ଦଲ କହିଛନ୍ତି, 'ପରିବହନ କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଘଟୁଛି ଏବଂ ଏହାର ଭବିଷ୍ୟତ ଗଠନରେ



ସ୍ଥାୟୀ ପରିବହନ ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ଡାଲମିଆ ସିମେଂଟର କାର୍ଯ୍ୟ ପାଇଁ ବ୍ଲୁ ଏନର୍ଜି ମୋଟର୍ସର ବିଦ୍ୟୁତଚାଳିତ ଭାରୀ ଟ୍ରକ୍ ନିୟୋଜିତ କରି ଆମେ ଆନନ୍ଦିତ। ଶିଳ୍ପକ୍ଷେତ୍ରରେ ଅଧିକ ପରିବେଶ ଅନୁକୂଳ ଓ ଦକ୍ଷ ମାଲ ପରିବହନ ବ୍ୟବସ୍ଥାର ପ୍ରସାରରେ ଯୋଗଦାନ କରିବାକୁ ଆମେ ଆଶାବାଦୀ।' ବ୍ଲୁ ଏନର୍ଜି ମୋଟର୍ସର ବିଦ୍ୟୁତ ଯାନ ଓ ନୂଆ ଶକ୍ତି ବ୍ୟବସାୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆନନ୍ଦ ମିମାନି କହିଛନ୍ତି, 'ଭାରତ କମ୍ କାର୍ବନ ନିର୍ଗମନ ଥିବା ଭବିଷ୍ୟତ ଦିଗରେ ଦ୍ରୁତ ଗତିରେ ଆଗକୁ ବଢ଼ୁଥିବା ବେଳେ ମାଲ ପରିବହନରୁ ହେଉଥିବା ନିର୍ଗମନ ହ୍ରାସ କରିବା ଅତ୍ୟନ୍ତ ଜରୁରୀ। ବିଦ୍ୟୁତଚାଳିତ ଭାରୀ ଟ୍ରକ୍‌ଗୁଡ଼ିକ ବାଣିଜ୍ୟିକ ପରିବହନ ପାଇଁ ଆବଶ୍ୟକ କାର୍ଯ୍ୟଦକ୍ଷତା, ନିର୍ଭରଯୋଗ୍ୟତା ଓ ଅର୍ଥନୈତିକ ଦକ୍ଷତା ପ୍ରଦାନ କରିବାର କ୍ଷମତା ଧୀରେଧୀରେ ପ୍ରମାଣ କରୁଛନ୍ତି। ଏହି ନିୟୋଜନ ଦର୍ଶାଉଛି ଯେ କିପରି ପରିବେଶ ଅନୁକୂଳ ଯାତାୟାତ ସମାଧାନ ଶିଳ୍ପଗୁଡ଼ିକୁ ପରିବହନଜନିତ ନିର୍ଗମନ କମାଇବା ସହ ସେମାନଙ୍କ ବ୍ୟାପକ ସ୍ଥାୟୀତ୍ୱ ଲକ୍ଷ୍ୟ ହାସଲରେ ସହାୟତା କରିପାରିବ।' ଭାରତର ପ୍ରମୁଖ ପରିବେଶ ଅନୁକୂଳ ଟ୍ରକ୍ ବ୍ରାଣ୍ଡ ଭାବେ ବ୍ଲୁ ଏନର୍ଜି ମୋଟର୍ସ ବିଦ୍ୟୁତଚାଳିତ ଏବଂ ତରଳ ପ୍ରାକୃତିକ ବାଷ୍ପଚାଳିତ ଭାରୀ ଟ୍ରକ୍‌ର ବିସ୍ତୃତ ପରିସର ମାଧ୍ୟମରେ ସ୍ଥାୟୀ ମାଲ ପରିବହନ ବ୍ୟବସ୍ଥା ଦିଗରେ ପରିବର୍ତ୍ତନକୁ ଆଗେଇ ନେଉଛି। ଭାରତର ପ୍ରମୁଖ ମାଲ ପରିବହନ ପଥଗୁଡ଼ିକରେ କମ୍ପାନିର ୧,୪୦୦ରୁ ଅଧିକ ପରିବେଶ ଅନୁକୂଳ ଭାରୀ ଟ୍ରକ୍ ଚାଲୁଛି। ଏଗୁଡ଼ିକ ମିଳିତ ଭାବେ ୧୨.୨ କୋଟିରୁ ଅଧିକ ପରିବେଶ ଅନୁକୂଳ କିଲୋମିଟର ଯାତ୍ରା କରିଥିବା ବେଳେ ୩୩,୦୦୦ ଟନ୍‌ରୁ ଅଧିକ କାର୍ବନ ଡାଇଅକ୍ସାଇଡ୍ ନିର୍ଗମନ ହ୍ରାସରେ ସହାୟତା କରିଛନ୍ତି। ଏହି ପରିମାଣ ପ୍ରାୟ ୧୩ ଲକ୍ଷ ଗଛ ଦ୍ୱାରା ଶୋଷିତ କାର୍ବନ ସହ ସମାନ। ଭାରତର ଶିଳ୍ପ କ୍ଷେତ୍ରଗୁଡ଼ିକ କମ୍ କାର୍ବନ ନିର୍ଗମନ ଥିବା କାର୍ଯ୍ୟପ୍ରଣାଳୀ ଦିଗରେ ଆଗକୁ ବଢ଼ୁଥିବା ବେଳେ, ଏଭଳି ପଦକ୍ଷେପ ଲଜିଷ୍ଟିକ୍ସଜନିତ ନିର୍ଗମନ ହ୍ରାସ ଏବଂ ଅଧିକ ସ୍ଥାୟୀ ଯୋଗାଣ ଶୃଙ୍ଖଳ ଗଠନରେ ବିଦ୍ୟୁତଚାଳିତ ଭାରୀ ମାଲ ପରିବହନର ବଢ଼ୁଥିବା ଭୂମିକାକୁ ପ୍ରଦର୍ଶିତ କରୁଛି। ପରୋକ୍ଷ ନିର୍ଗମନ ହ୍ରାସ ଉପରେ ବଢ଼ୁଥିବା ଗୁରୁତ୍ୱ ମଧ୍ୟରେ, ବିଦ୍ୟୁତଚାଳିତ ମାଲ ପରିବହନ ବ୍ୟବସ୍ଥା ଭବିଷ୍ୟତ ପାଇଁ ଅଧିକ ପରିବେଶ ଅନୁକୂଳ, ସୁଦୃଢ଼ ଓ ପ୍ରସ୍ତୁତ ଯୋଗାଣ ଶୃଙ୍ଖଳ ଗଠନରେ ବ୍ୟବସାୟିକ ସଂସ୍ଥାଗୁଡ଼ିକୁ ଅଧିକ ସହାୟତା କରିବ ବୋଲି ଆଶା କରାଯାଉଛି।

# ପଦ୍ମଶ୍ରୀ ଚଳଚ୍ଚିତ୍ର ନିର୍ମାତା ଡ. ନୀଳମାଧବ ପଣ୍ଡା କେନ୍ଦ୍ରୀୟ ଫିଲ୍ମ ପ୍ରମାଣୀକରଣ ବୋର୍ଡ (ସିବିଏଫସି)ର ସଦସ୍ୟ ନିଯୁକ୍ତ

**ଭୁବନେଶ୍ୱର, ୧୮।୯ (ନି.ପ୍ର) :** ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ଚଳଚ୍ଚିତ୍ର ନିର୍ମାତା, ପ୍ରସିଦ୍ଧ ଓଡ଼ିଆ ବ୍ୟକ୍ତିତ୍ୱ ଓ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ଡ. ନୀଳମାଧବ ପଣ୍ଡା ଭାରତ ସରକାରଙ୍କ ନୂତନ ଭାବରେ ପୁନର୍ଗଠିତ କେନ୍ଦ୍ରୀୟ ଫିଲ୍ମ ପ୍ରମାଣୀକରଣ ବୋର୍ଡ (ସିବିଏଫସି)ର ସଦସ୍ୟ ଭାବରେ ନିଯୁକ୍ତ ହୋଇଛନ୍ତି। ସରକାର ସିବିଏଫସିକୁ ୧୮ ଜଣ ସଦସ୍ୟଙ୍କ ସହିତ ତିନି ବର୍ଷ ଅବଧି ପାଇଁ କିମ୍ବା ପରବର୍ତୀ ଆଦେଶ ପର୍ଯ୍ୟନ୍ତ ପୁନର୍ଗଠିତ କରିଛନ୍ତି। ଡ. ପଣ୍ଡାଙ୍କ ନିଯୁକ୍ତି ଭାରତୀୟ ସିନେମାରେ ଓଡ଼ିଶାର ଅବଦାନ ଓ ଜାତୀୟ ତଥା ଅନ୍ତର୍ଜାତୀୟ ସିନେମା ଜଗତରେ ଏହାର ବୃଦ୍ଧି ପାଉଥିବା ଉପସ୍ଥିତିର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱୀକୃତିକୁ ଦର୍ଶାଉଛି । ଡ. ନୀଳମାଧବ ପଣ୍ଡା ଭାରତୀୟ ସିନେମା ଓ ବ୍ୟାପକ ସୃଜନଶୀଳ କ୍ଷେତ୍ରର ଅନେକ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ସହିତ ବୋର୍ଡରେ ସେବା କରିବେ, ଯେଉଁଥିରେ ପ୍ରସେନଜିତ ଚାଟାର୍ଜୀ, ପଙ୍କଜ ତ୍ରିପାଠୀ, ପ୍ରୀତି ଜିଂଟା , ପଲ୍ଲବୀ ଯୋଶୀ, ରିକି କେଜ୍, ସୁନୀଲ ଶେଟ୍ଟୀ ଓ ଚଳଚ୍ଚିତ୍ର ନିର୍ମାତା ପ୍ରିୟଦର୍ଶନ ପ୍ରମୁଖ ଅନ୍ତର୍ଭୁକ୍ତ। କୃତଜ୍ଞତା ପ୍ରକାଶକରି ଡ. ନୀଳମାଧବ ପଣ୍ଡା କହିଛନ୍ତି ଯେ, 'ମୁଁ ଏହି ଦାୟିତ୍ୱ ଦ୍ୱାରା ଗଭୀରଭାବରେ ସମ୍ମାନିତ ଓ କେନ୍ଦ୍ରୀୟ ଫିଲ୍ମ ପ୍ରମାଣୀକରଣ ବୋର୍ଡରେ ସେବା କରିବାର ସୁଯୋଗ ପାଇଁ ଭାରତ



ସରକାରଙ୍କ ନିକଟରେ କୃତଜ୍ଞ। ସିନେମା ହେଉଛି ଏକ ଶକ୍ତିଶାଳୀ ମାଧ୍ୟମ ଯାହା ସମାଜକୁ ପ୍ରତିଫଳିତ, ଆମର ବିବିଧ ତାକୁ ପାଳନ ଓ ଅର୍ଥପୂର୍ଣ୍ଣ ଆଲୋଚନା ସୃଷ୍ଟି କରିଥାଏ। ମୁଁ ବୋର୍ଡରେ ଗଠନମୂଳକ ଯୋଗଦାନ ଦେବାକୁ ଓ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପାଇଁ କାହାଣୀ କହିବା, ଚଳଚ୍ଚିତ୍ର ନିର୍ମାଣ ଓ ବିବିଧ ଦର୍ଶକଙ୍କ ସହିତ କାମ କରିବାର ଅଭିଜ୍ଞତା ଆଣିବାକୁ ଅପେକ୍ଷା କରିଛି।'ଡ. ନୀଳମାଧବ ପଣ୍ଡା ଚଳଚ୍ଚିତ୍ର ଓ ପ୍ରାମାଣିକ ଚଳଚ୍ଚିତ୍ର ମାଧ୍ୟମରେ ଏକ ବିଶିଷ୍ଟ କ୍ୟାରିୟର ଗଠନ କରିଛନ୍ତି ଯାହା କାହାଣୀ କହିବା ସହିତ ସାମାଜିକ ଓ ପରିବେଶଗତ ବିଷୟ ବସ୍ତୁକୁ ମିଶ୍ରଣଙ୍କ କରିଥାଏ। ତାଙ୍କର ନିର୍ଦ୍ଦେଶିତ କାର୍ଯ୍ୟ ଗୁଡ଼ିକ ମଧ୍ୟରେ ଆଇ ଆମ୍ କଲାମ୍, ଜ ଲ ପ ର 1 , ବବଲୁ ହ୍ୟାପି ହେ, କୌନ୍ କିତନେ ପାନୀମେଁ, କଡ଼ବୀହୱା ଓ ହଲକା ଅନ୍ତର୍ଭୁକ୍ତ। ତାଙ୍କ କାର୍ଯ୍ୟ ବୃତଚିତ୍ର, କ୍ଷୁଦ୍ର ଚଳଚ୍ଚିତ୍ର ଓ ଡିଜିଟାଲ୍ ଷ୍ଟୋରିଟେଲିଂ ପର୍ଯ୍ୟନ୍ତ ମଧ୍ୟ ବିସ୍ତାରିତ ହୋଇଛି। ଆଇ ଆମ୍ କଲାମ୍‌ତାଙ୍କୁ ଅନ୍ତର୍ଜାତୀୟ ସ୍ୱୀକୃତି ଆଣିଦେଇଥିଲା ଏବଂ ଅନେକ ପୁରସ୍କାର ଜିତାଇଥିଲା ଏବଂ ଜଲପରୀ ଓ ତାଙ୍କ ଅନ୍ୟାନ୍ୟ ଫିଲ୍ମଗୁଡ଼ିକ ଲିଙ୍ଗଗତ ଭେଦଭାବ, ଜଳାଭାବ, ଗରିବୀ, ଶିକ୍ଷା ଓ ଜଳବାୟୁ ପରିବର୍ତ୍ତନ ସହିତ ଜଡ଼ିତ ସମସ୍ୟା ଗୁଡ଼ିକୁ ସମ୍ବୋଧିତ କରିଛି। ତାଙ୍କର ଫିଲ୍ମୋଗ୍ରାଫିରେ ଓଡ଼ିଆ ଫିଲ୍ମ କାଲିର ଅତୀତ ଓ ୱେବ୍‌ସିରିଜ୍ ଦି ଜେଙ୍ଗାବୁରୁକର୍ସ ମଧ୍ୟ ଅନ୍ତର୍ଭୁକ୍ତ। ଡ. ପଣ୍ଡା ଓଡ଼ିଶାର ସାମାଜିକ ଓ ପରିବେଶଗତ ବାସ୍ତବତାକୁ ବ୍ୟାପକ ଦର୍ଶକଙ୍କ ନିକଟରେ ପହଞ୍ଚାଇ ଓଡ଼ିଆ ସିନେମା ପାଇଁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି। ତାଙ୍କ ଦ୍ୱାରା ପ୍ରଯୋଜିତ ଓ ନିର୍ଦ୍ଦେଶିତ ଓଡ଼ିଆ ଫିଲ୍ମ କାଲିର ଅତୀତ ଓଡ଼ିଶାର ଉପକୂଳ ବର୍ତୀ ସମ୍ପ୍ରଦାୟ ଉପରେ ଜଳବାୟୁ ପରିବର୍ତ୍ତନ ଓ ଅତ୍ୟଧିକ ପରିବେଶଗତ ପରିସ୍ଥିତିର ବିନାଶକାରୀ ପ୍ରଭାବକୁ ଅନୁସନ୍ଧାନ କରୁଛି। ଏହି ଫିଲ୍ମଶ୍ରେଷ୍ଠ ଓଡ଼ିଆ ଫିଚର ଫିଲ୍ମ ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଗ୍ରହଣ କରିଥିଲା ଯାହା ଓଡ଼ିଶାର ସିନେମା ଗାଥାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଯୋଡ଼ିଥିଲା।



## ବିଶ୍ୱକର୍ମା ପୂଜାରେ ଆରକ୍ଷୀ ଅଧିକ୍ଷକଙ୍କ କଡ଼ା ପଦକ୍ଷେପ

**ପାରାଦ୍ୱୀପ, ୧୮।୯ (ନି.ପ୍ର):** ପାରାଦ୍ୱୀପ ପ୍ରସିଦ୍ଧ ବିଶ୍ୱକର୍ମା ପୂଜାରେ ଶାନ୍ତି ଶୃଙ୍ଖଳା ତଥା ଶ୍ରଦ୍ଧାଳୁ ମାନଙ୍କୁ ସୁରକ୍ଷା ଦିଗରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ନେଇଥିବା ଦୃଢ଼ ପଦକ୍ଷେପ କୁ ବିଭିନ୍ନ ମହଲ ରେ ସ୍ୱାଗତ କରାଯାଇଛି। ସାତଦିନ ଧରି ଚାଲିବାକୁ ଥିବା ଉକ୍ତ ପୂଜାର ପ୍ରଥମ ଦିନ ଶ୍ରୀ ବର୍ମା, ପାରାଦ୍ୱୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଜିଙ୍କ୍ୟ ବାବୁରାଓ ମାଣେ ଙ୍କ ସମେତ ଥାନା ଅଧିକାରୀ ଓ କର୍ମଚାରୀ ଥାନା ଛକରୁ ଚାଲି ଚାଲି ସମସ୍ତ ପୂଜା ମଣ୍ଡପ ଅନୁଧ୍ୟାନ କରିଥିଲେ। ଗୁରୁତ୍ୱପୂର୍ଣ୍ଣ ଆଉ ସମ୍ବେଦନ ପୂର୍ଣ୍ଣ ସ୍ଥାନ ମାନଙ୍କରେ ସାଧା ପୋଷାକ ଧାରୀ ପୁଲିସ ନିୟୋଜିତ ଥିଲବେଳେ ସମଗ୍ର ଅଞ୍ଚଳ କୁ ପୁଲିସ ଛାଉଣୀ କରାଯାଇଛି । ହୋଟେଲ ଲଜିଙ୍ଗ ମାନଙ୍କ ଉପରେ କଡ଼ା ନଜର ରଖିଥିଲାବେଳେ ପକେଟମାର, ଛିନ୍ତେଇ, ଚୋର ମାନଙ୍କ ପ୍ରତି ଜନସାଧାରଣ ସଚେତନ ରହିବାକୁ ପୁଲିସ ପ୍ରଶାସନ ସଚେତନ କରାଇଛନ୍ତି। ବନ୍ଦର ସହର ଭିତରକୁ ପ୍ରବେଶ ଓ ପ୍ରସ୍ଥାନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ଥିଲାବେଳେ ସମ୍ପୂର୍ଣ୍ଣ ଅଞ୍ଚଳକୁ ସି ସି କ୍ୟାମେରା ରେ ଛାଉଣୀ କରାଯାଇଛି। ଯଦି କେହି ଅସୁବିଧା ର ସମ୍ମୁଖୀନ ହୁଅନ୍ତି ତେବେ ପୌରପାଳିକା ପକ୍ଷରୁ ଅସ୍ଥାୟୀ ସୂଚନା କେନ୍ଦ୍ର ରେ ଯୋଗାଯୋଗ କରିବାକୁ ପୌରପାଳିକା ପକ୍ଷରୁ ନିବେଦନ କରାଯାଇ ଥିଲାବେଳେ ପଲିଥିନ ଆଉ ପ୍ଲାଷ୍ଟିକ ବରଣ କୁ ନେଇ କଡ଼ା ପଦକ୍ଷେପ ମାନ ଗ୍ରହଣ କରିଛି ପୌରପାଳିକା । ଏପରିକି ବାସୀ ଖାଦ୍ୟ, ଜୁଆ ଖେଳ, ଚୋରା ମଦ ବେପାରୀ ଙ୍କ ପ୍ରତି ପୁଲିସ କଡ଼ା ନଜର ରଖିଥିଲାବେଳେ ଅସାମାଜିକ ମାନଙ୍କ ପ୍ରତି ନେଇଥିବା ପଦକ୍ଷେପ କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି ।



## ଝିରମଘାଟି ଗଣହତ୍ୟାରେ ୧୩ ବର୍ଷ ପରେ ଆସିଲା ରାୟ

# ୧୦ ଦୋଷୀ ନକ୍ସଲଙ୍କୁ ମୃତ୍ୟୁଦଣ୍ଡାଦେଶ

**ମାଲକାନଗିରି, ୧୮/୯(ମନ୍ଥନ):** ଦୀର୍ଘ ୧୩ ବର୍ଷର ଆଇନଗତ ଲଢ଼େଇ ପରେ ବହୁଚର୍ଚ୍ଚିତ ଝିରମଘାଟି ନକ୍ସଲ ଆକ୍ରମଣ ମାମଲାରେ ଆସିଛି ଚୂଡ଼ାନ୍ତ ରାୟ। ଛତିଶଗଡ଼ର ଜଗଦଲପୁର ସ୍ଥିତ ସ୍ୱତନ୍ତ୍ର ଏନ୍ଆଇଏ ଅଦାଲତ ୨୦୧୩ ମସିହାର ଏହି ଭୟାବହ ଆକ୍ରମଣ ମାମଲାରେ ଦୋଷୀ ସାବ୍ୟସ୍ତ ୧୦ ଜଣଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି। ସ୍ୱତନ୍ତ୍ର ବିଚାରପତି ଅଜୟ ସିଂହ ରାଜପୁତ ଏହି ଦଣ୍ଡାଦେଶ ଘୋଷଣା କରିଛନ୍ତି। ୨୦୧୩ ମେ' ୨୫। ଛତିଶଗଡ଼ର ବସ୍ତର ଅଞ୍ଚଳରେ କଂଗ୍ରେସର 'ପରିବର୍ତ୍ତନ ଯାତ୍ରା'ରୁ ଫେରୁଥିବା ନେତାଙ୍କ କାରକେଡ୍‌କୁ ଝିରମଘାଟି ଅଞ୍ଚଳରେ ନକ୍ସଲମାନେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ବରିଷ୍ଠ କଂଗ୍ରେସ ନେତାଙ୍କ ସମେତ ଅନେକ ଲୋକ ପ୍ରାଣ ହରାଇଥିଲେ। ବିଭିନ୍ନ ରିପୋର୍ଟରେ ମୃତକଙ୍କ ସଂଖ୍ୟା ୨୭ରୁ ୨୯ ମଧ୍ୟରେ ଉଲ୍ଲେଖ ହୋଇଛି। ଏହି ଆକ୍ରମଣରେ ତତ୍କାଳୀନ କଂଗ୍ରେସ ରାଜ୍ୟ ସଭାପତି ନନ୍ଦକୁମାର ପଟେଲ, ତାଙ୍କ ପୁଅ ଦିନେଶ ପଟେଲ, ବରିଷ୍ଠ ନେତା ମହେନ୍ଦ୍ର କର୍ମା ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଦ୍ୟାଚରଣ ଶୁକ୍ଳଙ୍କ ସମେତ ଅନେକ ନେତା ନିହତ ହୋଇଥିଲେ। ଦୀର୍ଘ ତଦନ୍ତ ଓ ଶୁଣାଣି ପରେ ଚଳିତ ବର୍ଷ ସେପ୍ଟେମ୍ବର ୫ରେ ଅଦାଲତ ୧୦ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ସେତେବେଳେ ଦଣ୍ଡର ପରିମାଣ ଘୋଷଣା ନକରି ସେପଟ୍ଟେମ୍ବର ୧୬ ପାଇଁ ରାୟ ସଂରକ୍ଷିତ ରଖାଯାଇଥିଲା। ଶେଷରେ ୧୬ ସେପଟ୍ଟେମ୍ବରରେ ସମସ୍ତ ୧୦ ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଶୁଣାଯାଇଛି। ମୃତ୍ୟୁଦଣ୍ଡ ପାଇଥିବା ଦୋଷୀମାନଙ୍କ ମଧ୍ୟରେ ପ୍ରମିଳା ମୋଡ଼ିୟମ, ଚୈତୁ ଲେକାମ ଓରଫ ମୁନା, ସୁମିତ୍ରା ପୁନେମ, ମୁକା ମାଣ୍ଡବି, କୋସା କାବାସୀ, ଆୟତା ମାଡକମ, ମାଜରାମୀ ଦେବା, ଜଗା ମାଡକାମୀ, ବଞ୍ଜାମୀ ସନା ଓରଫ ଚାମରୁ ଏବଂ ମହାଦେବ ନାଗ ରହିଛନ୍ତି। ତେବେ ଏହି ରାୟ ବିରୋଧରେ ଉଚ୍ଚ ଅଦାଲତରେ ଆବେଦନର ଆଇନଗତ ସୁଯୋଗ ରହିଛି। ତେଣୁ ଟ୍ରାଏଲ୍ କୋର୍ଟର ମୃତ୍ୟୁଦଣ୍ଡ ପରେ ମାମଲାର ଆଇନଗତ ପ୍ରକ୍ରିୟା ଆଗକୁ ମଧ୍ୟ ଜାରି ରହିବ।



## କଳ୍ପତରୁ ସାଂସ୍କୃତିକ ପରିଷଦ ପକ୍ଷରୁ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ

**ବଳଙ୍ଗା, ୧୮।୯ (ନି.ପ୍ର):** ବଳଙ୍ଗା ଥାନା ଅନ୍ତର୍ଗତ ଭାଣପୁର ଗ୍ରାମର କଳ୍ପତରୁ ସାଂସ୍କୃତିକ ପରିଷଦ ପକ୍ଷରୁ ଗଣେଶ ପୂଜା ମହୋତ୍ସବ - ୨୦୨୬ ଅବସରରେବଳଘର ଛକ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବୁଧବାର ସନ୍ଧ୍ୟାରେ ଶିକ୍ଷକ ସମ୍ବର୍ଦ୍ଧନା ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଣପୁର ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ,ବିଦ୍ୟାଳୟ ସହ ଜଡିତ ବରିଷ୍ଠ ଶିକ୍ଷକଙ୍କ ସହିତ ଭାଣପୁର ଗ୍ରାମର କିଛି ଶିକ୍ଷକ ଓ ଶିକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିବା ୨୮ଜଣ ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନ ତରଫରୁ 'ଗୁରୁ ଗୌରବ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଯୁବକ ସଂଘର ସଭାପତି ଅଜିତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ନିମାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ଅବସର ପ୍ରାପ୍ତ ପ୍ରାଧାପକ ଜଗତ ପ୍ରସାଦ ସାବୁତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବକ ସଂଘର ଏଭଳି ମହାନ କାର୍ଯ୍ୟ ପାଇଁ ଭୂୟସୀ ପ୍ରଶଂସା କରିବା ସହ ଶିକ୍ଷା କ୍ଷେତ୍ରରେ ଶିକ୍ଷକ ମାନଙ୍କ ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ପରେ ଅତିଥି ମାନଙ୍କ ଦ୍ୱାରା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କୁ ଉତ୍ତରୀୟ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମର ଯୁବ ଶିକ୍ଷକ ସଂଗ୍ରାମ କେଶରୀ ପରିଡ଼ା ଓ ପ୍ରଶାନ୍ତ ପଣ୍ଡା ମଞ୍ଚ ପରିଚାଳନା କରିଥିଲା ବେଳେ ସମ୍ପାଦକ ବଳରାମ ପରିଡ଼ା, ବରିଷ୍ଠ ସଭ୍ୟ ରଞ୍ଜନ ପରିଡ଼ା, ଅତିଶ ନାୟକ, ସତ୍ୟବ୍ରତ ଦାଶ,ସତ୍ୟନାରାୟଣ ଭଟ୍ଟାଚାର୍ଯ୍ୟ, ରଞ୍ଜିତ ବାରିକ, ନିହାଲ ମହାନ୍ତି, ସତ୍ୟଜିତ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାରମ୍ଭରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଗ୍ରାମ ତଥା ଅଞ୍ଚଳବାସୀ ଓ କ୍ଲବ ର ସଦସ୍ୟଙ୍କ ଦ୍ୱାରା ବାଜା ବାଣ ଫୁଟାଇ ଗ୍ରାମ ପରିକ୍ରମା କରାଇବା ପରେ କଳଘର ସ୍ଥିତ ଗଣେଶ ମଣ୍ଡପ ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା।



## ଲଳିତାସପ୍ତମୀରେ ମା' ଦୁର୍ଗାଙ୍କ ମାଟି ଅନୁକୂଳ

# ଶିଖରପୁର, ଗଣ୍ଡରପୁର ଓ ମହାନଦୀବିହାର ପୂଜା କମିଟିର ପ୍ରସ୍ତୁତି ଶୁଭାରମ୍ଭ



**କଟକ, ୧୮।୯ (ନି.ପ୍ର) :** ଶିଖରପୁର, ଗଣ୍ଡରପୁର ଓ ମହାନଦୀବିହାର ପୂଜା କମିଟି ପକ୍ଷରୁ ଚଳିତବର୍ଷ ଶାରଦୀୟ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଶୁଭାରମ୍ଭ ହୋଇଯାଇଛି। ପବିତ୍ର ଲଳିତାସପ୍ତମୀ ଅବସରରେ ଶିଖରପୁର ଗୁରୁକ୍ଷେତ୍ର ନିକଟସ୍ଥ ମହାନଦୀ କୂଳରେ ମା' ଦୁର୍ଗାଙ୍କ ମୂର୍ତ୍ତି ଗଠନ ନିମନ୍ତେ ପାରମ୍ପରିକ ରୀତିନୀତି ଅନୁଯାୟୀ ମାଟି ଅନୁକୂଳ କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ କୀର୍ତ୍ତନମଣ୍ଡଳୀ, ଘଂଟ, ତେଲିଙ୍ଗିବାଦ୍ୟ ଓ ହରିନାମ ସଂକୀର୍ତ୍ତନର ତାଳେତାଳେ ଏକ ଶୋଭାଯାତ୍ରାରେ ପୂଜା କମିଟିର କର୍ମକର୍ତ୍ତା ଓ ସଦସ୍ୟମାନେ ମହାନଦୀ କୂଳରେ ପହଂଚିଥିଲେ। ସେଠାରେ ପୂଜକ ସର୍ବେଶ୍ୱର ଆଚାର୍ଯ୍ୟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରାଯାଇ ମାଟି ଅନୁକୂଳ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏଥିରେ କର୍ତ୍ତା ଭାବେ ସରୋଜ ପ୍ରସାଦ ସ୍ୱାଇଁ ଏବଂ ସହଯୋଗୀ କର୍ତ୍ତା ଭାବେ ଦିଲ୍ଲୀପ ଦଳାଇ, ହରି ପ୍ରସାଦ ସାହୁ ପ୍ରମୁଖ ପୂଜା କାର୍ଯ୍ୟ ନିର୍ବାହ କରିଥିଲେ।ଏହି କାର୍ଯ୍ୟକ୍ରମରେ ପୂଜା କମିଟିର ସଭାପତି ଜୟନ୍ତ କୁମାର ପ୍ରଧାନ, ସମ୍ପାଦକ ବିଷ୍ଣୁ ଚରଣ ନାୟକ, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀଧର ମହାନ୍ତି, କୋଷାଧ୍ୟକ୍ଷ ନଗେଶ ଚନ୍ଦ୍ର ସ୍ୱାଇଁ, ଉପଦେଷ୍ଟା ଲୋକନାଥ ବେହେରା, ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ନିର୍ମଳ କୁମାର ମହାନ୍ତି, ବେଣୁଧର ଗୋଚ୍ଛାୟତ, ଜୀବନ କୁମାର ମହାନ୍ତି, କର୍ମକର୍ତ୍ତା ମୃତ୍ୟୁଞ୍ଜୟ କର, ସଞ୍ଜୟ ଜେନା, ହିମାଂଶୁ ଷଡ଼ଙ୍ଗୀ, ଗଣେଶ ଚନ୍ଦ୍ର ରାଉତ, ବିଶ୍ୱଜିତ ସ୍ୱାଇଁ, ଶିବ ପ୍ରସାଦ ଗୋଛି, ସନ୍ତୋଷ ବେଉରା, ଚନ୍ଦ୍ରମଣି ଗୋଚ୍ଛାୟତ, ହାଡ଼ିବନ୍ଧୁ ମହାନ୍ତି, ଭାରତ ଭୂଷଣ ସ୍ୱାଇଁଙ୍କ ସମେତ ମା' ଦୁର୍ଗା ଯୁବକ ସଂଘର ସଭାପତି ପ୍ରତାପ ଚନ୍ଦ୍ର ପରିଡ଼ା, ସୌମେନ୍ଦ୍ର ମହାନ୍ତି, ସୌମେନ୍ଦ୍ର ପ୍ରଧାନ, କରୁଣାକର ପ୍ରଧାନ, ଶୁକଦେବ ମହାନ୍ତି, ନିକୁଞ୍ଜ ରଥ, କର୍ପୋରେଟର ଇଂ. ସୁବ୍ରତ ଘଡ଼ାଇ, ପ୍ରଳୟା ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

## କଟକ ମାରୱାଡ଼ି ସମାଜର ଭବ୍ୟ ଶପଥ ଗ୍ରହଣ ସମାରୋହ

**କଟକ, ୧୮।୯ (ନି.ପ୍ର):** କଟକ ମାରୱାଡ଼ି ସମାଜର ନବନିର୍ବାଚିତ କାର୍ଯ୍ୟକାରିଣୀର ଭବ୍ୟ ଶପଥ ଗ୍ରହଣ ସମାରୋହ ଆସନ୍ତା ରବିବାର, ୨୦ ସେପ୍ଟେମ୍ବର ୨୦୨୬, ପୂର୍ବାହ୍ନ ୧୦.୩୦ ମିନିଟ୍‌ରେ ଶହୀଦ ଭବନ, କଟକ ଠାରେ ଅନୁଷ୍ଠିତ ହେବ। ଏହି ଅବସରରେ ନବନିର୍ବାଚିତ ଅଧ୍ୟକ୍ଷ ଶ୍ରୀ ସଞ୍ଜୟ କୁମାର ଶର୍ମା ଏବଂ ଚେୟାରମ୍ୟାନ୍ ଶ୍ରୀ ଗଣେଶ ପ୍ରସାଦ କନ୍ଦୋଇଙ୍କ ସମେତ ସଂରକ୍ଷକ ସଦସ୍ୟ, ମହାସଚିବ, ସଂଗଠନ ସଚିବ, କାର୍ଯ୍ୟକାରୀ ସଚିବ, କୋଷାଧ୍ୟକ୍ଷ, ଉପାଧ୍ୟକ୍ଷ, ସହ-ସଚିବ, କାର୍ଯ୍ୟକାରୀ ସଦସ୍ୟ ଓ ପରାମର୍ଶଦାତାମାନେ ଶପଥ ଗ୍ରହଣ କରିବେ ଏବଂ ୨୦୨୬-୨୦୨୮ କାର୍ଯ୍ୟକାଳର ଦାୟିତ୍ୱ ଗ୍ରହଣ କରିବେ। କଟକରେ ପ୍ରାୟ ୫୦,୦୦୦ ମାରୱାଡ଼ି ସମାଜବନ୍ଧୁ ବସବାସ କରୁଥିବାବେଳେ, ସମାଜର ସମସ୍ତ ବର୍ଗ, ସଂସ୍ଥା, ସଂଗଠନ ଓ କଟକର ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ସମସ୍ତ ମାରୱାଡ଼ି ପରିବାରକୁ ଏକାଠି କରି "ସବୁ ଯୋଡ଼ିବା, ସାଥୀ ହୋଇ ଆଗକୁ ବଢ଼ିବା" ଲକ୍ଷ୍ୟରେ ସମାଜକୁ ଆହୁରି ସଶକ୍ତ କରାଯିବ। ଶ୍ରୀ ସଞ୍ଜୟ କୁମାର ଶର୍ମା କ୍ରମାଗତ ଦ୍ୱିତୀୟ ଥର ପାଇଁ କଟକ ମାରୱାଡ଼ି ସମାଜର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରଥମ ଥର ସେ ଅଗଷ୍ଟ ୨୦୨୪ରେ ଅଧ୍ୟକ୍ଷ ନିର୍ବାଚନରେ ବିଜୟୀ ହୋଇଥିଲେ। ଏକ ନୂତନ ଦଳ ଗଠନ କରି ସମସ୍ତଙ୍କୁ ସାଥୀ କରି ଗତ ଦୁଇ ବର୍ଷର କାର୍ଯ୍ୟକାଳରେ ସେ ଜନସେବାକୁ ନୂତନ ଦିଗ ଦେଇଥିଲେ। ତାଙ୍କ ନେତୃତ୍ୱରେ ଆବଶ୍ୟକତାରେ ଥିବା ସମାଜବନ୍ଧୁଙ୍କୁ ସହାୟତା, ମହିଳା ସଶକ୍ତିକରଣ, କୌଶଳ ବିକାଶ, ବେରୋଜଗାରଙ୍କୁ ଜୀବିକାର ସୁଯୋଗ, ମେଧାବୀ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପାଇଁ ଛାତ୍ରବୃତ୍ତି, ଦୁର୍ବଳ ଓ ଆବଶ୍ୟକତାମନ୍ଦ ରୋଗୀଙ୍କୁ ଚିକିତ୍ସା ସହାୟତା ଆଦି ବିଭିନ୍ନ ସେବାମୂଳକ କାର୍ଯ୍ୟ କରାଯାଇଛି। ସମାଜବନ୍ଧୁମାନଙ୍କ ମଧ୍ୟରେ ଥିବା ମତଭେଦର ସମାଧାନ, ଦୁଃଖ ଓ କଷ୍ଟ ସମୟରେ ପରିବାରଗୁଡ଼ିକର ପାଖରେ ଠିଆ ହେବା, କ୍ରୀଡ଼ାକୁ ପ୍ରୋତ୍ସାହନ, ଧାର୍ମିକ ଓ ସାଂସ୍କୃତିକ ଉତ୍ସବର ଆୟୋଜନ ସହିତ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ସମୟରେ ପୁରୀରେ ନିଃଶୁଳ୍କ ଖାଦ୍ୟ ବଣ୍ଟନ ଶିବିର ଭଳି ସେବା କାର୍ଯ୍ୟ ମଧ୍ୟ କରାଯାଇଛି। ଏହି ଦୁଇ ବର୍ଷରେ ଶ୍ରୀ ସଞ୍ଜୟ କୁମାର ଶର୍ମା ଜଣେ କର୍ମଠ, ବ୍ୟବହାରିକ, ସକାରାତ୍ମକ ଓ ଦାୟିତ୍ୱବାନ ନେତୃତ୍ୱ ଭାବେ ସମାଜବନ୍ଧୁମାନଙ୍କର ବିଶ୍ୱାସ ହାସଲ କରିଛନ୍ତି। ତାଙ୍କ କାର୍ଯ୍ୟଧାରା ପ୍ରତି ସମାଜବନ୍ଧୁଙ୍କ ସମର୍ଥନ ଓ ଆସ୍ଥା ତାଙ୍କୁ ୨୦୨୬ର ନିର୍ବାଚନରେ ପୁନର୍ବାର ବିଜୟୀ କରାଇଛି। ଆଗାମୀ ଦୁଇ ବର୍ଷର କାର୍ଯ୍ୟଯୋଜନା ସମ୍ପର୍କରେ ଶ୍ରୀ ସଞ୍ଜୟ କୁମାର ଶର୍ମା କହିଛନ୍ତି ଯେ ସମାଜର ସମସ୍ତ ବର୍ଗକୁ ସାଥୀ କରି ଆହୁରି ବଡ଼ ସେବା କାର୍ଯ୍ୟ କରାଯିବ। ନୂତନ କାର୍ଯ୍ୟକାଳକୁ ନେଇ ସମାଜରେ ଏବଂ ଶ୍ରୀ ସଞ୍ଜୟ ଶର୍ମାଙ୍କ ଟିମ୍‌ରେ ଉତ୍ସାହର ମାହୋଲ ଦେଖିବାକୁ ମିଳୁଛି। ସମାଜସେବାର ଏହି ମହାଯାତ୍ରାରେ ସମାଜବନ୍ଧୁମାନେ କାନ୍ଧରେ କାନ୍ଧ ମିଳାଇ ଆଗକୁ ବଢ଼ିବା ପାଇଁ ପ୍ରସ୍ତୁତ ହୋଇଛନ୍ତି। କଟକର ପ୍ରାୟ ୫୦,୦୦୦ ମାରୱାଡ଼ି ସମାଜବନ୍ଧୁଙ୍କୁ ଏକତାର ସୂତ୍ରରେ ବାନ୍ଧି, ସମସ୍ତଙ୍କୁ ସାଥୀ କରି ଆଗକୁ ନେବାର ଦାୟିତ୍ୱ ଏବେ ସଞ୍ଜୟ ଶର୍ମାଙ୍କ ନେତୃତ୍ୱରେ ନୂତନ ଟିମ୍ ନେବ। ନୂତନ ଟିମ୍‌ର ସମସ୍ତ ସଦସ୍ୟଙ୍କ ନାମ ରବିବାର, ୨୦ ସେପ୍ଟେମ୍ବରେ ଶପଥ ଗ୍ରହଣ ସମାରୋହରେ ଘୋଷଣା କରାଯିବ। ଆଜିର ପ୍ରେସ ବୈଠକରେ ସଞ୍ଜୟ କୁମାର ଶର୍ମା, ଗଣେଶ ପ୍ରସାଦ କନ୍ଦୋଇ, ଦେବକୀନନ୍ଦନ ଯୋଶୀ, ନଥମଲ ଚନାନୀ, ଅବିନାଶ ଖେମକା, କମଲ ସିକରିଆ, ମନୋଜ ଦୁଗଡ଼, ସୁନୀଲ ଜାଲାନ, ବିଶ୍ୱନାଥ ଚୌଧୁରୀ, ପବନ ଚୌଧୁରୀ, ସୁରେଶ କମାନୀ, ରମନ ବଗଡ଼ିଆ, ଶାରଦ ସାଙ୍ଗାନେରିଆ, ସୁରେଶ ବଥୱାଲ, ନରେଶ ଗନେରିୱାଲ, ନରେନ୍ଦ୍ର ମୋଦୀ, ସତୀଶ ଗୋୟଙ୍କା, ବିନୋଦ ସରାୱଗୀ, ସୁରେଶ ପୋଦାର, ବିଜୟ ଅଗ୍ରୱାଲ (କାଳୀ ଗଳି), ସମେତ ବହୁ ସମାଜବନ୍ଧୁ ଉପସ୍ଥିତ ଥିଲେ।



# ନିଆରା ଢଙ୍ଗରେ ଜନ୍ମଦିନ ପାଳନ କଲେ ଆକାଶ

**ବ୍ୟାସନଗର, ୧୮/୦୯ (ନି.ପ୍ର) :** ଓଡିଆ ସିନେ ଜଗତର ଲୋକପ୍ରିୟ ଅଭିନେତା, କୋରେଇ ନିର୍ବାଚନ ମଣ୍ଡଳୀର ବିଧାୟକ ତଥା ଯାଜପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ, ଉତ୍ର ଚାରିଟେବୁଲ୍ ଟ୍ରଷ୍ଟର ଉପଦେଷ୍ଟା ଆକାଶ ଦାସନାୟକଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ ତାରିଖ । ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ମାନନୀୟ ନରେନ୍ଦ୍ର ମୋଦିଜୀଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ ତାରିଖ । ପ୍ରତିବର୍ଷ ଏହିଦିନ ଆକାଶ ଦାସନାୟକ ତାଙ୍କ ଜନ୍ମଦିନ ନିଆରା ଢଙ୍ଗରେ ପାଳନ କରିଆସୁଛନ୍ତି । ସେ ପ୍ରତିବର୍ଷ ତାଙ୍କ ଜନ୍ମଦିନ ଅନାଥ ଆଶ୍ରମର କୁନିକୁନି ପିଲା, ସେବାଶ୍ରମ, ମୁକବଧୀର ବିଦ୍ୟାଳୟ, ବୃଦ୍ଧାଶ୍ରମର ଅନ୍ତେବାସୀଙ୍କ ସହିତ ପାଳନ କରିଆସୁଛନ୍ତି । ଏହି ବର୍ଷ ଆକାଶ ଆଜି ସକାଳ ୯ ଘଟିକା ସମୟରେ ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଂଟନ କରିଥିଲେ । ସକାଳ ୯.୧୦ ମିନିଟ୍ ସମୟରେ ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ଗୋଶାଳାରେ ଗୋମାତାଙ୍କୁ ପୂଜାର୍ଚ୍ଚନା କରି ଖାଦ୍ୟ ଖୁଆଇଥିଲେ । ତା'ପରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଉପଲକ୍ଷେ ସେବା ସଂକଳ୍ପ ଅଭିଯାନରେ ଆଶୀର୍ବାଦ ଦୀପ ବ୍ୟାସସରୋବର ରାଘୁଜୀ ମନ୍ଦିରରେ ସମୂହ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ସକାଳ ୧୧ ଘଟିକା ଠାରୁ ୨ ଘଟିକା ପର୍ଯ୍ୟନ୍ତ ତାଙ୍କ ବ୍ୟାସନଗର ସ୍ଥିତ ବାସଭବନରେ ଦଳୀୟ କର୍ମୀ ଓ ଶୁଭେଚ୍ଛୁମାନେ ଜନ୍ମଦିନ ପାଳନ କରିଥିଲେ । ତା'ପରେ ପାଣିକୋଇଲି ଜାଗୁଳାଇ ମନ୍ଦିରରେ ଜନ୍ମଦିନ ପାଳନ କରିଥିଲେ । ସେଠାରେ ସମୂହ ଆଶୀର୍ବାଦ ଦୀପ ପ୍ରଜ୍ୱଳନ କରିଥିଲେ । ତା'ପରେ କୁଆଖିଆ ଠାରେ କର୍ମୀମାନେ ଓ ଶୁଭେଚ୍ଛୁମାନେ ଜନ୍ମଦିନ ପାଳନ କରିଥିଲେ । ତା'ପରେ ଏହି ବର୍ଷ ପ୍ରତିବର୍ଷ ପରି ଭୁବନେଶ୍ୱର ସ୍ଥିତ ପଳାସପଲ୍ଲୀ ମୁକବଧୀର ବିଦ୍ୟାଳୟର ପିଲାମାନଙ୍କ ଗହଣରେ ତାଙ୍କ ଜନ୍ମଦିନ ପାଳନ କରିଛନ୍ତି । ଆକାଶ ତାଙ୍କ ଜନ୍ମଦିନ ଉପଲକ୍ଷେ 'ଉତ୍ର' ଚାରିଟେବୁଲ୍ ଟ୍ରଷ୍ଟ ତରଫରୁ ମୁକବଧୀର ବିଦ୍ୟାଳୟର ପିଲାମାନଙ୍କ ପାଇଁ ଆଖି ପରୀକ୍ଷା ଶିବିର ଆୟୋଜନ କରିଥିଲେ । ପିଲାମାନଙ୍କର ଆଖି ପରୀକ୍ଷା କରାଯାଇ ଆବଶ୍ୟକୀୟ ଔଷଧ ବିନା ଦେୟରେ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କୁ 'ଗୁଡ୍ ଟଚ୍ ବ୍ୟାଡ୍ ଟଚ୍?' ବିଷୟରେ ଡାକ୍ତର ଗାର୍ଗୀ ସୁମନ ତ୍ରିପାଠୀ ସଚେତନ କରାଇଥିଲେ । ଜନ୍ମଦିନରେ ଏହି ମୁକବଧୀର ବିଦ୍ୟାଳୟର ପିଲାମାନଙ୍କ ମୁହଁରେ ଟିକେ ହସ ଫୁଟାଇବା ପାଇଁ ଆକାଶଙ୍କର ଏହା ଥିଲା ଏକ ନିଆରା ପ୍ରୟାସ । ମୁକବଧୀର ବିଦ୍ୟାଳୟର କର୍ମକର୍ତ୍ତା ଓ ପିଲାମାନେ ଆକାଶଙ୍କ ଜନ୍ମଦିନ ଉପଲକ୍ଷେ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ । ଆକାଶଙ୍କୁ ପାଖରେ ପାଇ ପିଲାମାନେ ବହୁତ ଖୁସି ହେବା ସଂଗେ ସଂଗେ ତାଙ୍କ ଦୀର୍ଘ ଜୀବନ ପାଇଁ ଭଗବାନଙ୍କ ପାଖରେ ଶୁଭ ମନାସୀଥିଲେ ଏବଂ କେକ୍ କାଟି ଜନ୍ମଦିନ ପାଳନ କରିଥିଲେ । ଆକାଶ ମୁକବଧୀର ପିଲାମାନଙ୍କ ସହ ଖୁସି ବାଂଟିଥିଲେ । ସେ କହିଥିଲେ – "ଖୁସି ବାଂଟିଲେ ଖୁସି ବଢେ" । ଏହି କାର୍ଯ୍ୟକ୍ରମରେ 'ଉତ୍ର' ଚାରିଟେବୁଲ ଟ୍ରଷ୍ଟର ସଂପାଦିକା ଶୁଭ୍ରାଜ୍ୟୋତି ଦାସନାୟକ କହିଥିଲେ ଏହିପରି ସମାଜର ମୁଖ୍ୟସ୍ରୋତରେ ଯେଉଁମାନେ ନାହାଁନ୍ତି, ସମାଜରେ ଅବହେଳିତ ହୋଇ ରହିଥିବା ପିଲାମାନଙ୍କ ମୁହଁରେ ଟିକେ ହସ ଫୁଟାଇବା ପାଇଁ ସମସ୍ତେ ନିଜର କର୍ମମୟ ଜୀବନରୁ ଟିକେ ସମୟ ବାହାରକରି ସେମାନଙ୍କୁ ସହଯୋଗ କଲେ ସେମାନଙ୍କ ମୁହଁରେ ହସ ଫୁଟିପାରିବ । ଆକାଶଙ୍କର ସିନେ ପ୍ରଶଂସକ, ରାଜନୈତିକ ପ୍ରଶଂସକ, ବୁଦ୍ଧିଜୀବୀ ମହଲରୁ ଜନ୍ମଦିନର ଶୁଭେଚ୍ଛା ଓ ଶୁଭକାମନାର ସୁଅ ଛୁଟିବାରେ ଲାଗିଛି । ଅନେକ ବିଶିଷ୍ଟ ବ୍ୟକ୍ତି ଆକାଶଙ୍କୁ ତାଙ୍କର ଜନ୍ମଦିନ ଉପଲକ୍ଷେ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି । ସମସ୍ତେ ଜନ୍ମଦିନରେ ତାଙ୍କ ଦୀର୍ଘ ଜୀବନ ପାଇଁ ଭଗବାନଙ୍କ ନିକଟରେ ଶୁଭମନାସୀ ଥିଲେ ।



## ବିଶ୍ୱକର୍ମା ପୂଜା ଉପଲକ୍ଷେ ସାମ୍ବାଦିକ ପ୍ରକୋଷ୍ଠ ଉଦ୍‌ଘାଟିତ



**ପାରାଦୀପ,୧୮/୯ (ନି.ପ୍ର) :** ପାରାଦୀପ ର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ମହୋତ୍ସବ ଦୀର୍ଘ ସାତଦିନ ଧରି ଚାଲୁଥିଲା ବେଳେ ସେପ୍ଟେମ୍ବର ୧୭ ତାରିଖ ଗୁରୁବାର ଦିନ ଆରମ୍ଭ ହୋଇଛି ପୂଜା ମହତ୍ସବ। ସାମ୍ବାଦିକ ମାନେ ଖବର ପରିବେଷଣ ନିମନ୍ତେ ମୁଖ୍ୟ ପୂଜା ମହୋତ୍ସବ ସ୍ଥଳୀ ନିକଟସ୍ଥ ସିନେମା ହଲ ପାଖରେ ନିର୍ମିତ ହୋଇଛି ସାମ୍ବାଦିକ ପ୍ରକୋଷ୍ଠ। ଉକ୍ତ ପ୍ରକୋଷ୍ଠ କୁ ଗୁରୁବାର ସନ୍ଧ୍ୟାରେ ପାରାଦୀପ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ମୁଖ୍ୟ ଅତିଥି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ପ୍ରକୋଷ୍ଠ କୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପାରାଦୀପ ର କାର୍ଯ୍ୟରତ ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଶେଖର ଆଚାର୍ଯ୍ୟ, ସୁଧାଂଶୁ ନାୟକ,ଗଙ୍ଗାଧର ରାଉତ, ଶୁଭକାନ୍ତ ପଢିହାରୀ,ରାକେଶ ପଟ୍ଟନାୟକ, ସନ୍ତୋଷ ଭାରତୀ, କୁଳମଣି ଲେଙ୍କା, ପ୍ରଭାକର ସାହୁ, ଦୀପକ ଦାସ, ମନୋଜ ଦାସ, ବିବେକାନନ୍ଦ ରାଉତ, ସଞ୍ଜୟ ରାଉତ, ପ୍ରଶାନ୍ତ ସ୍ୱାଇଁ,ବିରଜା ତ୍ରିପାଠୀ, ବିରଜା ସେଠୀ,ଅଜିତ ଦାସ, ଆବିଦ ଖାନ, ରତ୍ନାକର ଜେନା, ସୁରେଶ ଚନ୍ଦ୍ର ସ୍ୱାଇଁ, ସଂଗ୍ରାମ ରାଉତ, ତ୍ରିଲୋଚନ ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିବା ବେଳେ ସମସ୍ତ ସଦସ୍ୟ ଏଥିରେ ସକ୍ରିୟ ସହଯୋଗ କରଥିଲେ।

ସୂଚନାଥାଉକି ଏହି ସାତଦିନ ବ୍ୟାପି ମହୋତ୍ସବର ଖବର ପ୍ରସାରଣର ସୁବିଧା ନିମନ୍ତେ ଏହି ସାମ୍ବାଦିକ ପ୍ରକୋଷ୍ଠଟି ପ୍ରତିବର୍ଷ ନିର୍ମାଣ କରାଯାଇ ଥାଏ। ଏତଦ୍ ବ୍ୟତୀତ ମହୋତ୍ସବ ସମୟରେ ଆଗନ୍ତୁକ ବୃଦ୍ଧ ଓ ବୃଦ୍ଧାମାନଙ୍କୁ ଏହି ପ୍ରକୋଷ୍ଠରେ ଆଶ୍ରୟ ଦିଆଯାଇଥାଏ। ତେବେ ପାରାଦୀପର କାର୍ଯ୍ୟରତ ସାମ୍ବାଦିଜ ମାନଙ୍କ ଏପରି ଉଦ୍ୟମ ପ୍ରଚେଷ୍ଟାକୁ ମୁଖ୍ୟ ଅତିଥି ଙ୍କ ସମେତ ସମସ୍ତ ଅତିଥି ଉଚ୍ଚ ପ୍ରଶଂସା କରିଥିବା ବେଳେ ଏହା ଓଡ଼ିଶାରେ ବିରଳ ବୋଲି ଉଲ୍ଲେଖ କରିଥିଲେ।

## ବରିଷ୍ଠ ମହିଳା ବିଜେଡି ନେତ୍ରୀ ରାଧା ଅପାଙ୍କ ଅକାଳ ବିୟୋଗ



**ପିପିଲି,୧୮।୯ (ନି.ପ୍ର):** ପିପିଲି ବ୍ଲକ ର ଲୋକପ୍ରିୟ ବିଜେଡି ମହିଳା ନେତ୍ରୀ ପୂର୍ବତନ ଜିଲ୍ଲା ପରିଷଦ, ସରପଞ୍ଚ, ବ୍ଲକ ଉପାଧ୍ୟକ୍ଷା ରାଧାମଣୀ ପ୍ରଧାନ ଙ୍କ ଅକାଳ ବିୟୋଗ ଘଟିଛି। ତାଙ୍କ ଘର ପିପିଲି ବ୍ଲକ ଅନ୍ତର୍ଗତ ରଥପୁରୁଷତ୍ତମପୁର ପଂଚାୟତର ବାଲିଗାଁ ରେ ଅଟେ। ଶୁକ୍ରବାର ସକାଳ ସମୟରେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକ ମଙ୍ଗଳପୁରସ୍ଥିତ ଘରୋଇ ମେଡିକାଲ କୁ ପ୍ରଥମେ ଚିକିତ୍ସା ପାଇଁ ନେଇଥିଲେ। ଡାକ୍ତର ସେଠାରେ ମୃତ୍ୟୁ ହୋଇଥିବା ଘୋଷଣା କରିଥିଲେ। ମୃତ୍ୟୁ ଖବର ମିଳିବା ପରେ ଚାରିଆଡେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।ସେ ଜଣେ ମେଳାପୀ, ମିଷ୍ଟଭାଷୀ, ପରୋପକାରୀ ମହିଳା ଭାବେ ପିପିଲି ଡେଲାଙ୍ଗ ରେ ବେଶ ପରିଚିତ ଥିଲେ । ଓଡ଼ିଶାର ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ସମୟରେ ପ୍ରଦୀପ ମହାରଥୀଙ୍କ ନେତୃତ୍ୱରେ ପ୍ରଥମେ ମହିଳା ସରପଞ୍ଚ ପରେ ପିପିଲି ବ୍ଲକ ଉପାଧ୍ୟକ୍ଷା ଭାବେ କାର୍ଯ୍ୟ ତୁଲାଇଥିଲେ। ନବୀନ ପଟ୍ଟନାୟକ ଙ୍କ ବିଜେଡି ସରକାର ସମୟରେ ୨୪ନମ୍ବର ଜିଲ୍ଲା ପରିଷଦ ରହିଥିଲେ। ପୂର୍ବତନ ମନ୍ତ୍ରୀ ତଥା ୭ଥରର ବିଧାୟକ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ଅତି ଆପଣାର ବିଶ୍ୱସନୀୟତା ସହ ପରିବାର ସଦସ୍ୟ ଥିଲେ। ତାଙ୍କର ବିୟୋଗ ଖବର ପାଇ ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ,ବରିଷ୍ଠ ଶିକ୍ଷାବିତ ଡ଼ ପ୍ରତିଭା ମହାରଥୀ, ଡା.ପଲ୍ଲବୀ ମହାରଥୀ, କଂଗ୍ରେସ ଯୁବ ନେତା ପ୍ରିୟବ୍ରତ ସାମନ୍ତରାୟ,ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ, ପ୍ରଦୀପ୍ତ ମିଶ୍ର, ଆର୍ତ୍ତବନ୍ଧୁ ସାମନ୍ତରାୟ, ମନୋଜ ଦାସ, ପ୍ରକାଶ ଧଳ, ବିଶ୍ୱଜିତ ଦାସ ପ୍ରମୁଖ ସମେତ ବହୁ ମାନ୍ୟଗଣ ବ୍ୟକ୍ତି ତାଙ୍କ ନିଜସ୍ୱ ବାସଭବନ ବାଲିଗାଁ ରେ ପହଂଚି ମର ଶରୀରକୁ ଶେଷ ଦର୍ଶନ କରିଥିଲେ। ସେହି ଅମର ଆତ୍ମା ର ସଦଗତି କାମନା କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକ ସନ୍ତାପ ପରିବାର ବର୍ଗକୁ ସମବେଦନା ଜଣାଇ ଥିଲେ। ତାଙ୍କର ବଡ଼ ପୁଅ ପ୍ରତାପ ପ୍ରଧାନ(ନକୁଳ) ମୁଖାଗ୍ନି ଦେଇଥିବା ବେଳେ ପରିବାର ପ୍ରିୟଜନ ବନ୍ଧୁ ବାନ୍ଧବ ମାନେ ଉପସ୍ଥିତ ଥିଲେ । ପୁରୀ ସ୍ୱର୍ଗ ଦ୍ୱାର ଠାରେ ତାଙ୍କର ଶେଷକୃତ ସମ୍ପନ୍ନ ହୋଇଥିଲା ।

## ତ୍ରିପାଠୀ ଭବନରେ ୪୪ତମ ବିଶ୍ୱକର୍ମା ପୂଜା ଅନୁଷ୍ଠିତ

**କେନ୍ଦୁଝର, ୧୮।୯ (ନି.ପ୍ର):** ଯୋଡ଼ା ବ୍ଲକ ଅନ୍ତର୍ଗତ ଭୁଷୁଁଗା ଗ୍ରାମ ସ୍ଥିତ ତ୍ରିପାଠୀ ଭବନ ଠାରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି । ଏହି ପୂଜା ଟି ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଜେପି ଜନନେତା, ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଶିଷ୍ଟ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀ ଙ୍କ ପିତା ୰ ମହେଶ୍ୱର ତ୍ରିପାଠୀ ଓ ୰ ମାତା ଚଞ୍ଚଳା ତ୍ରିପାଠୀ ଆଯକୁ ପ୍ରାୟ ୪୪ ବର୍ଷ ପୂର୍ବେ ୧୯୮୨ ମସିହାରେ ବିଶ୍ୱକର୍ମାଙ୍କ ପୂଜା ଆରମ୍ଭ କରି ଥିଲେ, ପରବର୍ତ୍ତୀ ସମୟରେ ଶ୍ରୀମନ୍ତ ତ୍ରିପାଠୀ ଏହି ବିଶ୍ୱକର୍ମା ପୂଜା ଅତି ଧୁମଧାମରେ କରି ଆସୁଛନ୍ତି । ପ୍ରତି ବର୍ଷ ପରି ଏ ବର୍ଷ ମଧ୍ୟ ପୂଜା ସକାଳ ୦୮:୩୦ ଘଟିକାରୁ ଆରମ୍ଭ ହୋଇ ସନ୍ଧ୍ୟା ୦୪:୦୦ ଘଟିକା ପର୍ଯ୍ୟନ୍ତ ଚାଲିଥିଲା। ଏହି ପୂଜାରେ ସପତ୍ନିକ ଶ୍ରୀ ତ୍ରିପାଠୀ ଏବଂ ତାଙ୍କ ପତ୍ନୀ ଉପବାସ ମୁତାବକ ହୋମ ଅଗ୍ନି ରେ ଆହୁତି ଅର୍ପଣ କରିଥିଲେ । ମୁଖ୍ୟ ପୂଜକ ସ୍ମୃତି ରଞ୍ଜନ ରଥ ଓ ସହ ପୂଜକ ସୁମନ ପଣ୍ଡାଙ୍କ ଦ୍ୱାରା ଯଥା ବିଧି ସମସ୍ତ ପୂଜାର୍ଚ୍ଚନା, ମହା ଆରତୀ ଏବଂ ହୋମଯଜ୍ଞ ସମ୍ପାଦନା କରାଯାଇଛି। ଠାକୁର ବିଶ୍ୱକର୍ମାଙ୍କ ମହାପ୍ରସାଦ ସେବନ ସହିତ ଅନ୍ନ ପ୍ରସାଦ ହଜାର ହଜାର ସଂଖ୍ୟା ର ଭକ୍ତ ତଥା ଜନ ସାଧାରଣଙ୍କ ପାଇଁ ଆୟୋଜନ ହୋଇଥିଲା। ପ୍ରତ୍ୟକ ବର୍ଷ ପରି ହଜାର ହଜାର ସଂଖ୍ୟାରେ ଭକ୍ତ ଠାକୁରଙ୍କୁ ଦର୍ଶନ କରିବାକୁ ଆସି ପ୍ରସାଦ ସେବନ କରିଥିଲେ। ଶ୍ରୀ ତ୍ରିପାଠୀ ପ୍ରତ୍ୟକ ବର୍ଷ ପରି ମହା ଆନନ୍ଦରେ ସମସ୍ତଙ୍କୁ ସ୍ୱହସ୍ତରେ ପ୍ରସାଦ ସେବନ କରାଇଛନ୍ତି । ଆଜି ଏହି ପୂଜାରେ ତାଙ୍କ ସହିତ ଧର୍ମପତ୍ନୀ ଅନୁସୟା ତ୍ରିପାଠୀ, ବଡ଼ ପୁଅ ନାଗାର୍ଜୁନ ତ୍ରିପାଠୀ,ବଡ଼ ବହୁ ସସ୍ମିତା ତ୍ରିପାଠୀ, ସାନ ପୁଅ ସଂଗ୍ରାମ ତ୍ରିପାଠୀ , ସାନ ବହୁ ଗୀତାଞ୍ଜଳୀ ତ୍ରିପାଠୀ, ନାତି-ଅର୍ଜୁନ ତ୍ରିପାଠୀ, ସାଇରାଜ ତ୍ରିପାଠୀ, ନାତୁଣୀ ସିଦ୍ଧି ସ୍ମୃତି ତ୍ରିପାଠୀ, ସାନ ନାତୁଣୀ ସମୃଦ୍ଧି ତ୍ରିପାଠୀ, ବଡ଼ ଝିଅ ଚନ୍ଦ୍ରାବତୀ ଦାଶ, ବଡ଼ ଜ୍ୱାଇଁ ଅରବିନ୍ଦ ଦାଶ, ସାନ ଝିଅ ଭାଗ୍ୟଶ୍ରୀ ଶତପଥୀ ଓ ସାନ ଜ୍ୱାଇଁ ନାରାୟଣ ଶତପଥୀ ଉପସ୍ଥିତ ଥିଲେ। ଶ୍ରୀ ଶ୍ରୀ ବିଶ୍ୱକର୍ମା ପୂଜାର ପବିତ୍ର ଅବସରରେ ପୂଜା ପରବର୍ତ୍ତୀ ସନ୍ଧ୍ୟାରେ ଭଜନ ସନ୍ଧ୍ୟାର ଆୟୋଜନ ହୋଇଥିଲା । ସୁଦୂର କରଞ୍ଜିଆ ଠାରୁ ଆସିଥିବା ଆନନ୍ଦଶ୍ୱର ଭଜନ ସନ୍ଧ୍ୟା ଟିମଙ୍କ ଦ୍ୱାରା ପବିତ୍ର ନାମ ସଙ୍କୀର୍ତ୍ତନ ଓ ଭକ୍ତିମୟ ସଙ୍ଗୀତରେ ସମଗ୍ର ପରିବେଶ ଭକ୍ତିରସରେ ଭିଜିଯାଇଥିଲା । ଭକ୍ତମାନେ ଅତ୍ୟନ୍ତ ଶ୍ରଦ୍ଧା ଓ ଭାବଭକ୍ତି ସହିତ ଯୋଗଦେଇ ଭଗବାନଙ୍କ କୃପା ଲାଭ କରିଥିବା ଦେଖିବାକୁ ମିଳିଛି।



## କଳିଙ୍ଗ ବିଶ୍ୱକର୍ମା ଶ୍ରମିକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା



**କଟକ, ୧୮।୯ (ନି.ପ୍ର) :** ନୂଆପଡା ଘାଟକୂଳସ୍ଥିତ କଳିଙ୍ଗ ବିଶ୍ୱକର୍ମା ଶ୍ରମିକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସଂଘର ସମସ୍ତ କର୍ମମର୍ତ୍ତା ଓ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶ୍ରମିକ ମାନେ ଯୋଗଦେଇ ବିଶ୍ୱକର୍ମାଙ୍କ ଆଶୀର୍ବାଦ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ଧରଣୀଧର ମହାରଣା, ସଭାପତି ହେମନ୍ତ ମହାରଣା, ସମ୍ପାଦକ ପ୍ରିୟନାଥ ମହାରଣା, ଦିଲୀପ ମହାରଣା, ସୁଶାନ୍ତ ମହାରଣା, ଜଳନ୍ଧର ମହାରଣାଙ୍କ ସମେତ ବହୁ କର୍ମମର୍ତ୍ତା ଉପସ୍ଥିତ ଥିଲେ।

# ଜିନ୍ଦଲ ଷ୍ଟେନ୍‌ଲେସ୍‌କୁ 'ପ୍ରଦୂଷଣ ନିୟନ୍ତ୍ରଣ ଶ୍ରେଷ୍ଠତା ପୁରସ୍କାର ୨୦୨୬'

## ସମ୍ମାନ କମ୍ପାନୀର ପରିବେଶ ଅନୁପାଳନ, ସ୍ୱଚ୍ଛ ଶକ୍ତି ଆପଣାଇବା ଏବଂ ଅଙ୍ଗାରକାମ୍ଳ ହ୍ରାସ ଉପରେ ରହିଥିବା ଗୁରୁତ୍ୱକୁ ଦର୍ଶାଉଛି

ଯାଜପୁର,୧୮।୯: : ଭାରତର ପ୍ରମୁଖ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଉତ୍ପାଦନକାରୀ ସଂସ୍ଥା 'ଜିନ୍ଦଲ ଷ୍ଟେନ୍‌ଲେସ୍'କୁ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନସ୍ଥ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି) ଦ୍ୱାରା ଶିଳ୍ପ ବର୍ଗରେ 'ପ୍ରଦୂଷଣ ନିୟନ୍ତ୍ରଣ ଶ୍ରେଷ୍ଠତା ପୁରସ୍କାର ୨୦୨୬'ରେ ସମ୍ମାନିତ କରାଯାଇଛି। ଓଡ଼ିଶାର ଯାଜପୁରସ୍ଥିତ କଳିଙ୍ଗନଗର ପ୍ଲାଣ୍ଟରେ ପରିବେଶ ଅନୁପାଳନ, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ସ୍ଥାୟୀ ଶିଳ୍ପ ପ୍ରକ୍ରିୟା ପାଇଁ କମ୍ପାନୀର ନିରନ୍ତର ପ୍ରଚେଷ୍ଟାକୁ ସ୍ୱୀକୃତି ସ୍ୱରୂପ ଏହି ପୁରସ୍କାର ପ୍ରଦାନ କରାଯାଇଛି।

ଭୁବନେଶ୍ୱରସ୍ଥିତ ଓୟୁଏଟି (ଓଟିଇଓ) କୃଷି ଶିକ୍ଷା ସଦନ ଅଡିଟୋରିୟମରେ ଆୟୋଜିତ ଏସପିସିବି ଓଡ଼ିଶାର ୪୩ତମ ପ୍ରତିଷ୍ଠା ଦିବସ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ମାନ୍ୟବର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଭାସ୍କର ଜ୍ୟୋତି ଶର୍ମାଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରିଥିଲେ।

ଏହି ମାନ୍ୟତା ଉପରେ ନିଜର ପ୍ରତିକ୍ରିୟା ରଖି ଜିନ୍ଦଲ ଷ୍ଟେନ୍‌ଲେସ୍ (ଯାଜପୁର)ର ୟୁନିଟ୍ ହେଡ୍ ଦୀପକ ଅଗ୍ରୱାଲ କହିଛନ୍ତି, "ଏସପିସିବି ଓଡ଼ିଶା ପକ୍ଷରୁ 'ପ୍ରଦୂଷଣ ନିୟନ୍ତ୍ରଣ ଶ୍ରେଷ୍ଠତା ପୁରସ୍କାର' ଗ୍ରହଣ କରିବା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ। ସ୍ଥାୟୀ ବିକାଶ ଆମର କାର୍ଯ୍ୟଶୈଳୀ ସହ ଓତପ୍ରୋତ ଭାବେ ଜଡ଼ିତ, ଏବଂ ଏହି ସମ୍ମାନ ଉତ୍ତରଦାୟୀ ଓ ସମ୍ବଳ-କୁଶଳ ଉତ୍ପାଦନ ପ୍ରତି ଆମର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରୁଛି। ଆମେ ଓଡ଼ିଶା ଏବଂ ସାରା ଦେଶରେ ଆମର କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛ ଶକ୍ତି ଆପଣାଇବା, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ସର୍କୁଲାର ଇକୋନୋମି (ବୃତ୍ତାକାର ଅର୍ଥନୀତି) ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ଜାରି ରଖିବୁ।"




ପୁରସ୍କାର ବିତରଣ ଉତ୍ସବ ସହିତ ଜିନ୍ଦଲ ଷ୍ଟେନ୍‌ଲେସ୍ ଏକ ଇଣ୍ଟରାକ୍ଟିଭ୍ ପ୍ରଦର୍ଶନୀ ଷ୍ଟଲ୍ ମାଧ୍ୟମରେ ନିଜର ଡିକାର୍ବୋନାଇଜେସନ୍ (ଅଙ୍ଗାରକାମ୍ଳ ହ୍ରାସ) ପଦକ୍ଷେପଗୁଡ଼ିକୁ ପ୍ରଦର୍ଶିତ କରିଥିଲା। ଏଥିରେ ବ୍ରାଇଟ୍ ଆନିଲିଂ ପାଇଁ ଏହାର ଗ୍ରୀନ୍ ହାଇଡ୍ରୋଜେନ୍ ପ୍ଲାଣ୍ଟର ଏକ କାର୍ଯ୍ୟକ୍ଷମ ମଡେଲ୍ ସହିତ ଓଡ଼ିଶାର ସବୁଠାରୁ ବଡ଼ କ୍ୟାପ୍ଟିଭ୍ ଇଣ୍ଡଷ୍ଟ୍ରିଆଲ୍ ସୋଲାର ପ୍ଲାଣ୍ଟ ଏବଂ ଉତ୍ପାଦନ ପ୍ରକ୍ରିୟାରୁ କାର୍ବନ ପଦଚିହ୍ନ ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଅନ୍ୟାନ୍ୟ ପ୍ରମୁଖ ପଦକ୍ଷେପ ସାମିଲ ଥିଲା।

ଜିନ୍ଦଲ ଷ୍ଟେନ୍‌ଲେସ୍ ନିଜର ବ୍ୟାପକ ଡିକାର୍ବୋନାଇଜେସନ୍ ରୋଡମ୍ୟାପର ଅଂଶ ସ୍ୱରୂପ ସ୍ୱଚ୍ଛ ଶକ୍ତି ଏବଂ ନବସୃଜନକାରୀ ପ୍ରଯୁକ୍ତିବିଦ୍ୟାକୁ ଆପଣାଇବାରେ ଅଗ୍ରସର ହେଉଛି। ଯାଜପୁର ପ୍ଲାଣ୍ଟରେ କମ୍ପାନୀର ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରକଳ୍ପର ଲକ୍ଷ୍ୟ ହେଉଛି ବ୍ରାଇଟ୍ ଆନିଲିଂ ପ୍ରକ୍ରିୟାରେ ପାରମ୍ପରିକ ଜୀବାଶ୍ମ ଇନ୍ଧନ ବ୍ୟବହାର ବଦଳରେ ସ୍ୱଚ୍ଛ ଶକ୍ତିର ବ୍ୟବହାର କରିବା, ଯାହା ଅଧିକ ଶକ୍ତି ଆବଶ୍ୟକ କରୁଥିବା ଶିଳ୍ପ କ୍ଷେତ୍ରରେ ହାଇଡ୍ରୋଜେନ୍-ଆଧାରିତ ସମାଧାନର ସମ୍ଭାବନାକୁ ଦର୍ଶାଉଛି।

ନବୀକରଣଯୋଗ୍ୟ ଶକ୍ତି ଉପରେ କମ୍ପାନୀର ଗୁରୁତ୍ୱ ଏହାର କ୍ୟାପ୍ଟିଭ୍ ସୌର ଶକ୍ତି ପଦକ୍ଷେପଗୁଡ଼ିକରେ ପ୍ରତିଫଳିତ ହେଉଛି, ଯାହା ଶିଳ୍ପ ପରିଚାଳନା ପାଇଁ ସ୍ୱଚ୍ଛ ଶକ୍ତି ଆଡ଼କୁ ଅଗ୍ରସର ହେବାରେ ସାହାଯ୍ୟ କରୁଛି। ଏହି ପଦକ୍ଷେପଗୁଡ଼ିକ ଶକ୍ତି ଦକ୍ଷତା, ସମ୍ବଳର ସଠିକ୍ ବ୍ୟବହାର, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପୁନଃଚକ୍ରଣ କ୍ଷେତ୍ରରେ କମ୍ପାନୀର ପ୍ରଚେଷ୍ଟାକୁ ଆହୁରି ମଜବୁତ କରୁଛି।

ଏସପିସିବି ଓଡ଼ିଶା ଦ୍ୱାରା ମିଳିଥିବା ଏହି ସ୍ୱୀକୃତି, ଉତ୍ପାଦନ ପ୍ରକ୍ରିୟାରେ ପରିବେଶଗତ ଉତ୍ତରଦାୟିତ୍ୱକୁ ସାମିଲ କରିବା ସହ ଓଡ଼ିଶାର ସ୍ଥାୟୀ ଶିଳ୍ପ ବିକାଶ ଆଡ଼କୁ ଅଗ୍ରସର ହେବାରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ନିରନ୍ତର ପ୍ରଚେଷ୍ଟାକୁ ଆହୁରି ସୁଦୃଢ଼ କରୁଛି।

# ତୁବେ ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଧାନ ମନ୍ତ୍ରୀଙ୍କ ୭୬ ତମ ଜନ୍ମ ଦିନ ପାଳିତ

ଅନୁଗୋଳ(ମନ୍ଥନ) - ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ବଣ୍ଟାଁରପାଳ ବ୍ଲକ ତଥା ଜରପଡା ଥାନା ଅନ୍ତର୍ଗତ ତୁବେ ଗ୍ରାମ ସ୍ଥିତ ବ୍ରଜ ମୋହନ ନାଗରି ମୋହନ ଉଚ୍ଚ ବିଦ୍ୟାଳୟ ଠାରେ ଭାରତ ବର୍ଷର ଯଶସ୍ୱୀ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ୭୬ ତମ ଜନ୍ମଦିନ ସମାରୋହରେ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଚିତ୍ତ ରଞ୍ଜନ ସାହୁ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସର୍ବ ପ୍ରଥମେ ପ୍ରକୃତି ପରିବେଶ



ସୁରକ୍ଷା ପାଇଁ ଏକ ପେଡ୍ ମା କେ ନାମ ପେ ( ମା ପାଇଁ ଗଛ ଟିଏ) ସ୍ୱରୂପ ମୋଦୀଜୀ ଙ୍କ ଜନ୍ମ ଦିନ ଅବସରରେ ବିଦ୍ୟାଳୟ ପରିସରରେ ମୋଟ ୭୬ ଟି ବୃକ୍ଷ ରୋପଣ କରାଯାଇଥିଲା । ଏଥିସହ ପ୍ରଧାନ ମନ୍ତ୍ରୀଙ୍କ ସେବା ସମର୍ପଣ, ସଙ୍କଳ୍ପ,ସୁଶାସନ ଓ ଦେଶ ବିକାଶ କ୍ଷେତ୍ରରେ ବଳିଷ୍ଠ ଅବଦାନ ତଥା ଯୋଗଦାନ ପରିପ୍ରେକ୍ଷୀରେ ପ୍ରଧାନ ମନ୍ତ୍ରୀଙ୍କ ଦୀର୍ଘାୟୁ ତଥା ନିରୋଗ ଜୀବନ ଯାପନ ସକାଶେ ଆଶୁ କାମନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଏମ ପି ରୁଦ୍ର ନାରାୟଣ ପାଣି , ସମ୍ବଲପୁର ଏମ ପି ଙ୍କ ପ୍ରତିନିଧି ସୁଦୀପ କୁମାର ଗଡ଼ନାୟକ, ଅନୁଗୋଳ ଜଙ୍ଗଲ ବିଭାଗ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସଞ୍ଜୟ କୁମାର ସ୍ୱାଇଁ, ବନପାଳ ଉଦ୍ଧବ ଚରଣ ବେହେରା, ଭାଜପା ପଞ୍ଚାୟତ ସଭାପତି ବାଙ୍କନିଧି ସାହୁ, ଯୁବ ନେତା ଯୋଗେଶ ପଟ୍ଟନାୟକ, ତୁବେ ପଞ୍ଚାୟତ ପ୍ରଭାରୀ ମିଳାପ କୁମାର ପ୍ରଧାନ ,ପଞ୍ଚାୟତ ସରପଞ୍ଚ ଅନୀଲ କୁମାର ପ୍ରଧାନ ଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ଛାତ୍ରୀ ଛାତ୍ର ଏବଂ ବହୁ ସଂଖ୍ୟକ ଦଳୀୟ କାର୍ଯ୍ୟକର୍ତ୍ତା ଓ ନେତୃମଣ୍ଡଳୀ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ ।

**ପରିବେଶ ସୁରକ୍ଷା ସଙ୍କଳ୍ପ ସ୍ୱରୂପ ୭୬ ବୃକ୍ଷ ରୋପଣ କରାଗଲା, ଯୋଗ ଦେଲେ ଢେଙ୍କାନାଳ ଏମପି ରୁଦ୍ର ନାରାୟଣ ପାଣି**

# ଆଶୀର୍ବାଦ ଦୀପ ସହ ସେବା ସଂକଳ୍ପ ଅଭିଯାନର ପ୍ରଥମ ଦିବସ ପାଳିତ



ଅନୁଗୋଳ : ସ୍ଥାନୀୟ ଶୈଳଶ୍ରୀକ୍ଷେତ୍ର ଓ ମା' ବୁଢ଼ୀ ଠାକୁରାଣୀ ମନ୍ଦିର ପରିସରରେ ମିଶନ ଶକ୍ତି ଏବଂ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ସେବା ସଂକଳ୍ପ ଅଭିଯାନ - ୨୦୨୬ର ପ୍ରଥମ ଦିବସର କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି। ଆଜିଠାରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ମାସ ବ୍ୟାପୀ ହେବାକୁ ଥିବା ଏହି ଅଭିଯାନରେ ବହୁ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ରହିଛି। ଶୈଳଶ୍ରୀକ୍ଷେତ୍ରରେ ହୋଇଥିବା ଆଶୀର୍ବାଦ ଦୀପ କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରୀୟ ଅଧିକାରୀ, ଉଟଡ, ଉଟଗ ଏବଂ ଅନ୍ୟାନ୍ୟ ପ୍ରକଳ୍ପ ଅଧିକାରୀମାନେ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ର ସଦସ୍ୟା, ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ଜନସାଧାରଣ ଆନନ୍ଦର ସହ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ, ରଙ୍ଗୋଲି ପ୍ରସ୍ତୁତି ଭଳି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ସେବା ପକ୍ଷ ଅଭିଯାନରେ ଅନୁଗୋଳ ଜିଲ୍ଲାର ୨୨୫ଟି ଗ୍ରାମ ପଞ୍ଚାୟତ ସମେତ ଆଠମଲ୍ଲିକ, ବଣ୍ଟାଁରପାଳ, ଛେଣ୍ଡିପଦା, କଣିହାଁ, କିଶୋରନଗର, ପାଲଲହଡ଼ା ଓ ତାଳଚେର ଆଦି ବିଭିନ୍ନ ବ୍ଲକର ପ୍ରମୁଖ ମନ୍ଦିର (ଯଥା: ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର, ମା' ବୁଢ଼ୀ ଠାକୁରାଣୀ ମନ୍ଦିର, ମାହେଶ୍ୱର ମନ୍ଦିର, ଶିବ ମନ୍ଦିର ଓ ଶ୍ରୀରାମ ମନ୍ଦିର) ଏବଂ ଜିଲ୍ଲାର ସମସ୍ତ ମହାସଂଘ (ଈଖର, ଏଖର, ଉଖର) ଓ ପରିବାରଗୁଡ଼ିକରେ ବ୍ୟାପକ ପ୍ରଦୀପ ପ୍ରଜ୍ୱଳନ କରାଯାଇଛି। ଜନସାଧାରଣଙ୍କ ସେବା, ସଶକ୍ତିକରଣ ଓ କଲ୍ୟାଣ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ସଚେତନତା ବାର୍ତ୍ତାନେଇ ଏହି ଅଭିଯାନ ଆରମ୍ଭ ହୋଇଛି। ପାଲଲହଡାର ମା' କୁଣ୍ଡେଇବିରା ମନ୍ଦିରରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ମାନ୍ୟବର ପାଲଲହଡ଼ା ବିଧାୟକ ଶ୍ରୀ ଅଶୋକ ମହାନ୍ତି, ଅନୁଗୋଳର ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ମାନ୍ୟବର ଅନୁଗୋଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ଛେଣ୍ଡିପଦା ଜଗନ୍ନାଥ ମନ୍ଦିରରେ ମାନ୍ୟବର ଛେଣ୍ଡିପଦା ବିଧାୟକ ଶ୍ରୀ ଅଗସ୍ତି ବେହେରା ପ୍ରଦୀପ ପ୍ରଜ୍ୱଳନ କରିଥିଲେ।

# ଜିନ୍ଦଲ ଷ୍ଟେନଲେସ୍‌ରେ ବିଶ୍ୱକର୍ମା ପୂଜା

ଯାଜପୁର, ୧୮ ସେପ୍ଟେମ୍ବର: ଜିନ୍ଦଲ ଷ୍ଟେନଲେସ୍ ?ର ଯାଜପୁର କାରଖାନାରେ ଭକ୍ତି ଓ ଉତ୍ସାହର ସହ ବିଶ୍ୱକର୍ମା ପୂଜା ୨୦୨୬ ପାଳିତ ହୋଇଛି। କାରଖାନାର ମୁଖ୍ୟ ଫାଟକ ପରିସରରେ ପାରମ୍ପରିକ ରୀତିନୀତିରେ ଭଗବାନ ବିଶ୍ୱକର୍ମାଙ୍କ ପୂଜା କରାଯାଇ ସୁରକ୍ଷା, ସମୃଦ୍ଧି, ଉତ୍ପାଦନଶୀଳତା ଓ ନିରନ୍ତର ଅଗ୍ରଗତି ପାଇଁ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ କମ୍ପାନୀର କର୍ମଚାରୀ,



ବ୍ୟବସାୟିକ ସହଯୋଗୀ, ଠିକାଦାର ଓ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କ ପାଇଁ ଏକ ସାଂସ୍କୃତିକ ସନ୍ଧ୍ୟା ମଧ୍ୟ ଆୟୋଜିତ ହୋଇଥିଲା। ବଲିଉଡ୍ ଗାୟକ ମହମ୍ମଦ ଦାନିଶ୍ ?ଙ୍କ ସହ ଓଡ଼ିଆ ଗାୟକ ମାନସ ପ୍ରୀତମ ଓ ଗାୟିକା ସୋନମ୍ ଦାଶ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଜିନ୍ଦଲ ଷ୍ଟେନଲେସ୍ ?ର ଯାଜପୁର ୟୁନିଟ୍ ମୁଖ୍ୟ କହିଥିଲେ ଯେ, ବିଶ୍ୱକର୍ମା ପୂଜା ନବସୃଜନ, କାରିଗରୀ ଦକ୍ଷତା ଓ ନିଷ୍ଠାର ପ୍ରତୀକ। କର୍ମଚାରୀମାନଙ୍କ ପରିଶ୍ରମ ଓ ନିଷ୍ଠା କମ୍ପାନୀର ସଫଳତାର ମୂଳଦୁଆ ବୋଲି ସେ କହିଥିଲେ। ଏହି ଉତ୍ସବ ମାଧ୍ୟମରେ କମ୍ପାନୀରେ ସୁରକ୍ଷା, ସହଯୋଗ, କାରିଗରୀ ଦକ୍ଷତା ଓ ନିରନ୍ତର ନବସୃଜନକୁ ପ୍ରୋତ୍ସାହନ ଦେବା ସହ କର୍ମଚାରୀକେନ୍ଦ୍ରିକ କାର୍ଯ୍ୟସଂସ୍କୃତିକୁ ଆହୁରି ସୁଦୃଢ଼ କରାଯାଇଥିଲା।

# ହାତୀ ଦାନ୍ତ ସହ ବାଇକ ଜବତ, ଜଣେ ଗିରଫ

ଛେଣ୍ଡିପଦା : ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ପୋଲିସ ପକ୍ଷରୁ ଗତ କାଲି ବିଳମ୍ବିତ ରାତିରେ ସ୍ଥାନୀୟ ଦେବଗଡ ଛକ ଠାରେ ଯାନ ବାହାନ ଯାଞ୍ଚ କରାଯାଇଥିଲା । ତେବେ ଯାଞ୍ଚ ସମୟରେ ଜଣେ ଯୁବକଙ୍କ ବାଇକ ଡିକି ମଧ୍ୟରୁ ହାତୀର ଚର୍ବଣ ଦାନ୍ତ ପ୍ରାୟ ୩ କିଗ୍ରା ୧୮ ଗ୍ରାମ ଓଜନର ହାତୀ ଦାନ୍ତ ଜବତ କରାଯାଇଥିଲା । ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ବାଗେଡିଆ ଅଞ୍ଚଳର ସୁକାନ୍ତ ପ୍ରଧାନ ଓରଫ ରଞ୍ଜନ ବୟସ ୪୨ ବର୍ଷ ଙ୍କୁ ଗିରଫ କରିବା ସହ ତଦନ୍ତ ଜାରୀ ରହିଛି । ଅନ୍ୟ ପକ୍ଷରେ ସେ ଏକ ମୋଟର ସାଇକେଲ ଯୋଗେ ବନ୍ୟଜନ୍ତୁ ଶିକାର ପାଇଁ ବିଭିନ୍ନ ସାମଗ୍ରୀ ନେଇ ଯାଉଥିଲେ । ଯାଞ୍ଚ ସମୟରେ ହାତୀ ଦାନ୍ତ ରଖିବା ଏବଂ ପରିବହନ ପାଇଁ କୌଣସି ବୈଧ ଅନୁମତି ପତ୍ର ଦେଖାଇ ପାରିନଥିଲେ । ଫଳରେ ମୋଟର ସାଇକେଲ କୁ ମଧ୍ୟ ଜବତ କରାଯାଇଛି । ପରବର୍ତ୍ତୀ ଆଇନ ଗତ କାର୍ଯ୍ୟାନୁଷ୍ଠାନ ସକାଶେ ସ୍ଥାନୀୟ ଜଙ୍ଗଲ ବିଭାଗ କୁ ହସ୍ତାନ୍ତର କରାଯାଇଛି । ଉପରୋକ୍ତ ଘଟଣା ସଂମ୍ପର୍କରେ ଜଙ୍ଗଲ ବିଭାଗ ପକ୍ଷରୁ ତଦନ୍ତ ଜାରୀ ରହିଛି । ମିଳିଥିବା ତଥ୍ୟ ଅନୁଯାୟୀ ହାତୀ ଦାନ୍ତ ଚୋରା ଚାଲାଣ ଘଟଣାରେ ସମ୍ପୃକ୍ତ ଥିବା ଏକ ଗ୍ୟାଙ୍ଗ ଉପରେ ଅଧିକ ତଦନ୍ତ ଜାରୀ ରହିଥିବା ଜଙ୍ଗଲ ବିଭାଗ ସୁତ୍ରରୁ ପ୍ରକାଶ ।




# ବ୍ରହ୍ମପୁରରେ 'ଦାହାନ'ର ଅଭିନେତାଙ୍କ ପ୍ରୀମୀୟର ଶୋ, ଜେନ୍ ଜି'ଙ୍କ ସହ କଲେ ବୋବାଲ୍

ବ୍ରହ୍ମପୁର,୧୮।୯(ମନ୍ଥନ): ଓଡ଼ିଆ ସିନେମା 'ଦାହାନ'ର ଅଭିନେତାଙ୍କ ଜଲୱାରେ ମଜଗୁଲ ହେଲେ ଜେନ୍ ଜି। ଚଳିତ ଶ୍ରୀ ଗଣେଶ ପୂଜା ଉପଲକ୍ଷେ ରିଲିଜ୍ ହୋଇଥିବା ନୂତନ କାହାଣୀ, ନୂଆ ଢଙ୍ଗ ଓ ନୂଆ ଅଭିନେତା ମାନଙ୍କ ଅଭିନୟକୁ ବେଶ୍ ପସନ୍ଦ କରିଛନ୍ତି ସିନେ ପ୍ରେମୀ । ଏନେଇ ଆଜି ସ୍ଥାନୀୟ ରୁକ୍ମିଣୀ ହଲ ଠାରେ ପ୍ରଚଳିତ ଚଳଚ୍ଚିତ୍ର 'ଦାହାନ'ର ପ୍ରୀମୀୟର ଶୋ' ରେ ପହଞ୍ଚି ନିଜ ଫ୍ୟାନ୍ସ ମାନଙ୍କ ସହ ସିନେମା ଦେଖିବା ସହ ପୁରା ମାହୋଲକୁ ଝୁମାଇ ଦେଇଥିଲେ ସିନେ ତାରକା । ତେବେ ଚଳଚ୍ଚିତ୍ରର ଅଭିନେତ୍ରୀ ବର୍ଷା ପଟ୍ଟନାୟକ ଓ ହିରୋ ସନୋଜ ଦୁଇ ଷ୍ଟାର୍ କାଷ୍ଟଙ୍କ ଗୋଟିଏ ଝଲକ ପାଇଁ ଦର୍ଶକଙ୍କ ଭିତରେ ରହିଥିଲା ଏକ ଅଲଗା ପ୍ରକାର ଉତ୍ସାହ । କ୍ୟାମେରାର ଫ୍ଲାସ୍, ସେଲ୍ଫିର ଭିଡ଼, ତାଳିର ଗୁଞ୍ଜରଣ ଓ ହ୍ୱିସିଲ ଦ୍ୱାରା ହଲ୍ ପରିସର ପାଲଟି ଯାଇଥିଲା ଉତ୍ସାହର ବାତାବରଣ । ଏନେଇ ବହୁ ସିନେ ପ୍ରେମୀ ମାନେ ଚଳଚ୍ଚିତ୍ରକୁ ଦୃଷ୍ଟିରେ ରଖି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଯେ, ଏହି ସିନେମାର କାହାଣୀ, ଅଭିନୟ ଓ ମେକିଂ ସହ ଟ୍ରିଟମେଣ୍ଟ ଅଲଗା ପ୍ରକାର ଆକର୍ଷଣୀୟ ରହିଥିବା ବେଳେ, ଅନ୍ୟ କିଛି ଦର୍ଶକ ଅଭିନୟକୁ ନେଇ ଗୋଟିଏ ବାକ୍ୟ କହିଥିଲେ ଯେ, "ଏମିତିକା ଫିଲ୍ମ ଓଡ଼ିଆରେ କେବେ ହୋଇ ନଥିଲା।" ପ୍ରକାଶ ଥାଉ କି, ଚଳଚ୍ଚିତ୍ରକୁ ଅନୁପମ ପଟ୍ଟନାୟକ ନିର୍ଦ୍ଦେଶନା ଦେଇଥିବା ବେଳେ, ସଙ୍ଗୀତରେ ଆଶିଷ ପ୍ରଧାନ, ସିନେମାଟ୍ରୋଗ୍ରାଫରେ ଦୀପକ କୁମାର ଘରାଇ, ଏଡ଼ିଟରେ ରଶ୍ମି ରଞ୍ଜନ ଦାସ କାର୍ଯ୍ୟ କରିଛନ୍ତି । ସେହିପରି ଅନ୍ୟ ଅଭିନେତା ମାନଙ୍କ ମଧ୍ୟରେ ସମ୍ରାଟ ମହାପାତ୍ର, ପ୍ରଣବ ପ୍ରସନ୍ନ ରଥ, ନିଶାନ୍ତ ମହିଆ, ଚୌଧୁରୀ ପ୍ରକାଶ ଦାସ, ପାର୍ଥ ସାରଥି ରାୟଙ୍କ ସମେତ ଅନ୍ୟ ଅଭିନେତା ମାନେ ମଧ୍ୟ ଅଭିନୟ କରିଥିବା ସୂଚନା ମିଳିଛି । ଏହି ପରିପ୍ରେକ୍ଷୀରେ ଅଭିନେତା ସନୋଜ କହିଛନ୍ତି ଯେ, ଯେଉଁ ହଲରେ ସେ ଦିନେ ପୂର୍ବ ଅଭିନେତା ମାନଙ୍କ ସିନେମା ଦେଖିବା ପାଇଁ ଆସୁଥିଲେ, ଆଜି ସେଇ ହଲରେ ତାଙ୍କ ଫିଲ୍ମ ପ୍ରଚଳିତ ହୋଇଛି ଯାହାକୁ ନେଇ ସେ ବହୁ ଖୁସି ବ୍ୟକ୍ତ କରିଥିଲେ । ସେ ଆହୁରି କହିଛନ୍ତି ଯେ, ବ୍ରହ୍ମପୁର ପାଇଁ ମୁଁ ଅତିଥି ନୁହେଁ, ବ୍ରହ୍ମପୁର ମୋ ନିଜ ଜନ୍ମ ମାଟି ତେଣୁ ସମସ୍ତଙ୍କୁ ଏହି ସିନେମା ଦେଖିବା ପାଇଁ ଅନୁରୋଧ କରିଥିଲେ । ସେହିପରି ପ୍ରଯୋଜକ ତଥା ଅଭିନେତ୍ରୀ ବର୍ଷା ଖୁସି ବ୍ୟକ୍ତ କରି କହିଛନ୍ତି ଯେ, ବିଗତ ଦିନର ଭଳି ଆଜି ମଧ୍ୟ ବ୍ରହ୍ମପୁର ମାଟି ଆମକୁ ଯଥେଷ୍ଟ ଠାରୁ ଅଧିକ ଭଲପାଇବା ଦେଉଛନ୍ତି । ଯାହା ଆମକୁ ଆହୁରି ଅଧିକ ଉତ୍ସାହିତ କରିଛି, ଯେଉଁଥି ଆମେ ପୂର୍ବରୁ ବହୁ ହିଟ୍ ସିନେମା କରିଥିବା ବେଳେ, ଆଜି 'ଦାହାନ' ଭଳି ଏକ ଭିନ୍ନ ଢ଼ଙ୍ଗର ସିନେମାକୁ ଶ୍ରୀ ଗଣେଶଙ୍କ ପବିତ୍ର ପୂଜା ଉପଲକ୍ଷେ ଉପହାର ରୂପେ ପ୍ରଦାନ କରିଛୁ । ଆଉ ଆଜି ସେଇ ଉପହାରକୁ ଦର୍ଶକ ମାନେ ବହୁ ଭଲପାଇବା ଦେଇଥିବା ବେଳେ, ବ୍ରହ୍ମପୁର ସହରର ସମସ୍ତ ସିନେ ପ୍ରେମୀ ମାନଙ୍କୁ ମଧ୍ୟ ଅନୁରୋଧ କି ଏଭଳି ଏକ ଅନନ୍ୟ ସିନେମାକୁ ଦେଖିବା ସହ ଆମକୁ ଆହୁରି ଉତ୍ସାହିତ କରନ୍ତୁ ବୋଲି କହିଥିଲେ ।



# ୭୦ତମ ଜିଲ୍ଲାସ୍ତରୀୟ କ୍ରିଡା ପ୍ରତିଯୋଗିତା ଉଦ୍‌ଘାଟିତ

ଭଦ୍ରକ,୧୮।୦୯ ନି.ପ୍ର. ପିଏମ୍ ଶ୍ରୀ ବିନ୍ଦୁମାଧବ ବାଗୁରାଇ ହାଇସ୍କୁଲ ପରିସରରେ ୭୦ତମ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂଳ କ୍ରିଡା ପ୍ରତିଯୋଗିତା ୨୦୨୬-୨୭ ଜିଲ୍ଲା ଶିକ୍ଷାଧିକାରୀ ଡଃ ଜଗବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଉଦ୍‌ଘାଟିତ ହୋଇ ଯାଇଅଛି । ମୁଖ୍ୟ ଅତିଥି ଭାବରେ ମାନ୍ୟବର ବିଧାୟକ ଭଦ୍ରକ ଶ୍ରୀଯୁକ୍ତ ସିତାଂଶୁ ଶେଖର ମହାପାତ୍ର, ମୁଖ୍ୟ ବକ୍ତା ଭାବରେ ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ଦତ, ସମ୍ମାନୀତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ତୃପ୍ତିମୟୀ ପାତ୍ର, ଡଃ. ପ୍ରଫୁଲ୍ଲ କୁମାର ସାହୁ, ଭଦ୍ରକ ବ୍ଲକ୍ ଶିକ୍ଷାଧିକାରୀ, ଶ୍ରୀ ଚକ୍ରଧର ମଲ୍ଲିକ୍, ପ୍ରଧାନଶିକ୍ଷକ, ଶ୍ରୀ ପ୍ରଶାନ୍ତ କୁମାର ସାହୁ ଯୋଗଦାନ କରିଥିଲେ । କେନ୍ଦୁଆପଦା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଶଶିଶେଖର କରଶର୍ମାଙ୍କ ସଂଚାଳନରେ ଅନୁଷ୍ଠିତ ସଭାରେ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ଶ୍ରୀ ରାଜେନ୍ଦ୍ର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି କ୍ରିଡା ପ୍ରତିଯୋଗିତାରେ ଭଦ୍ରକ ଜିଲ୍ଲାର ୭ଗୋଟି ବ୍ଲକରୁ ୫୦୦ରୁ ଉର୍ଦ୍ଧ କ୍ରିଡା ପ୍ରତିଯୋଗୀ ଯୋଗଦା କରିଥିଲେ । ଏହି ପ୍ରତିଯୋଗିତାରେ ବ୍ୟାଡମିଂଟନ୍, ଯୋଗାସନ, ଟାଏକଣ୍ଡ, ରଗ୍ବି ଫୁଟ୍‌ବଲ୍, ହ୍ୟାଣ୍ଡବଲ, ଓେଟ୍ଲିଫ୍ଟିଙ୍ଗ, ଟେବୁଲ୍ ଟେନିସ୍, ବାସ୍କେଟବଲ୍, ସ୍କେଟିଙ୍ଗ୍, ଫୁଟ୍‌ବଲ୍ ଓ ଚେସ୍ କ୍ରିଡା ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଧାନ ଶିକ୍ଷକ ନରେନ୍ଦ୍ର ପ୍ରସାଦ ସାହୁ, ଭୀମଚରଣ ପରିଡା, ପ୍ରଦୀପ ମହାପାତ୍ର, ଅନିଲ୍ ମିଶ୍ର ଭଦ୍ରକ ବ୍ଲକ୍ କ୍ରିଡା ସଂପାଦକ ମାନସ କୁମାର, ଧାମନଗର କ୍ରିଡା ସମ୍ପାଦକ ମାନଓ ରଞ୍ଜନ ନାୟକ, ଭଣ୍ଡାରୀପୋଖରୀ ବ୍ଲକ୍ କ୍ରିଡା ସମ୍ପାଦକ ଜିତେନ୍ଦ୍ର ସାହୁ, ତିହିଡି ବ୍ଲକ୍ ସମ୍ପାଦକ ପ୍ରଭାତ ଜେନା, ବାସୁଦେବପୁର ବ୍ଲକ୍ ସମ୍ପାଦକ ସୁକାନ୍ତ ଜେନା, ଚାନ୍ଦବାଲି ବ୍ଲକ୍ ସମ୍ପାଦକ ବିଭୁଦତ ପଣ୍ଡା, ବନ୍ତ ବ୍ଲକ୍ କ୍ରିଡା ସମ୍ପାଦକ ସମେନ୍ଦ୍ର ଶଙ୍ଖୁଆ ସମୁଖ କ୍ରିଡା ପ୍ରତିଯୋଗିତାରେ ସହାୟତା କରିଥିଲେ । ବିଭିନ୍ନ କ୍ରିଡାର କୋଚ୍ ଓ ବିଚାରକ ଭାବରେ ଅଶୋକ କୁମାର ପଣ୍ଡା, ପବିତ୍ର ମୋହନ ଦାସ, ସୁପ୍ରଭା ରାଉତ, ବିକଶି ସାହୁ, ତପନ ମିଶ୍ର, ଡଲିରାଣୀ ଦାସ, ସଙ୍ଗୀତା ବେହେରା, ସ୍ୱର୍ଣ୍ଣଲତା ବେହେରା, ମାନଓ ଯେନା କ୍ରିଡା ପରିଚାଳନା କରିଥିଲେ । ଲିଜାରାଣୀ ଦାସ, ରୁବିନା ଖାତୁନ୍ ଓ ଅରୁଣ କୁମାର ବାରିକ କ୍ରିଡା ପ୍ରତିଯୋଗି ମାନଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ କରିଥିଲେ ।




# ଆଶୀର୍ବାଦ ଦୀପ ସହ ସେବା ସଂକଳ୍ପ ଅଭିଯାନର ପ୍ରଥମ ଦିବସ ପାଳିତ

ଅନୁଗୋଳ : ସ୍ଥାନୀୟ ଶୈଳଶ୍ରୀକ୍ଷେତ୍ର ଓ ମା' ବୁଢ଼ୀ ଠାକୁରାଣୀ ମନ୍ଦିର ପରିସରରେ ମିଶନ ଶକ୍ତି ଏବଂ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ସେବା ସଂକଳ୍ପ ଅଭିଯାନ - ୨୦୨୬ର ପ୍ରଥମ ଦିବସର କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି। ଆଜିଠାରୁ ୧୭ ଅକ୍ଟୋବର ପର୍ଯ୍ୟନ୍ତ ମାସ ବ୍ୟାପୀ ହେବାକୁ ଥିବା ଏହି ଅଭିଯାନରେ ବହୁ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ରହିଛି। ଶୈଳଶ୍ରୀକ୍ଷେତ୍ରରେ ହୋଇଥିବା ଆଶୀର୍ବାଦ ଦୀପ କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରୀୟ ଅଧିକାରୀ, ଉଟଡ, ଉଟଗ ଏବଂ ଅନ୍ୟାନ୍ୟ ପ୍ରକଳ୍ପ ଅଧିକାରୀମାନେ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ର ସଦସ୍ୟା, ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ଜନସାଧାରଣ ଆନନ୍ଦର ସହ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ, ରଙ୍ଗୋଲି ପ୍ରସ୍ତୁତି ଭଳି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ସେବା ପକ୍ଷ ଅଭିଯାନରେ ଅନୁଗୋଳ ଜିଲ୍ଲାର ୨୨୫ଟି ଗ୍ରାମ ପଞ୍ଚାୟତ ସମେତ ଆଠମଲ୍ଲିକ, ବଣ୍ଟାଁରପାଳ, ଛେଣ୍ଡିପଦା, କଣିହାଁ, କିଶୋରନଗର, ପାଲଲହଡ଼ା ଓ ତାଳଚେର ଆଦି ବିଭିନ୍ନ ବ୍ଲକର ପ୍ରମୁଖ ମନ୍ଦିର (ଯଥା: ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର, ମା' ବୁଢ଼ୀ ଠାକୁରାଣୀ ମନ୍ଦିର, ମାହେଶ୍ୱର ମନ୍ଦିର, ଶିବ ମନ୍ଦିର ଓ ଶ୍ରୀରାମ ମନ୍ଦିର) ଏବଂ ଜିଲ୍ଲାର ସମସ୍ତ ମହାସଂଘ (ଈଖର, ଏଖର, ଉଖର) ଓ ପରିବାରଗୁଡ଼ିକରେ ବ୍ୟାପକ ପ୍ରଦୀପ ପ୍ରଜ୍ୱଳନ କରାଯାଇଛି। ଜନସାଧାରଣଙ୍କ ସେବା, ସଶକ୍ତିକରଣ ଓ କଲ୍ୟାଣ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ସଚେତନତା ବାର୍ତ୍ତାନେଇ ଏହି ଅଭିଯାନ ଆରମ୍ଭ ହୋଇଛି। ପାଲଲହଡାର ମା' କୁଣ୍ଡେଇବିରା ମନ୍ଦିରରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ମାନ୍ୟବର ପାଲଲହଡ଼ା ବିଧାୟକ ଶ୍ରୀ ଅଶୋକ ମହାନ୍ତି, ଅନୁଗୋଳର ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ମାନ୍ୟବର ଅନୁଗୋଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ଛେଣ୍ଡିପଦା ଜଗନ୍ନାଥ ମନ୍ଦିରରେ ମାନ୍ୟବର ଛେଣ୍ଡିପଦା ବିଧାୟକ ଶ୍ରୀ ଅଗସ୍ତି ବେହେରା ପ୍ରଦୀପ ପ୍ରଜ୍ୱଳନ କରିଥିଲେ।

# ଜୋନ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ

ଛେଣ୍ଡିପଦା(ମନ୍ଥନ)- ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ଜରପଡା ପତିତ ପାବନ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଶିକ୍ଷା ବିଭାଗ ପକ୍ଷରୁ ଜୋନ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ସବିତା ରାଣୀ ସାହୁ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ତଥା କ୍ରୀଡାବିତ୍ ବିଜୟା ନନ୍ଦ ମହାପାତ୍ର ଯୋଗ ଦେଇ ବିଦ୍ୟାଳୟ ପରିସରରେ କ୍ରୀଡା ପତାକା ଉତ୍ତୋଳନ କରିବା ସହ ଉଦଘାଟନ କରିଥିଲେ ।

ମୁଖ୍ୟ ବକ୍ତା ଭାବେ ବିଦ୍ୟାଳୟ ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ସଭାପତି ଲିଙ୍ଗରାଜ ପ୍ରଧାନ , ସମ୍ମାନିତ ଅତିଥି ଭାବେ ସି ଆର ସି ସି ଦୀପକ କୁମାର ସାହୁ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିର୍ମଳ ପ୍ରଧାନ, ଗ୍ରାମ ସଭାପତି ତ୍ରିନାଥେଶ୍ୱର ପ୍ରଧାନ, ସଦସ୍ୟ ଭୋଳେଶ୍ୱର ଗୋଚ୍ଛାୟତ , ବରିଷ୍ଠ ଶିକ୍ଷକ ମାନସ ରଞ୍ଜନ ପାଣିଗ୍ରାହୀ , ସନ୍ତୋଷ କୁମାର ସାହୁ, ରବିନ୍ଦ୍ର ଜେନା, ଚିତ୍ତ ରଞ୍ଜନ ଦେହୁରୀ, ଲୁଲୁ ପ୍ରାସାଦ ସାହୁ, ସୁଜିତ କୁମାର ଜଗଦଲା,ଶିକ୍ଷୟିତ୍ରୀ ତପସ୍ୱିନୀ ଷଡଙ୍ଗୀ,ସ୍ୱରୂପା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କ୍ରୀଡା ପ୍ରତିଯୋଗୀ ଛାତ୍ରୀ ଛାତ୍ର ମାନଙ୍କୁ ଉତ୍ସାହିତ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଜରପଡା, କୋରଡ଼ା,ଦୁର୍ଗାପୁର , ବାଲିପଟ୍ଟା, କତଡା, ତୁକୁଡା, ଜେରେଙ୍ଗ ଦେହୁରୀ ସାହି, ପରା, ଓଗି ଏବଂ କଞ୍ଚରା ଉଚ୍ଚ ବିଦ୍ୟାଳୟ ର ମୋଟ ୧୭୦ ଜଣ ଛାତ୍ରୀ ଛାତ୍ର କ୍ରୀଡାବିତ୍ ଅଂଶ ଗ୍ରହଣ କରିଥିଲେ । ଏଥିରେ ୬୮ ଜଣ କ୍ରୀଡାବିତ୍ ଛାତ୍ରୀ ଛାତ୍ର କୃତକାର୍ଯ୍ୟ ହୋଇ ବ୍ଲକ ସ୍ତରକୁ ଉନ୍ନୀତ ହୋଇଥିଲେ । ଏହି ଅବସରରେ ଶିକ୍ଷକ ଚିତ୍ତ ରଞ୍ଜନ ଦେହୁରୀ ମଞ୍ଚ ପରିଚାଳନା କରିଥିଲେ। କ୍ରୀଡା ପ୍ରତିଯୋଗିତା କୁ କ୍ରୀଡା ଶିକ୍ଷକ ଲୁଲୁ ପ୍ରାସାଦ ସାହୁ ପରିଚାଳନା କରିଥିଲେ ।

ଏଥିରେ କବାଡି, ଖୋକୋ, ୧ଶହ ମିଟର,୨ ଶହ ମିଟର,୪ ଶହ ମିଟର ଦୌଡ଼, ସର୍ଟ ଫୁଟ, ଡିସକସ୍ ଥ୍ରୋ, ଉଚ୍ଚ ଡିଆଁ, ଲମ୍ଫ ଡିଆଁ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷକ ଦେବଦତ୍ତ ସାହୁ, ପପନ୍ କୁମାର ମାଝି, ବିଭୂତି ଭୂଷଣ ବେହେରା, କ୍ରୀଡା ଶିକ୍ଷକ ମାନସ ରଞ୍ଜନ ପ୍ରଧାନ, ସୁରେଶ କୁମାର ସାହୁ ଙ୍କ ସମେତ ଯୋଗ ଦେଇଥିବା ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ମାନେ ସକ୍ରିୟ ସହଯୋଗ କରିଥିଲେ । ଶେଷରେ ବରିଷ୍ଠ ଶିକ୍ଷକ ମାନସ ରଞ୍ଜନ ପାଣିଗ୍ରାହୀ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut**

ସଂପାଦକ: ଶରତ ରାଉତ